


ସୁନ୍ଦରଙ୍କ ସୁନ୍ଦର ବୋଲିଂ
▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-20 •MONDAY •14 JULY 2025 •PAGE-12 •₹ 6.00 | SAMBALPUR | •ବର୍ଷ-୪୩ •ସଂଖ୍ୟା-୨୦ •ସୋମବାର •୧୪ ଜୁଲାଇ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


# ରାଜ୍ୟରେ 'ନିର୍ଯାତନା' ନିଆଁ


■ ଭୁବନେଶ୍ୱର/ବାଲେଶ୍ୱର, ୧୩।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀ ନିର୍ଯାତନା ନିଆଁରେ ସାରା ଓଡ଼ିଶା ଜଳୁଛି। ନିର୍ଯାତନାର ଶିକାର ଛାତ୍ରୀ ସରକାର, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ଉଚ୍ଚଶିକ୍ଷାମନ୍ତ୍ରୀ, ସ୍ଥାନୀୟ ସାଂସଦ, କଲେଜ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିବା ସତ୍ତ୍ୱେ କେହି କର୍ଣ୍ଣପାତ କଲେନାହିଁ। ଫଳରେ ସେ ଆତ୍ମଦାହ ପରି ଚରମ ନିଷ୍ପତ୍ତି ନେଇଛନ୍ତି। ତାଙ୍କ ଶରୀରର ୯୫ ଭାଗରୁ ଊର୍ଦ୍ଧ୍ୱ ପୋଡ଼ି ଯାଇଛି ଓ ସେ ଏମ୍‌ସରେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ତାଙ୍କର ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବା ଡାକ୍ତରଖାନା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

### ଫେରାଦ ହେବାକୁ ରାଷ୍ଟ୍ରପତିଙ୍କୁ ସମୟ ମାଗିଲେ ବିଜେଡି, କଂଗ୍ରେସ

### ଏମ୍‌ସରେ ସୌମ୍ୟାଶ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ମୁଖ୍ୟମନ୍ତ୍ରୀ

ଏହି ଘଟଣାରେ ଅଭିଯୁକ୍ତ ଅଧ୍ୟାପକଙ୍କୁ ଗିରଫ କରାଯାଇଛି ଓ ଅଧ୍ୟକ୍ଷଙ୍କୁ ନିଲମ୍ବିତ କରାଯାଇଛି । ମାତ୍ର କେଉଁ କାରଣ ପାଇଁ କଲେଜ କର୍ତ୍ତୃପକ୍ଷ ଓ ସରକାର ଏହି ଘଟଣାକୁ ଗୁରୁତ୍ୱହୀନ ମନେ କରି ନିରବ ରହିଲେ ତାହା ଏବେ ସମସ୍ତଙ୍କ ପାଇଁ ଚିନ୍ତା ଓ ଉଦ୍‌ବେଗର ବିଷୟ ହୋଇଛି। ଜଣେ ଛାତ୍ରୀଙ୍କୁ କଲେଜର ଜଣେ ଅଧ୍ୟାପକ ଯୌନ ଅନୁଗ୍ରହ ଦାବି କରିବା ଓ ପରୀକ୍ଷାରେ ବ୍ୟାକ୍ ଲଗାଇବାର ଧମକ ଦେବାପରି ସ୍ପର୍ଶକାତର ଘଟଣାକୁ କିପରି ବିଭାଗ ଗୁରୁତ୍ୱ ଦେଲା ନାହିଁ, ତାହା ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସମ୍ପୃକ୍ତ ଛାତ୍ରୀ ବିଜେପିର ଛାତ୍ରଶାଖା ଏବିଭିପିର ସଦସ୍ୟା ▶ପୃଷ୍ଠା-୭

## ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ




### ଭୟାନକ ରକ୍ତ ସଂକ୍ରମଣ ସହ କିଡନୀ ଅଚଳ
### ଦିଲ୍ଲୀ ଏମ୍‌ସ ପରାମର୍ଶକ୍ରମେ ଡାଏଲିସିସ୍
### ଚିକିତ୍ସା ପାଇଁ ଏମ୍‌ସର ୧୦ ଜଣିଆ କମିଟି

■ ଭୁବନେଶ୍ୱର, ୧୩।୭ (ସମିସ): ଆତ୍ମାହୁତି ଉଦ୍ୟମ କରି ଏମ୍‌ସରେ ଚିକିତ୍ସିତ ହେଉଥିବା ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଛି। ଜୀବନରକ୍ଷା ପ୍ରଣାଳୀ ମାଧ୍ୟମରେ ତାଙ୍କର ଚିକିତ୍ସା ଚାଲିଛି। ମାତ୍ର ସେ ଭୟଙ୍କର ରକ୍ତ ସଂକ୍ରମଣର ଶିକାର ହୋଇଛନ୍ତି ଓ ତାଙ୍କର କିଡ୍‌ନୀ କାମ କରୁନାହିଁ। ତେଣୁ ଦିଲ୍ଲୀ ଏମ୍ସର ବରିଷ୍ଠ ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ ଅନୁସାରେ ତାଙ୍କର ଡାଏଲିସିସ୍ କରାଯାଇଥିବା ଏମ୍‌ସର ବର୍ଣ୍ଣ ଓ ପ୍ଲାଷ୍ଟିକ ସର୍ଜରୀ ବିଭାଗ ମୁଖ୍ୟ ସଞ୍ଜୟ ଗିରି ସୂଚନା ଦେଇଛନ୍ତି। ଡାକ୍ତର ଶ୍ରୀ ଗିରି କହିଛନ୍ତି ଯେ ନିୟମିତ ବ୍ୟବଧାନରେ ପୀଡ଼ିତାଙ୍କର ରକ୍ତ ପରୀକ୍ଷା କରାଯାଉଛି। ରକ୍ତରେ ପୋଟାସିୟମ୍ ସ୍ତର ▶ପୃଷ୍ଠା-୭

### ଉଦ୍‌ବେଗ ପ୍ରକାଶ କଲେ ନବୀନ

## ରାଜ୍ୟପାଳ ହସ୍ତକ୍ଷେପ କରନ୍ତୁ



ଛାତ୍ରୀଙ୍କୁ ନ୍ୟାୟ ସୁନିଶ୍ଚିତ ଦାବି

ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା

■ ଭୁବନେଶ୍ୱର, ୧୩।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣାରେ ଗଭୀର ଉଦବେଗ ପ୍ରକାଶ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ଛାତ୍ରୀଜଣଙ୍କ କଲେଜ ଅଧ୍ୟକ୍ଷଙ୍କଠାରୁ ଆରମ୍ଭ କରି ଉଚ୍ଚଶିକ୍ଷା ମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ବାରମ୍ବାର ତାଙ୍କ ଅଭିଯୋଗ ଜଣାଇବା ସତ୍ତ୍ୱେ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ତେଣୁ ଏପରି ଏକ ସମ୍ବେଦନଶୀଳ ଘଟଣାରେ ରାଜ୍ୟପାଳ ହସ୍ତକ୍ଷେପ କରିବା ସହ ଛାତ୍ରୀଙ୍କୁ ନ୍ୟାୟ ଦେବାକୁ ନବୀନ ଦାବି କରିଛନ୍ତି। ରବିବାର ସୋସିଆଲ ମିଡ଼ିଆ ଆକାଉଣ୍ଟ 'ଏକ୍ସ'ରେ ନବୀନ କହିଛନ୍ତି ଯେ ଓଡ଼ିଶାର ଅନ୍ୟତମ ପ୍ରମୁଖ ବିଶ୍ୱବିଦ୍ୟାଳୟରେ ଜଣେ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣା ମୋତେ ▶ପୃଷ୍ଠା-୭

### ଡିଜିଙ୍କୁ ଜାତୀୟ ମହିଳା କମିଶନଙ୍କ ନିର୍ଦ୍ଦେଶ

## ୩ ଦିନରେ ରିପୋର୍ଟ ଦିଅ

■ ଭୁବନେଶ୍ୱର, ୧୩।୭ (ସମିସ): ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଜଣେ ଛାତ୍ରୀ ଆତ୍ମାହୁତି ଉଦ୍ୟମ ମାମଲାରେ ଜାତୀୟ ମହିଳା କମିଶନ ହସ୍ତକ୍ଷେପ କରିଛନ୍ତି। ନିଜ ଆଡୁ ମାମଲା ରୁଜୁ କରି ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକଙ୍କୁ ଅନୁସନ୍ଧାନ କରି କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ଲେଖିଛନ୍ତି। ତଦନ୍ତରେ କ'ଣ କାର୍ଯ୍ୟାନୁଷ୍ଠାନ ନେଲେ ସେନେଇ ରିପୋର୍ଟ ୩ ଦିନ ଭିତରେ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। କ୍ରାଇମବ୍ରାଞ୍ଚ ଡିଏସ୍‌ପି କହିଛନ୍ତି ଯେ ବାଲେଶ୍ୱର ଏଫ୍‌ଏମ୍ କଲେଜ ମାମଲାରେ ଆଜି କ୍ରାଇମବ୍ରାଞ୍ଚ ସିଏଡବ୍ଲ୍ୟୁ ଓ ସିଡବ୍ଲ୍ୟୁର ୨ ଜଣିଆ ଟିମ୍ ତଦନ୍ତ ଆରମ୍ଭ କରିଛନ୍ତି। କ୍ରାଇମବ୍ରାଞ୍ଚ ଡିଜିଙ୍କ ନିର୍ଦ୍ଦେଶରେ ନିଜ ପକ୍ଷରୁ ନିରୀକ୍ଷଣ ପାଇଁ ପହଞ୍ଚି ଘଟଣା ଉପରେ ଅନୁଧ୍ୟାନ କରିବୁ ବୋଲି ଡିଏସ୍‌ପି କହିଛନ୍ତି।

### ଭୋଟର ତାଲିକା ଯାଞ୍ଚ

## ସାରା ଦେଶରେ ବିହାର ଢାଞ୍ଚା

■ ନୂଆଦିଲ୍ଲୀ, ୧୩।୭ (ଏଜେନ୍ସି): ବିହାର ପରେ ଏବେ ସାରା ଦେଶରେ ଭୋଟର ତାଲିକା ଯାଞ୍ଚ ହେବ ବୋଲି ନିର୍ବାଚନ କମିଶନ କହିଛନ୍ତି। ତେଣୁ ଦେଶରେ ସ୍ପେଶାଲ ଇନ୍‌ଟେନ୍‌ସିଭ ରିଭିଜନ (ଏସ୍‌ଆଇଆର) କରିବାକୁ କମିଶନ ଲକ୍ଷ୍ୟ ରଖିଛନ୍ତି। ଏହାଦ୍ୱାରା ଭୋଟର ତାଲିକାର ସମସ୍ତ ତଥ୍ୟକୁ ଗମ୍ଭୀରତାର ସହ ଯାଞ୍ଚ କରାଯିବ। ଅଗଷ୍ଟ ମାସରୁ ଏହି ପ୍ରକ୍ରିୟା ଆରମ୍ଭ ହେବ। ଏ ସଂକ୍ରାନ୍ତରେ ନିର୍ବାଚନ କମିଶନ ସବୁ ରାଜ୍ୟରେ ଥିବା ନିଜର ନିର୍ବାଚନ ମେସିନାରୀ ତଥା କମିଶନକୁ ଆକ୍ଟିଭ କରିଛି।

ଜୁଲାଇ ୧୦ରେ ବିହାରରେ ଏସ୍‌ଆଇଭି ଜାରି ରଖିବାକୁ ସୁପ୍ରିମକୋର୍ଟ ଅନୁମତି ଦେବା ପରେ ନିର୍ବାଚନ କମିଶନ ଏହି ନିଷ୍ପତ୍ତି ନେଇଛନ୍ତି। ସୁପ୍ରିମକୋର୍ଟ ଏହି ପ୍ରକ୍ରିୟାକୁ ସାମ୍ବିଧାନିକ ବୋଲି ଅବିହିତ କରିଥିଲେ। ତେବେ ଦେଶରେ ଏକାଧିକ ରାଜନୈତିକ ଦଳ ତଥା ସଂଗଠନ ଏହି ରିଭିଜନ ବିରୋଧରେ ଏବେ ମଧ୍ୟ ନିଜର ଆଭିମୁଖ୍ୟକୁ ଜାରି ରଖିଛନ୍ତି ଓ ସୁପ୍ରିମକୋର୍ଟରେ ଏହାକୁ ଚ୍ୟାଲେଞ୍ଜ ମଧ୍ୟ କରିଥିଲେ। ଏହି ସ୍ପେଶାଲ ଇନ୍‌ଟେନସିଭ ରିଭିଜନ ଦ୍ୱାରା ଯୋଗ୍ୟ ନାଗରିକମାନେ ମଧ୍ୟ ନିଜ ଭୋଟଦାନ ଅଧିକାରରୁ ବଞ୍ଚିତ ହେବେ ବୋଲି ଏହି ଦଳଗୁଡିକ ଅଭିଯୋଗ ଆଣିଥିଲେ। ଜୁଲାଇ ୨୮ ପରେ ଏ ସଂକ୍ରାନ୍ତରେ କମିଶନ ଅନ୍ତିମ ନିଷ୍ପତ୍ତି ନେବ ବୋଲି କହିଛି। ଅବଶ୍ୟ ବିହାର ଏସ୍‌ଆଇଆର ରିଭିଜନ ମାମଲାରେ ସୁପ୍ରିମକୋର୍ଟର ଦ୍ୱିତୀୟଥର ପାଇଁ ଶୁଣାଣି ହେବାର କାର୍ଯ୍ୟକ୍ରମ ରହିଛି। ସେପଟେ କିଛି ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ନିଜ ରାଜ୍ୟରେ ଗତ ଏସ୍‌ଆଇଆର ପରେ ପ୍ରକାଶ ପାଇଥିବା ଭୋଟର ତାଲିକାକୁ ଜାରି କରିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ବିହାରର ଭୋଟର ତାଲିକାରେ ନେପାଳ ଓ ବାଂଲାଦେଶ ନାଗରିକଙ୍କ ନାମ ରହିଛି ବୋଲି ନିର୍ବାଚନ ଅଧିକାରୀମାନେ ଦାବି କରିଛନ୍ତି। ତାଲିକାରେ ପୁନଃନିରୀକ୍ଷଣ ପାଇଁ ଘରଘର ବୁଲିଛୁ ଓ ତାଲିକାରେ ନେପାଳ, ▶ପୃଷ୍ଠା-୭

## ବାଲେଶ୍ୱରରେ ଖୋଳତାଡ଼

### ଏଫ୍‌ଏମ୍ କଲେଜରେ ଉଚ୍ଚଶିକ୍ଷା ବିଭାଗ ଓ କ୍ରାଇମ୍‌ବ୍ରାଞ୍ଚ ଟିମ୍



### ନିଲମ୍ବିତ ଅଧ୍ୟକ୍ଷ ଓ ଆଇସିସି କମିଟି ସଦସ୍ୟଙ୍କୁ ଜେରା
### ପକ୍ଷ ରଖିବାକୁ ପୀଡ଼ିତାଙ୍କ ଭାଇକୁ ଦେଲେନି ସୁଯୋଗ
### ବିପଦ ଥିବା ଦର୍ଶାଇ ସୁରକ୍ଷା ଲୋଡ଼ିଲେ ନିଲମ୍ବିତ ଅଧ୍ୟକ୍ଷ

■ ବାଲେଶ୍ୱର, ୧୩।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଉଦ୍ୟମ ଘଟଣାକୁ ନେଇ ସାରା ରାଜ୍ୟ ଉଠୁଛିପଡୁଛି। ଏମ୍‌ସରେ ତାଙ୍କ ଚିକିତ୍ସା ଚାଲିଥିବା ବେଳେ ଅବସ୍ଥା ଏବେ ବି ସଂକଟାପନ୍ନ ରହିଛି। ଏପରି ସ୍ଥିତିରେ ଆଜି ଉଚ୍ଚଶିକ୍ଷା ବିଭାଗ ଓ କ୍ରାଇମବ୍ରାଞ୍ଚର ଦୁଇ ପୃଥକ୍ ଟିମ୍ ମହାବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଛନ୍ତି। ଏହି ତଦନ୍ତରେ ସାମିଲ ହେବା ପାଇଁ ସୌମ୍ୟାଶ୍ରୀଙ୍କ ଭାଇ ସୌମ୍ୟରଞ୍ଜନ ମଧ୍ୟ କଲେଜକୁ ଆସିଥିଲେ। ହେଲେ ତାଙ୍କୁ ପରେ ଡକାଯିବ ବୋଲି କହି ଫେରାଇ ଦିଆଯାଇଥିଲା। ସେହିପରି କଲେଜର ନିଲମ୍ବିତ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷ ନିଜ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ଏସ୍‌ପିଙ୍କୁ ପୁଲିସ୍ ସୁରକ୍ଷା ମାଗିଛନ୍ତି। ଏହାଛଡ଼ା ସେ ତଦନ୍ତରେ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିବେ ବୋଲି କହିଛନ୍ତି। ଅପରପକ୍ଷେ, ସୌମ୍ୟାଶ୍ରୀଙ୍କୁ ବଞ୍ଚାଇବାକୁ ଯାଇ ଗୁରୁତର ଆହତ ହୋଇଥିବା ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳଙ୍କ ଅଧିକ ଚିକିତ୍ସା ଲାଗି ଆଜି ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ କଟକକୁ ସ୍ଥାନାନ୍ତର କରାଯାଇଛି।

ସୂଚନାନୁଯାୟୀ, ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବିଭାଗର ଯୁଗ୍ମ ସଚିବ ମୌସୁମୀ ନାୟକ ଓ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରଫେସର୍ ଝୁମୁକି ରଥଙ୍କୁ ନେଇ ୩ଜଣିଆ ଏକ କମିଟି କଲେଜରେ ପହଞ୍ଚି ବିଭିନ୍ନ ଦିଗରୁ ଘଟଣାର ତଦନ୍ତ କରିଛନ୍ତି। କେଉଁ ପରିସ୍ଥିତିରେ ସୌମ୍ୟାଶ୍ରୀ ଆତ୍ମାହୁତି ▶ପୃଷ୍ଠା-୭

## ପ୍ରଜାକୋର୍ଟରେ ପୁଣି ବଳଦ ଦଣ୍ଡ



■ ନାରାୟଣପାଟଣା, ୧୩।୭ (ସମିସ): ଦୁହେଁ ଦୁହିଁଙ୍କୁ ଭଲ ପାଉଥିଲେ। ବିବାହ କରି ପରିବାର ଡରରେ ଗାଁ ଛାଡି ଆନ୍ଧ୍ରପ୍ରଦେଶ ପଳାଇଥିଲେ। କିଛି ଦିନ ଗାଁକୁ ଫେରିବା ପରେ ବିବାହକୁ ସ୍ୱୀକୃତି ମିଳିନଥିଲା। ଏକ ବୈଠକ ଆୟୋଜନ କରି ଗାଁ ଲୋକେ ପ୍ରେମୀଯୁଗଳଙ୍କୁ ଡାକିଥିଲେ। କିନ୍ତୁ ଗାଁରେ ପହଞ୍ଚିବା ପରେ ଉଭୟଙ୍କ ବେକରେ ଜୁଆଳି ପକାଇ ଗାଁ ଦାଣ୍ଡରେ ହଳ କରାଯାଇଥିଲା। ଶହଶହ ଗ୍ରାମବାସୀଙ୍କ ▶ପୃଷ୍ଠା-୭

### ଗଦାଗଦା ଅଭିଯୋଗକୁ ଚାପି ବସିଛି ଉଚ୍ଚଶିକ୍ଷା ବିଭାଗ

## ନ୍ୟାୟ ଅପେକ୍ଷାରେ ୧୪ ନିର୍ଯାତିତ ଛାତ୍ରୀ

■ ଭୁବନେଶ୍ୱର, ୧୩।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟାପକଙ୍କ ନିର୍ଯ୍ୟାତନା ସହି ନ ପାରି ଜଣେ ଛାତ୍ରୀଙ୍କ ଆତ୍ମଦାହ ଉଦ୍ୟମ ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ପୀଡ଼ିତା ଛାତ୍ରୀ ଜୀବନ ସହ ସଂଗ୍ରାମ କରୁଥିବାବେଳେ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବହୁ ଅଧ୍ୟାପକଙ୍କ ବିରୋଧରେ ଶାରୀରିକ ଓ ମାନସିକ ନିର୍ଯ୍ୟାତନାର ଅଭିଯୋଗ ଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଗତ କେଇ ମାସ ମଧ୍ୟରେ ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନରୁ ପ୍ରାୟ ୧୪ଟି ନିର୍ଯ୍ୟାତନା ଅଭିଯୋଗ ଆସିଥିଲେ ମଧ୍ୟ ସବୁ ଅଭିଯୋଗକୁ ଉଚ୍ଚଶିକ୍ଷା ବିଭାଗ ଚାପି ରଖିଛି। କାର୍ଯ୍ୟନୁଷ୍ଠାନ ତ ଦୂର କଥା, ଏ ସମ୍ପର୍କରେ ତଦନ୍ତ ନିର୍ଦ୍ଦେଶ ମଧ୍ୟ ଦିଆଯାଇ ନାହିଁ।

୨୦୨୪ ମସିହା ଡିସେମ୍ବରରେ ଖୋଦ୍ ରାଜଧାନୀରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜଣେ ଛାତ୍ରୀଙ୍କୁ ତତ୍କାଳୀନ କମ୍ପ୍ୟୁଟର୍ ବିଭାଗ ମୁଖ୍ୟ ଶାରୀରିକ ନିର୍ଯ୍ୟାତନା ଦେଇଥିବା ଅଭିଯୋଗ ହୋଇଥିଲା। ସିସିଟିଭି ଭିଡିଓ ଆଧାରରେ ସମ୍ପୃକ୍ତ ଅଧ୍ୟାପକଙ୍କୁ ଉଚ୍ଚଶିକ୍ଷା ବିଭାଗକୁ ବଦଳି କରି ପୁରସ୍କୃତ କରାଗଲା। ମାତ୍ର ଏଯାଏ ତଦନ୍ତ ସରୁନାହିଁ କି ଚୂଡ଼ାନ୍ତ ରିପୋର୍ଟ ଆସିନାହିଁ। ସେହିପରି ବିଜେବି କଲେଜର ଓଡ଼ିଆ

### ବାଲେଶ୍ୱର ଘଟଣା ପରେ ଚେତିବେ କି ରାଜ୍ୟ ସରକାର !

ବିଭାଗ ମୁଖ୍ୟଙ୍କ ବିରୋଧରେ ମଧ୍ୟ ନିର୍ଯ୍ୟାତନା ଅଭିଯୋଗ ଥିଲେ ମଧ୍ୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇନି। ରାଜଧାନୀର ଅନ୍ୟଏକ ଏକ ପ୍ରତିଷ୍ଠିତ ଉଚ୍ଚ ଶିକ୍ଷାନୁଷ୍ଠାନ ରାଜଧାନୀ ମହାବିଦ୍ୟାଳୟର ଇଂରାଜୀ ଏବଂ ପଦାର୍ଥ ବିଜ୍ଞାନ ଅଧ୍ୟାପକଙ୍କ ବିରୋଧରେ ଆସିଥିବା ଅଭିଯୋଗ ମଧ୍ୟ ଉଚ୍ଚଶିକ୍ଷା ବିଭାଗ ମାଡ଼ି ବସିଛି। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ସର୍ବାଧିକ ୪ଜଣ ଅଧ୍ୟାପକଙ୍କ ବିରୋଧରେ ଛାତ୍ରୀଙ୍କୁ ନିର୍ଯ୍ୟାତନା ଅଭିଯୋଗ ରହିଛି। ପଦାର୍ଥ ବିଜ୍ଞାନ ବିଭାଗର ୩ଜଣ ଅଧ୍ୟାପକ ଓ ରସାୟନ ବିଜ୍ଞାନ ଅଧ୍ୟାପକଙ୍କ ବିରୋଧରେ ଆସିଥିବା ନିର୍ଯ୍ୟାତନା ଅଭିଯୋଗ ସମ୍ପର୍କରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ପୂର୍ବରୁ ଅନଗୁଳ ଜିଲ୍ଲା ଆଠମଲ୍ଲିକ ମହାବିଦ୍ୟାଳୟ ଅର୍ଥନୀତି ଅଧ୍ୟାପକ, ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ଓ ଇଂରାଜୀ ଅଧ୍ୟାପକ, ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ହିନ୍ଦୀ, ଭୌତିକ ବିଜ୍ଞାନ ଓ ଜୀବବିଜ୍ଞାନ ଅଧ୍ୟାପକଙ୍କ ବିରୋଧରେ ଛାତ୍ରୀଙ୍କୁ ନିର୍ଯାତନା ଅଭିଯୋଗ ଉଚ୍ଚଶିକ୍ଷା ବିଭାଗ ନିକଟରେ ପହଞ୍ଚିଛି। ମାତ୍ର କୌଣସି ଘଟଣାରେ କିଛି ବି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ତେଣୁ ଏଫ୍‌ଏମ୍ କଲେଜ୍ ପରି ସମସ୍ତ ଛାତ୍ରୀ ଆତ୍ମାହୁତି ଉଦ୍ୟମ କରିବା ପରେ ଯାଇ ସରକାର କାର୍ଯ୍ୟାନୁଷ୍ଠାନ ନେବେ କି ବୋଲି ପ୍ରଶ୍ନ ଉଠିଛି।




ସକାଳ
THE SAKALA



## ଫକୀରମୋହନ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣା

# ରାଜ୍ୟବ୍ୟାପୀ ଆକ୍ରୋଶ, ପ୍ରତିବାଦ


ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ ଓ କୁଶପୁତ୍ତଳିକା ଦାହ


ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିବାକୁ ବିଜୁ ଯୁବ ଓ ଛାତ୍ର ଜନତା ଦଳର ରାଲି


ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ପୁଲିସ-ଯୁବ କଂଗ୍ରେସ କର୍ମୀ ମୁହାଁମୁହିଁ

## ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଲା ଯୁବ, ଛାତ୍ର ବିଜେଡି

ଭୁବନେଶ୍ୱର, ୧୩।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଜଣେ ଛାତ୍ରୀ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ ଘଟଣାରେ ରାସ୍ତାକୁ ଓହ୍ଲାଇଛି ବିଜୁ ଯୁବ ଓ ଛାତ୍ର ଜନତା ଦଳ। ଏହି ଘଟଣାରେ କଲେଜ କର୍ତ୍ତୃପକ୍ଷ ଓ ପୁଲିସ୍‌ର ନିଷ୍କ୍ରିୟତା ସରକାରର ଅସଲମୁଖା ଖୋଲି ଦେଇଥିବା ନେଇ ଦଳ ଅଭିଯୋଗ କରିଛି। ଏଥିସହ ଛାତ୍ରୀଙ୍କୁ ନ୍ୟାୟ ଓ ରାଜ୍ୟରେ ମହିଳା ଓ ଛାତ୍ରୀଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ସରକାର ବିପକ୍ଷରେ ଯୁବ ଓ ଛାତ୍ର ବିଜେଡିର କାର୍ଯ୍ୟକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିଛନ୍ତି। ଏହାସହ ଏଭଳି ଘଟଣା ପାଇଁ ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ରାଜ୍ୟ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଛି।



ବିଧାୟକ ଡଃ ବ୍ୟୋମକେଶ ରାୟ, ଦେବୀ ରଂଜନ ତ୍ରିପାଠୀଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଡ଼କୁ ଶତାଧିକ ବିଜୁ ଯୁବ ଓ ଛାତ୍ର ଜନତା ଦଳର ନେତୃତ୍ୱମାନେ ଧସେଇ ଆସିଥିଲେ। ପୁଲିସ୍ ସେମାନଙ୍କୁ ବାଧା ଦେବାରୁ ଧସ୍ତାଧସ୍ତି ଭଳି ସ୍ଥିତି ଉତ୍ପନ୍ନ ହୋଇଥିଲା।

ଦଳ ପକ୍ଷରୁ କୁହାଯାଇଛି ଯେ ଲୋକଙ୍କ ସରକାର କହୁଥିବା ବିଜେପି ଶାସନରେ ସାଧାରଣ ଜନତା ଅସୁରକ୍ଷିତ। 'ବର୍ଷ ଏକ ଉପଲବ୍ଧି ଅନେକ'ର ନାରା ଦେଉଥିବା ସରକାରରେ ମହିଳା ଓ ଛାତ୍ରୀ ସଂପୂର୍ଣ୍ଣ ଅସୁରକ୍ଷିତ। ଫକୀରମୋହନ ମହାବିଦ୍ୟାଳୟରେ ଗତକାଲି ଘଟିଥିବା ଏହି ଘଟଣା ସାରା ରାଜ୍ୟକୁ ସ୍ତବ୍ଧ କରିଦେଇଛି। ଅନ୍ୟ ଘଟଣା ଓ ମାମଲା ବେଳକୁ ବିଜେପି ସମର୍ଥିତ ଛାତ୍ର ସଂଗଠନ ଏବିଭିପି ଆନ୍ଦୋଳନ କରି ରାଜରାସ୍ତାକୁ ଆସୁଥିଲା ବେଳେ ଏଫ୍.ଏମ୍ କଲେଜରେ ଘଟିଥିବା ସଂଗୀନ ଘଟଣାକୁ ନେଇ କାହିଁକି ତତ୍ପରତା ପ୍ରକାଶ କରୁନାହିଁ ବୋଲି ଦଳ ପ୍ରଶ୍ନ କରିଛି। ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି, ବିଜେପି ସରକାର ନିଜର ଦୋଷ ତ୍ରୁଟିକୁ ତରବରିଆ ଭାବେ ଚାପିଦେବାକୁ ଚେଷ୍ଟା କରୁଛି।

ଦଳ ପକ୍ଷରୁ କୁହାଯାଇଛି ଯେ ଉକ୍ତ ମହାବିଦ୍ୟାଳୟର ଜଣେ ଅଧ୍ୟାପକ ତାଙ୍କଠାରୁ ଶାରୀରିକ ଅନୁଗ୍ରହ ଚାହୁଥିବା ନେଇ ଛାତ୍ରୀଜଣକ ଗତ ୧ ତାରିଖରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ହେଲେ ଅଧ୍ୟକ୍ଷ ଏହି ଅଭିଯୋଗକୁ ଗୁରୁତ୍ୱ ନ ଦେଇ କୌଣସି ତ୍ୱରିତ ପଦକ୍ଷେପ ନ ନେବାରୁ ଛାତ୍ରୀଜଣଙ୍କ ବାଧ ହୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ସେଠାରେ ମଧ ନ୍ୟାୟ ପାଇବାରେ ବିଫଳ ହେବାରୁ ସେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ବ୍ୟକ୍ତିଗତ ସାକ୍ଷାତ କରି ତାଙ୍କ ଦୁଃଖ ଜଣାଇଥିଲେ, ଯାହାକୁ ଶ୍ରୀ ଷଡ଼ଙ୍ଗୀ ଗଣମାଧ୍ୟମରେ ସ୍ୱୀକାର ମଧ୍ୟ କରିଛନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ ଯେ ଶ୍ରୀ ଷଡ଼ଙ୍ଗୀ ଛାତ୍ରୀ ଜଣଙ୍କୁ ନ୍ୟାୟ ଦେବା ପାଇଁ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ।

ଆହୁରି ମଧ ଛାତ୍ରୀଜଣଙ୍କ ବାରମ୍ବାର ସୋସିଆଲ ମିଡିଆରେ ବିଭାଗୀୟ ମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା। ଏଭଳି ବଡ଼ ଘଟଣାକୁ ହାଲୁକା ଭାବେ ନେବା ଦ୍ୱାରା ଦୀର୍ଘ ୧୨ଦିନ ଧରି ନ୍ୟାୟ ପାଇଁ ସଂଘର୍ଷ କରିବା ପରେ ଛାତ୍ରୀଜଣଙ୍କ ବାଧ ହୋଇ ଆତ୍ମାହୁତି ଭଳି ଚରମ ନିଷ୍ପତ୍ତି ନେଇଛନ୍ତି। ଛାତ୍ରୀଜଣଙ୍କ ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦର ଜଣେ ସଦସ୍ୟା ହୋଇଥିଲେ ମଧ ତାଙ୍କୁ ରାଜ୍ୟ ସରକାର ସୁରକ୍ଷା ଓ ନ୍ୟାୟ ଦେଇପାରିଲେ ନାହିଁ। ହେଲେ ଜଣେ ସାଧାରଣ ଛାତ୍ରୀ ଏହି ସରକାରଠାରୁ ସୁରକ୍ଷା ଓ ନ୍ୟାୟ କିଭଳି ଆଶା କରିବ ବୋଲି ଦଳ ପ୍ରଶ୍ନ କରିଛି। ଛାତ୍ରୀଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ବିଜୁ ଯୁବ ଓ ଛାତ୍ର ଜନତା ଦଳ ଲଢ଼େଇ ଜାରି ରଖିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଏହି ଘେରଉରେ ଅନ୍ୟମାନଙ୍କ ମଧ୍ୟରେ ଧୃତିରଂଜନ ମାର୍ଥା, ଏଲିନା ଦାସ, ବିଜୟ କେତନ ସାହୁ, ଜ୍ୟୋତ୍ସ୍ନାମୟୀ ପରିଡ଼ା, ଶୁଭ୍ରାଂଶୁ ନାରାୟଣ ମିଶ୍ର, ତାରିଣୀ ପ୍ରସାଦ ନାୟକ, ଇପ୍ସିତା ସାହୁ, ରଶ୍ମିରେଖା ମଲ୍ଲିକଙ୍କ ସମେତ ବହୁ ଛାତ୍ର ଓ ଯୁବ ନେତା ଅଂଶଗ୍ରହଣ କରିଥିଲେ।

## ଗର୍ଜିଲା ଯୁବ ଓ ଛାତ୍ର କଂଗ୍ରେସ

ଭୁବନେଶ୍ୱର,୧୩।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମହତ୍ୟା ଉଦ୍ୟମ ଘଟଣାରେ ଆଜି ପ୍ରଦେଶ ଯୁବ କଂଗ୍ରେସ ଓ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ମିଳିତ ଭାବେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରାଉ କରାଯାଇଛି। ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସ କର୍ମୀ ଏବଂ ପୁଲିସ ମଧ୍ୟରେ ପ୍ରାୟ ଘଣ୍ଟାଏ କାଳ ଧସ୍ତାଧସ୍ତି ହେବାପରେ ପୁଲିସ ବ୍ୟାରିକେଡକୁ ଆନ୍ଦୋଳନକାରୀମାନେ ଭାଙ୍ଗି ଦେଇଥିଲେ। ପୁଲିସ ସେଠାରୁ ଭ୍ୟାନ ଯୋଗେ ଆନ୍ଦୋଳନକାରୀମାନଙ୍କୁ ଉଠାଇ ନେଇଥିଲା।



ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିବା ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର କହିଥିଲେ ଯେ ବାଲେଶ୍ୱର ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମହତ୍ୟା ଉଦ୍ୟମ ଘଟଣାରେ ସଂପୂର୍ଣ୍ଣ ଭାବେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ଜିଲ୍ଲା ପୋଲିସ ପ୍ରଶାସନ ଦାୟୀ। ଅନ୍ୟପକ୍ଷରେ, ଉଚ୍ଚଶିକ୍ଷା ବିଭାଗକୁ ପରିଚାଳନା କରିବାରେ ବିଫଳ ଅଯୋଗ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ଏ ସମଗ୍ର ଘଟଣା ପାଇଁ ଦାୟୀ ଏବଂ ସେ ତୁରନ୍ତ ଇସ୍ତଫା ଦେବା ଦରକାର।

ସେହିଭଳି ପ୍ରଦେଶ ଛାତ୍ର କଂଗ୍ରେସର ସଭାପତି ଉଦିତ ପ୍ରଧାନ କହିଲେ ଯେ ମୋହନ ସରକାର ଏକ ଛାତ୍ରବିରୋଧୀ ସରକାର। ପୀଡ଼ିତା ସୌମ୍ୟାଶ୍ରୀ ବିଶି ନ୍ୟାୟ ପାଇବା ପାଇଁ କଲେଜର ଅଧ୍ୟକ୍ଷ, ଥାନା, ବାଲେଶ୍ୱର ସାଂସଦ, ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀ ସମସ୍ତଙ୍କୁ ଯୋଗାଯୋଗ କରିଛନ୍ତି। କିନ୍ତୁ ତାଙ୍କୁ ନ୍ୟାୟ ମିଳିନାହିଁ। ଶେଷରେ ହତାଶ ହୋଇ ସେ ଆତ୍ମଦାହ କରିବାପାଇଁ ନିଷ୍ପତ୍ତି ନେଲେ। ଏବିଭିପି ଛାତ୍ର ସଂଗଠନଙ୍କର ସେ ଜଣେ ସଭ୍ୟା ଥାଇ ମଧ ତାଙ୍କ ନିଜ ସଂଗଠନ ଓ ସରକାର ତାଙ୍କୁ ସୁରକ୍ଷା ଦେଇପାରିଲେ ନାହିଁ। ତେଣୁ ଓଡ଼ିଶାର ସମସ୍ତ କ୍ୟାମ୍ପସରେ ଛାତ୍ରୀମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଭୁବନେଶ୍ୱର ଲୋକସଭା କଂଗ୍ରେସ ପ୍ରାର୍ଥୀ ତଥା ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କହିଲେ ଯେ ଏହି ଘଟଣାରେ ଏବିଭିପି ଛାତ୍ର ସଂଗଠନର ଅସଲ ମୁଖା ଖୋଲିଯାଇଛି। ସୌମ୍ୟାଶ୍ରୀ ଆତ୍ମହତ୍ୟା ଘଟଣାରେ ଓଡ଼ିଶା ସରକାରଙ୍କର ସମସ୍ତ ସିଷ୍ଟମ ନିଷ୍କ୍ରିୟ ଓ ବଫଳ ବୋଲି ପ୍ରମାଣିତ। ସୁତରାଂ ଶିକ୍ଷାମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ସେ କହିଛନ୍ତି।

## 'ନାରୀଙ୍କୁ ସୁରକ୍ଷା ଦେବାରେ ସରକାର ବିଫଳ'

ଭୁବନେଶ୍ୱର,୧୩।୭ (ସମିସ): ଏଫ୍‌ଏମ୍ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି ମହିଳା କଂଗ୍ରେସ। ରବିବାର ଏହି ପ୍ରସଙ୍ଗରେ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି ଏକ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି ଯେ ପୀଡ଼ିତା ଏବେ ଗୁରୁତର ହୋଇ ଏମ୍ସ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଏହି ଘଟଣା ଓଡ଼ିଶାର ଶିକ୍ଷା, ପ୍ରଶାସନ ଓ ନାରୀ ସୁରକ୍ଷା ବ୍ୟବସ୍ଥାର ସମ୍ପୂର୍ଣ ବିଫଳତା ପ୍ରମାଣ କରୁଛି। ତେଣୁ ଉଚ୍ଚ ଶିକ୍ଷାମନ୍ତ୍ରୀ ଏହି ଘଟଣାରେ ଇସ୍ତଫା ଦେବା ସହ ଭାରାପ୍ରାପ୍ତ ଅଧ୍ୟକ୍ଷଙ୍କ ଗିରଫ ଓ ଜଣେ ଅଭିଜ୍ଞ ମହିଳା ବିଚାରପତିଙ୍କ ଦ୍ୱାରା ମାମଲାର ନ୍ୟାୟିକ ତଦନ୍ତ କରାଯାଉ ବୋଲି ଶ୍ରୀମତୀ ବାହୀନିପତି ଦାବି କରିଛନ୍ତି।




ଏହାସହିତ ପୀଡ଼ିତାଙ୍କୁ ଭେଟିବା ପାଇଁ ମହିଳା କଂଗ୍ରେସ ତରଫରୁ ଯାଇଥିବା ପ୍ରତିନିଧି ଦଳକୁ ଏବିଭିପିର ଜଣେ ରାଜ୍ୟ ସଦସ୍ୟା ଅଶାଳୀନ ବ୍ୟବହାର ପ୍ରଦର୍ଶନ ପୂର୍ବକ ଭିତରକୁ ଯିବା ପାଇଁ ଦେଉନଥିଲେ। ଏହା କ'ଣ ଏବିଭିପିର ଶିଷ୍ଟାଚାର ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାସହ ଆତ୍ମାହୁତି ଉଦ୍ୟମ କରିଥିବା ଛାତ୍ରୀଜଣଙ୍କ ତାଙ୍କ ଉପରେ ହୋଇଥିବା ନିର୍ଯାତନା ପ୍ରସଙ୍ଗରେ ସାଂସଦ, ବିଧାୟକ ଏବଂ ପୁଲିସକୁ ଜଣାଇଥିଲେ ବି କେହି ଏହାକୁ ଗୁରୁତ୍ୱର ସହ କାହିଁକି ନେଲେ ନାହିଁ ବୋଲି ନାରୀ ନ୍ୟାୟ ବାହିନୀ ଅବାହାକ ପ୍ରଫେସର ଗାୟତ୍ରୀ ବିଶ୍ୱାଳ ଉଦବେଗ ପ୍ରକାଶ କରିଛନ୍ତି। ଏହାସହ ସିଏମଓ, କେନ୍ଦ୍ର ଉଚ୍ଚ ଶିକ୍ଷାମନ୍ତ୍ରୀ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ, ମହିଳା କମିଶନଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ ସୁଦ୍ଧା ସେମାନେ ମଧ ଏହାକୁ ଗୁରୁତ୍ୱର ସହ ନେଇନାହାନ୍ତି ତେଣୁ କଂଗ୍ରେସ ଦଳ ଏହାକୁ ଦୃଢ଼ ନିନ୍ଦା କରୁଛି ବୋଲି ପିସିସି ମୁଖପାତ୍ର ସୋନାଲି ସାହୁ କ୍ଷୋଭ ପ୍ରକାଶ କରିଥିଲେ। ଡବଲ ଇଞ୍ଜିନ ସରକାରରେ ମହିଳାମାନେ ସୁରକ୍ଷିତ ନୁହନ୍ତି। ଯେଉଁମାନେ ନ୍ୟାୟ ପାଇଁ ଦାବି କରନ୍ତି ସେମାନେ ଦମନର ଶିକାର ହୁଅନ୍ତି ବୋଲି ମୁଖପାତ୍ର ଡଃ ମନୀଷା ଦାଶପଟ୍ଟନାୟକ କହିଛନ୍ତି।

## ଆଜି ବାଲେଶ୍ୱର ଗସ୍ତ କରିବ ପିସିସି ତଥ୍ୟ ଅନୁଧ୍ୟାନ କମିଟି

ଭୁବନେଶ୍ୱର,୧୩।୭ (ସମିସ): ଏଫ୍‌ଏମ୍ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାର ଅନୁଧ୍ୟାନ ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଏକ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରିଛନ୍ତି। ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ନାରୀ ନ୍ୟାୟ ବାହିନୀର ଆବହକ ପ୍ରଫେସର ଗାୟତ୍ରୀ ବିଶ୍ୱାଳ, ବିଧାୟକ ସୋଫିଆ ଫିର୍ଦୋସ, ପିସିସି ସାଧାରଣ ସମ୍ପାଦିକା ମଧୁସ୍ମିତା ସେଠୀ, ପ୍ରଦେଶ ମହିଳା କଂଗ୍ରେସ ଉପସଭାନେତ୍ରୀ ପ୍ରଣତି ମିଶ୍ର, ପିସିସି ମୁଖପାତ୍ର ଜୟଶ୍ରୀ ପାତ୍ର, ପିସିସି ସମ୍ପାଦିକା ଡା. ଦେବସ୍ମିତା ଶର୍ମା ଓ ମହିଳା କଂଗ୍ରେସ ନେତ୍ରୀ ସୁସ୍ମିତା ଘୋଷାଲ ପ୍ରମୁଖ ସଭ୍ୟ ରହିଛନ୍ତି। ଉକ୍ତ କମିଟି ସୋମବାର ବାଲେଶ୍ୱର ଗସ୍ତ କରି ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ଏକ ରିପୋର୍ଟ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଦାଖଲ କରିବାକୁ ପିସିସି ସଭାପତି ନିର୍ଦ୍ଦେଶ ଦେଇଛନ୍ତି।

## ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଇସ୍ତଫା ଦିଅନ୍ତୁ: ବିଜେଡି

ଭୁବନେଶ୍ୱର, ୧୩।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣାରେ ରାଜ୍ୟ ସରକାରଙ୍କ ଭୂମିକା ସନ୍ଦେହଜନକ। କେବଳ କିଛି କାର୍ଯ୍ୟାନୁଷ୍ଠାନ ନେଇ ଘଟଣାକୁ ରଫା ଦଫା କରିବାକୁ ସରକାର ଅପଚେଷ୍ଟା କରୁଛନ୍ତି ବୋଲି ଅଭିଯୋଗ କରିଛି ବିଜୁ ଜନତା ଦଳ।

ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡଃ ଲେନିନ ମହାନ୍ତି କହିଛନ୍ତି ଯେ ଛାତ୍ରୀ ଜଣକ ଜଣେ ଅଧ୍ୟାପକଙ୍କ ଦ୍ୱାରା ନିର୍ଯ୍ୟାତିତ ହେଉଥିବା ନେଇ ଜୁଲାଇ ୧ ତାରିଖ ଦିନ ସାମାଜିକ ଗଣମାଧ୍ୟମ 'ଏକ୍ସ' ରେ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ମାତ୍ର କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ସେ ଶନିବାର ଆତ୍ମାହୁତି ପରି ଚରମ ପଦକ୍ଷେପ ନେଲେ। ତେଣୁ କେଉଁ ରହସ୍ୟମୟ କାରଣ ପାଇଁ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଛାତ୍ରୀଙ୍କ ଅଭିଯୋଗକୁ କଲେ ତାହା ସନ୍ଦେହସୃଷ୍ଟି କରିଛି। ଘଟଣାକୁ ପୂର୍ବରୁ ଅବହେଳା କରିଥିବା ରାଜ୍ୟ ସରକାର ଏବେ ଏହାକୁ ଚାପି ଦେବାକୁ ଉଦ୍ୟମ କରୁଛନ୍ତି। ପୀଡିତା ଚିକିତ୍ସିତ ହେଉଥିବା ଏମ୍ସ ହସ୍ପିଟାଲରେ ପୀଡିତାଙ୍କୁ ବିଜେପି ଯୁବ କର୍ମୀମାନେ ଘେରି ରହିଛନ୍ତି। ପୀଡିତା ଛାତ୍ରୀ ଓ ତାଙ୍କ ପରିବାରକୁ ଭେଟିବା ପାଇଁ ଯାଉଥିବା ବିଭିନ୍ନ ସଂଗଠନର ବ୍ୟକ୍ତି ମାନଙ୍କୁ ଦୁର୍ବ୍ୟବାହାର ପ୍ରଦର୍ଶନ କରୁଛନ୍ତି। ଦୁର୍ବ୍ୟବହାର ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ରାଜ୍ୟ ସରକାର ଏହି ଘଟଣାରେ ସମ୍ପୂର୍ଣ୍ଣ ଭାବେ ଦାୟୀ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ଏହି ଘଟଣାର ନୈତିକ ଦାୟିତ୍ୱ ନେଇ ଇସ୍ତଫା ଦିଅନ୍ତୁ ବୋଲି ଡଃ ମହାନ୍ତି ଦାବି କରିଛନ୍ତି।

## ରାଷ୍ଟ୍ରପତିଙ୍କୁ ଫେରାଦ ହେବ ବିଜୁ ମହିଳା ଜନତା ଦଳ

ଭୁବନେଶ୍ୱର,୧୩।୭ (ସମିସ): ଓଡ଼ିଶାରେ ମହିଳାମାନେ ଅସୁରକ୍ଷିତ। ପ୍ରତିଦିନ ରାଜ୍ୟର କେଉଁଠି ନା କେଉଁଠି ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଖବର ଆସୁଛି। ନାରୀ ନିର୍ଯାତନା ଓ ମହିଳା ବିରୋଧୀ ହିଂସା ସାଧାରଣ ଘଟଣା ପାଲଟିଛି। ଏଫ୍‌ଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମାହୁତି ଘଟଣା ଏହାର ସଦ୍ୟତମ ଉଦାହରଣ ପାଲଟିଛି। ଏ ସମ୍ପର୍କରେ ବିଜୁ ମହିଳା ବିଜେଡି ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିବା ସହ ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସୁଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିବାକୁ ସମୟ ମାଗିଛି।



ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତ୍ରୀ ତଥା ବିରୋଧୀଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଓ ଟୁକୁନି ସାହୁ ପ୍ରମୁଖ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଘଟିଥିବା ଘଟଣାକୁ ନେଇ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଶ୍ରୀମତୀ ମଲ୍ଲିକ କହିଛନ୍ତି ଯେ ଏହି ସମ୍ବେଦନଶୀଳ ଓ ସ୍ପର୍ଶକାତର ଘଟଣାରେ ରାଜ୍ୟ ସରକାରଙ୍କ ଭୂମିକା ସନ୍ଦେହଜନକ। ନ୍ୟାୟ ପାଇଁ ପୀଡିତା ଛାତ୍ରୀ କଲେଜ କର୍ତ୍ତୃପକ୍ଷଙ୍କ ସହ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ବ୍ୟକ୍ତିଗତ ଭାବେ ଭେଟ ତାଙ୍କୁ ସହାୟତା କରିବାକୁ ଅନୁରୋଧ କରିଥିଲେ। ମାତ୍ର ତାଙ୍କୁ ନ୍ୟାୟ ମିଳିଲା ନାହିଁ ଓ ଆତ୍ମାହୁତି ପରି ଚରମ ପଦକ୍ଷେପ ପାଇଁ ସେ ନିଷ୍ପତ୍ତି ନେଲେ। ବିଜେପିର ଛାତ୍ର ଶାଖା ଏବିଭିପିର ସଦସ୍ୟ ଥିବା ସତ୍ତ୍ୱେ ତାଙ୍କୁ ନ୍ୟାୟ ମିଳିଲା ନାହିଁ ବୋଲି ପ୍ରମିଳା କହିଛନ୍ତି।

ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ଯେ କଲେଜ ଅଧ୍ୟକ୍ଷ ପୀଡିତା ଛାତ୍ରୀଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ଅଭିଯୁକ୍ତ ଅଧ୍ୟାପକଙ୍କ ସମ୍ମୁଖରେ ଅଭିଯୋଗ ପ୍ରତ୍ୟାହାର ସମ୍ପୃକ୍ତ ଛାତ୍ରୀଙ୍କୁ ନିର୍ଦ୍ଦେଶ ଦେବା ଚରମ ଲଜ୍ଜା ଓ କ୍ଷୋଭର ବିଷୟ। ଚିକିତ୍ସାଧୀନ ପୀଡିତା ଛାତ୍ରୀଙ୍କୁ ଏମ୍ସରେ ବିଜେପିର ଗୁଣ୍ଡାଶ୍ରେଣୀୟ ଯୁବକମାନେ ଜଗି ରହିଛନ୍ତି। ପୀଡ଼ିତାଙ୍କୁ ଭେଟିବାକୁ ଯାଉଥିବା ବିଭିନ୍ନ ସଙ୍ଗଠନର ବ୍ୟକ୍ତିମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହିତ ପୀଡ଼ିତାଙ୍କ ପରିବାର ସଦସ୍ୟଙ୍କ ସହିତ ଭେଟିବାରେ ରୋକୁଛନ୍ତି। ସେହିପରି ଟୁକୁନି ସାହୁ କହିଛନ୍ତି ଯେ କେବଳ ଏହି ଘଟଣା ନୁହେଁ ବରଂ ରାଜ୍ୟରେ ଗତ ୧୩ ମାସର ବିଜେପି ଶାସନରେ ମହିଳା ଓ ଛାତ୍ରୀମାନେ ଅସୁରକ୍ଷିତ ହୋଇ ପଡିଛନ୍ତି। ଓଡ଼ିଶାରେ ନାରୀ ସୁରକ୍ଷା ନେଇ ଆମେରିକାର ରାଷ୍ଟ୍ରପତିଙ୍କ ଟିପ୍ପଣୀ ଓଡିଶାକୁ ଦେଶ ବିଦେଶରେ ଲଜ୍ଜିତ ଓ ନିନ୍ଦିତ କରିଛି। ଗୋଟିଏ ପରେ ଗୋଟିଏ ଲଜ୍ଜ୍ୟାଜନକ ଘଟଣା ସାମ୍ନାକୁ ଆସୁଥିଲେ ମଧ ସରକାର ନିଦାବିଷ୍ଟ। ତେଣୁ ମହାମହିମ ରାଷ୍ଟ୍ରପତି ଦୁଇ ଦିନିଆ ଓଡିଶା ଗସ୍ତରେ ଆସୁଥିବାରୁ, ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ତାଙ୍କୁ ଭେଟି ରାଜ୍ୟରେ ବିପର୍ଯ୍ୟସ୍ତ ମହିଳା ସୁରକ୍ଷା ପ୍ରସଙ୍ଗରେ ତାଙ୍କ ସହିତ ଆଲୋଚନା ନିମନ୍ତେ ଅନୁରୋଧ କରାଯାଇଛି ବୋଲି ଶ୍ରୀମତୀ ସାହୁ କହିଛନ୍ତି।

### ସାମ୍ବାଦିକ ସମ୍ମିଳନୀରେ ଗର୍ଜିଲା ବିଜେଡି

## ଆଜି କଲେଜ, ଡିଆଇଜି ଅଫିସ ଆଗରେ ବିକ୍ଷୋଭ



ବାଲେଶ୍ୱର,୧୩।୭ (ସମିସ): ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଘଟିଥିବା ଘଟଣା ସାରା ଓଡ଼ିଶାର ପ୍ରତ୍ୟେକ କଲେଜ ଛାତ୍ରୀଙ୍କ ପାଇଁ ଅପମାନ। ନ୍ୟାୟ ନ ମିଳିବାରୁ ମହାବିଦ୍ୟାଳୟର ଛାତ୍ରୀ ଆତ୍ମାହୁତି ଉଦ୍ୟମ କରି ଏବେ ମୃତ୍ୟୁ ସହ ଲଢୁଛନ୍ତି। ବିଜେପି ସରକାର ଆସିବା ପରଠୁ ମହିଳାମାନଙ୍କ ଉପରେ ନିର୍ଯାତନା ଓ ଅତ୍ୟାଚାର ବଢ଼ିବାରେ ଲାଗିଛି। କେବଳ ଏହି ଘଟଣା ନୁହେଁ, ଗୋପାଳପୁର ଗଣଦୁଷ୍କର୍ମ ଘଟଣା ପରି ଅନେକ ଏବଂ ନିକଟରେ ବିଜେଡିର ବରିଷ୍ଠ ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ନୀଳଗିରି ବିଧାୟକଙ୍କ ଅପମାନଜନକ ମନ୍ତବ୍ୟ ମହିଳାଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟରେ ନାରୀଙ୍କୁ ଅପମାନ ଓ ବଢୁଥିବା ନାରୀ ବିରୋଧୀ ଅତ୍ୟାଚାରର ପ୍ରତିବାଦରେ ବିଜୁ ଜନତା ଦଳ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି ସରକାର ଉପରେ ବର୍ଷିଛି। ଏଥିରେ ଯୋଗଦେଇ ବିଜେଡିର ରାଜ୍ୟ ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି, ନାରୀଙ୍କୁ ଅପମାନ ଏବଂ ନିର୍ଯାତନାକୁ ନେଇ ସବୁବେଳେ ସ୍ୱର ଉତ୍ତୋଳନ କରିଛି ବିଜେଡି। ଆଗକୁ ମଧ ଏହି ଆନ୍ଦୋଳନ ମଜଭୁତ ହେବ। ଏହାର ପ୍ରତିବାଦରେ ଆସନ୍ତାକାଲି (ସୋମବାର) କଲେଜ ଏବଂ ଡିଆଇଜି ଅଫିସ ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ ହେବ। ଏଥିସହ ଏକ ଦାବିପତ୍ର ମଧ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

ସ୍ଥାନୀୟ ଉଦ୍ୟୋଗ ଭବନଠାରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଡ. ବ୍ୟୋମକେଶ ରାୟ, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ପୂର୍ବତନ ନୀଳଗିରି ବିଧାୟକ ସୁକାନ୍ତ ନାୟକ, ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଡ. ଲେଖାଶ୍ରୀ ସାମନ୍ତ ସିଂହାର, ପୂର୍ବତନ ସଦର ବିଧାୟକ ସ୍ୱରୂପ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ବିଜେପି ସରକାର ଉପରେ ବର୍ଷିଥିଲେ। ଶେଷରେ ସିମନ ଦାସ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ତାପସ ପାଣିଗ୍ରାହୀ, ତାପସ ପରିଡା, ଜୟରାମ ଦାସ ପ୍ରମୁଖ ମଧ ମଞ୍ଚାସୀନ ଥିଲେ।

## ଫକୀରମୋହନ କଲେଜରେ ଛାତ୍ରୀ ଆତ୍ମାହୁତି ଘଟଣା

# ଆଭ୍ୟନ୍ତରୀଣ କମିଟିର ନିରପେକ୍ଷତା ଉପରେ ପ୍ରଶ୍ନ

**ବାଲେଶ୍ୱର, ୧୩।୭(ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ସୌମ୍ୟାଶ୍ରୀ ବିଶି ଦୀର୍ଘ ୬ମାସ ଧରି ଶିକ୍ଷା ବିଭାଗର ଏଚ୍‌ଓଡି ସମୀର କୁମାର ସାହୁଙ୍କ ନିର୍ଯାତନା ସହି ନ ପାରି ଆତ୍ମାହୁତି ଉଦ୍ୟମ ଭଳି ଚରମ ନିଷ୍ପତ୍ତି ନେବା ଘଟଣା ପୂରା ରାଜ୍ୟବାସୀଙ୍କୁ ସ୍ତବ୍ଧ କରିଦେଇଛି। ପୀଡ଼ିତା ଛାତ୍ରୀ ଏବେ ଜୀବନ ସହ ସଂଗ୍ରାମ କରୁଛନ୍ତି। ଏହି ଘଟଣା ଏବେ ବିଭିନ୍ନ ଦିଗକୁ ଇଙ୍ଗିତ କରୁଛି। ଛାତ୍ରୀଜଣଙ୍କ ଆତ୍ମହତ୍ୟା ଉଦ୍ୟମ ପଛରେ କିଏ ଦାୟୀ, ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ନା କଲେଜ କର୍ତ୍ତୃପକ୍ଷ, ନା ଆଭ୍ୟନ୍ତରୀଣ କମିଟିର ସଦସ୍ୟ, ନା ଛାତ୍ରୀଜଣଙ୍କ ସଂଶ୍ଳିଷ୍ଟ ଛାତ୍ର ସଂଗଠନର ପ୍ରରୋଚନାର ଶିକାର ହେଲେ, ତାହା ଏବେ ସନ୍ଦେହ ଘେରରେ ରହିଛି। ଏହି ଘଟଣାକୁ ନେଇ ଏବେ ସାରା ରାଜ୍ୟ ହୁଲୁସ୍ଥୁଲ ହେଉଥିବା ବେଳେ ଉଚ୍ଚ ଶିକ୍ଷା ବିଭାଗକୁ ଏକ ଶକ୍ତ ଧକ୍କା ଲାଗିଛି।

ଅଧ୍ୟାପକଙ୍କ କେଳେଙ୍କାରୀ ଉପରେ ଘଣ୍ଟ ଘୋଡ଼ାଇବାର ମସୁଧା ହେବାରୁ ପୀଡ଼ିତା ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଭଳି ଚରମ ନିଷ୍ପତ୍ତି ନେଇଥିବା କୁହାଯାଉଛି। ତେଣୁ, କଲେଜ କର୍ତ୍ତୃପକ୍ଷ ପକ୍ଷରୁ ଗଠିତ ଆଭ୍ୟନ୍ତରୀଣ କମିଟିର କାର୍ଯ୍ୟଦକ୍ଷତା ଓ ନିରପେକ୍ଷତା ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କମିଟିରେ ଥିବା ସଦସ୍ୟମାନେ ଛାତ୍ରୀଙ୍କ ସମ୍ବେଦନଶୀଳ ଅଭିଯୋଗକୁ ଉପରଠାଉରିଆ ଭାବେ ତଦନ୍ତ କରି ରିପୋର୍ଟ ଦେବା ପରେ ଛାତ୍ରୀଜଣଙ୍କ ନିରାଶ ହୋଇପଡ଼ିଥିଲେ। ନ୍ୟାୟ ପାଇବା ପାଇଁ ସେ କଲେଜ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଦୃଷ୍ଟି ଆକର୍ଷଣ



କରିଥିଲେ। ସେ ନିଜେ ସଂଶ୍ଳିଷ୍ଟ ଥିବା ଏବିଭିପି ଛାତ୍ର ସଂଗଠନ ପକ୍ଷରୁ ଉକ୍ତ ଘଟଣାର ତଦନ୍ତ କରାଯାଇ ସଂପୃକ୍ତ ଶିକ୍ଷା ବିଭାଗର ବିଭାଗର ଏଚ୍‌ଓଡି ସମୀର କୁମାର ସାହୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଥିଲା। ଏପରିକି, ସୌମ୍ୟାଶ୍ରୀ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ମଧ୍ୟ ଦୃଷ୍ଟି ଆକର୍ଷଣ କରିବା ପରେ ସେ କଲେଜ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ ଗତକାଲି ଆଭ୍ୟନ୍ତରୀଣ କମିଟିର ରିପୋର୍ଟ ଅଭିଯୁକ୍ତ ଅଧ୍ୟାପକ ଶ୍ରୀ ସାହୁଙ୍କ ସପକ୍ଷରେ ଆସିବା ପରେ ଛାତ୍ରୀଙ୍କ ଉପରେ ଚାପ ପ୍ରୟୋଗ ଆରମ୍ଭ ହୋଇଥିଲା। ତାଙ୍କ କ୍ୟାରିୟରକୁ ନଷ୍ଟ କରିଦେବାର ଧମକ ଦେଇ ବାରମ୍ବାର ଆପୋଷ ବୁଝାମଣା କରିନେବାକୁ

### ଚରମ ନିଷ୍ପତ୍ତି ନେବାକୁ ଛାତ୍ରୀଙ୍କୁ ପ୍ରବର୍ତ୍ତାଇଲା କିଏ?

କଲେଜ କର୍ତ୍ତୃପକ୍ଷ ଚାପ ପକାଇଥିଲେ। ଗତକାଲି ଶେଷଥର ପାଇଁ କଲେଜ ଅଧ୍ୟକ୍ଷଙ୍କୁ ଭେଟି ସୌମ୍ୟାଶ୍ରୀ ଗୁହାରି କରିବା ପରେ ନିରାଶ ହେବା ପରେ ନିଜ ଦେହରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଦେଇଥିଲେ।

ଅପରପକ୍ଷେ, ଅଧ୍ୟକ୍ଷଙ୍କ ଚାମ୍ବରରୁ ଫେରିବା ପରେ ସୌମ୍ୟାଶ୍ରୀ ନିଜ ଉପରେ ପେଟ୍ରୋଲ ଢାଳିବା ବେଳେ ସେଠାରେ ଥିବା ଅନ୍ୟ ଛାତ୍ରଛାତ୍ରୀମାନେ ତାଙ୍କୁ ବଲବଲ କରି ଅନେଇଥିଲେ। କେହିକେହି ମୋବାଇଲ୍‌ରେ ଏହାର ଭିଡିଓ ମଧ୍ୟ କରିଥିଲେ। କିନ୍ତୁ ତାଙ୍କୁ ଅଟକାଇନଥିଲେ। ଏପରିକି, କଲେଜ କର୍ତ୍ତୃପକ୍ଷ ମଧ୍ୟ ତାଙ୍କୁ ବାରଣ କରିନଥିଲେ। ଫଳରେ ଏପରି ଏକ ବଡ଼ ଅଘଟଣ ଘଟିଗଲା ବୋଲି କୁହାଯାଉଛି। ତେଣୁ ଏହା ପଛରେ ଷଡ଼ଯନ୍ତ୍ରର ଗନ୍ଧ ବାରି ହେଉଛି।

ସୌମ୍ୟାଶ୍ରୀ ୪ବର୍ଷ ଧରି ଏବିଭିପିର କାର୍ଯ୍ୟକର୍ତ୍ତା ରହିଥିଲେ। ଏପରିକି ଛାତ୍ର ସଂଗଠନର ସମସ୍ତ କାର୍ଯ୍ୟରେ ନେତୃତ୍ୱ ନେଉଥିଲେ। ଏହି ଘଟଣା ଘଟିବା ପରେ ସଙ୍ଗଠନ ତାଙ୍କ ପଛରେ ରହିଥିବା ବେଳେ ବିଭିନ୍ନ ପ୍ରକାର କାର୍ଯ୍ୟ କରୁଥିଲେ। ହେଲେ ଛାତ୍ରୀଜଣଙ୍କ ସାଙ୍ଗରେ ପେଟ୍ରୋଲ ସହ ଦିଆସିଲି ଆଣି ନିଆଁ ଲଗାଇଥିବା ବେଳେ ଏହି ସଙ୍ଗଠନର ସହଯୋଗୀମାନେ କିପରି ଭାବେ ତାହା ଜାଣିପାରିଲେ ନାହିଁ? ତେଣୁ ସୌମ୍ୟାଶ୍ରୀଙ୍କୁ ଏପରି ଚରମ ପଦକ୍ଷେପ ନେବାକୁ କିଏ ପ୍ରବର୍ତ୍ତାଇଥିଲା ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅପରପକ୍ଷେ, ସୌମ୍ୟାଶ୍ରୀଙ୍କୁ ବିକଳ୍ପ ଆଇନଗତ ପଦକ୍ଷେପ ଓ ନ୍ୟାୟ ପ୍ରଦାନର ସୁନିଶ୍ଚିତତା କରାନଯିବାରୁ ଘଟଣା ଏଭଳି ଏକ ଚରମ ନିଷ୍ପତ୍ତି ଆଡ଼କୁ ମୁହାଁଇଲା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। କଲେଜରେ ବିଗତ କିଛିଦିନ ଧରି ଚାଲିଆସୁଥିବା କେଳେଙ୍କାରୀର ପର୍ଦ୍ଦାଫାସ ପାଇଁ ନିରପେକ୍ଷ ତଦନ୍ତ ହେଲେ ଆଗାମୀ ଦିନରେ ଫକୀରମୋହନ ମହାବିଦ୍ୟାଳୟର ବିଶ୍ୱସନୀୟତା ବଜାୟ ରହିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

## ନ୍ୟାୟିକ ତଦନ୍ତ ଦାବିକଲା ଏବିଭିପି

**ଭୁବନେଶ୍ୱର, ୧୩।୭(ସମିସ):** ଏଫ୍‌ଏମ୍ କଲେଜ ଘଟଣାରେ କଲେଜ ଅଧ୍ୟକ୍ଷ ଓ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି)ର ସମସ୍ତ ସଦସ୍ୟଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ଦାବି କରିଛି। ବହୁ ପୂର୍ବରୁ ଛାତ୍ରୀଙ୍କ ସମର୍ଥନରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ମଧ୍ୟ ଅଧ୍ୟକ୍ଷ ଅବହେଳା କରିଥିଲେ। ଏପରିକି ଆଇସିସି କମଟି ଘଟଣା ଚାପିବାକୁ ଉଦ୍ୟମ କରିଥିବା ରବିବାର ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ଏବିଭିପି ପକ୍ଷରୁ ୪ଟି ପ୍ରମୁଖ ଦାବି କରାଯାଇଛି। କଲେଜର ଅଧ୍ୟକ୍ଷଙ୍କୁ ତୁରନ୍ତ ଗିରଫ କରିବା ସହ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କ ତତ୍ତ୍ୱାବଧାନରେ ନ୍ୟାୟିକ ତଦନ୍ତ, ସମସ୍ତ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନରେ ଆଇସିସିର କାର୍ଯ୍ୟକାରୀ ହେଉଛି ନା ନାହିଁ ତାର ତଦନ୍ତ କରିବାକୁ ଏବିଭିପି ଦାବି କରିଛି।

## ତଦନ୍ତ କମିଟି ସଦସ୍ୟାଙ୍କୁ ନେଇ ଉଠିଲା ପ୍ରଶ୍ନ

**ଭୁବନେଶ୍ୱର, ୧୩।୭(ସମିସ):** ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାର ତଦନ୍ତ ପାଇଁ ଉଚ୍ଚଶିକ୍ଷା ବିଭାଗ ୩ ଜଣିଆ କମିଟି ଗଠନ କରିଛି। ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ରଙ୍କ ସମେତ ଯୁଗ୍ମ ସଚିବ ମୌସୁମୀ ନାୟକ ଓ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷା ଝୁମକି ରଥ ଏହି କମିଟିରେ ସ୍ଥାନ ପାଇଛନ୍ତି। ମାତ୍ର ବିଜେବି କଲେଜ ଅଧ୍ୟକ୍ଷାଙ୍କୁ ଏହି କମିଟିରେ ସାମିଲ କରିବାକୁ ପ୍ରଶ୍ନ ଉଠାଇଛନ୍ତି ଅନେକ ଅଭିଭାବକ ଓ ଛାତ୍ର। ବିଜେବି କଲେଜ ତତ୍କାଳୀନ କମ୍ପ୍ୟୁଟର୍ ସାଇନ୍ସ ବିଭାଗ ମୁଖ୍ୟଙ୍କ ବିରୋଧରେ ଛାତ୍ରୀଙ୍କୁ ଅସଦାଚରଣ ଓ ଶାରୀରିକ ନିର୍ଯ୍ୟାତନା ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ସମ୍ପୃକ୍ତ କଲେଜ ଅଧ୍ୟକ୍ଷା ଆତ୍ମାହୁତି ଉଦ୍ୟମ ଘଟଣାରେ କି ପ୍ରକାର ତଦନ୍ତ କରିବେ ବୋଲି ଅନେକ ପ୍ରଶ୍ନ କରିଛନ୍ତି।

ଗତ ଡିସେମ୍ବର ମାସରେ ତତ୍କାଳୀନ କମ୍ପ୍ୟୁଟର୍ ବିଭାଗ ମୁଖ୍ୟଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାନୁଆରୀ ୧୫ ତାରିଖରେ କଲେଜ ଅଧ୍ୟକ୍ଷାଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଦୁଇମାସ ପରେ ମଧ୍ୟ ତଦନ୍ତ ରିପୋର୍ଟ ଦାଖଲ ନ କରିବାରୁ ମାର୍ଚ୍ଚ ୧୯ ତାରିଖରେ ଆଉଥରେ ପୁନଃ ଚିଠି କରି ତୁରନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲା। ଏହାକୁ ପ୍ରାୟ ୪ମାସ ବିତିଥିଲେ ମଧ୍ୟ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନି କି ତଦନ୍ତ ସରିନାହିଁ। ଏହି ସମୟରେ ସମ୍ପୃକ୍ତ ଅଧ୍ୟାପକଙ୍କୁ ଶିକ୍ଷାଦାନର ବିରତ କରାଯାଇ ଉଚ୍ଚଶିକ୍ଷା ବିଭାଗରେ ପ୍ରଶାସନିକ କାର୍ଯ୍ୟରେ ନିୟୋଜିତ କରାଯାଇ ପୁରସ୍କୃତ କରାଯାଇଛି । ଏହି ପରିପ୍ରେକ୍ଷୀରେ ତଦନ୍ତ କମିଟି ସଦସ୍ୟା ତଥା ବିଜେବି ଅଧ୍ୟକ୍ଷା କି ପ୍ରକାର ତଦନ୍ତ କରିବେ ବୋଲି ପ୍ରଶ୍ନ ଉଠିଛି ।

## ରାଷ୍ଟ୍ରପତିଙ୍କୁ ଭେଟିବାକୁ ସମୟ ମାଗିଲେ ଭକ୍ତ

**ଭୁବନେଶ୍ୱର,୧୩।୭(ସମିସ):** ବାଲେଶ୍ୱର ଏଫ୍‌ଏମ୍ ସ୍ୱୟଶାସିତ ମହାବିଦ୍ୟାଳୟର ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାରେ ପିସିସି ସଭାପତି ଭକ୍ତ ଚରଣ ଦାସ ରାଷ୍ଟ୍ରପତିଙ୍କୁ ଭେଟିବାକୁ ସମୟ ମାଗିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପତ୍ର ଲେଖିଛନ୍ତି। ତାଙ୍କ ସହ ପ୍ରଦେଶ କଂଗ୍ରେସ କମିଟିର ୪ ଜଣ ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଶରତ ପଟ୍ଟନାୟକଙ୍କ ସମେତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ମଧ୍ୟ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିବେ ବୋଲି ସେ ଚିଠିରେ ଅବଗତ କରାଇଛନ୍ତି।

# ଏମ୍ସରେ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୧୩।୭(ସମିସ):** ଏମ୍ସରେ ଚିକିତ୍ସିତ ହେଉଥିବା ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆଜି ଦିଲ୍ଲୀରୁ ଫେରିବା ପରେ ସେ ଭୁବନେଶ୍ୱର ବିମାନ ବନ୍ଦରରୁ ସିଧାସଳଖ ଏମ୍‌ସକୁ ଯାଇ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏମ୍‌ସ ନିର୍ଦ୍ଦେଶକ ଓ ଚିକିତ୍ସା କରୁଥିବା ଡାକ୍ତରୀ ଦଳଙ୍କ ସହ ଆଲୋଚନା କରିଥିଲେ।

ମୁଖ୍ୟମନ୍ତ୍ରୀ ଏନେଇ ପ୍ରତିକ୍ରିୟା ରଖି କହିଛନ୍ତି ଯେ ପୀଡ଼ିତାଙ୍କ ଅବସ୍ଥା ବର୍ତ୍ତମାନ ଜଟିଳ ଅଛି। ଏକ ଡାକ୍ତରୀ ଟିମ୍ ଗଠନ କରାଯାଇ ତାଙ୍କର ଚିକିତ୍ସା କରାଯାଉଛି। ପୀଡ଼ିତାଙ୍କୁ ଦିଲ୍ଲୀ ଏମ୍‌ସ ପରି ଚିକିତ୍ସା ସେବା ଏଠାରେ ପ୍ରଦାନ କରାଯାଉଛି। ଆଗାମୀ ୨୪ ଘଣ୍ଟା ପୀଡ଼ିତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହାକୁ ନଜରରେ ରଖାଯାଇ ଦିଲ୍ଲୀ ଏମ୍‌ସର ଏକ ଟିମ୍ ସହ ଭର୍ଚ୍ଚୁଆଲ ମିଟିଂ ହେବ। ସେମାନଙ୍କ ପରାମର୍ଶ ଆଧାରରେ ତାଙ୍କୁ ସର୍ବୋତ୍କୃଷ୍ଟ ଚିକିତ୍ସା ସେବା ଯୋଗାଇ ଦିଆଯିବ। ଆବଶ୍ୟକ ହେଲ ତାଙ୍କୁ ଏୟାର ଲିଫ୍ଟ କରାଯାଇ ଦିଲ୍ଲୀ ଏମ୍‌ସ ନିଆଯିବ। ମାତ୍ର ଦିଲ୍ଲୀକୁ ନେବା ଭଳି ପରିସ୍ଥିତି ଏବେ ତାଙ୍କର ନାହିଁ। ପରିସ୍ଥିତିରେ ସୁଧାର ଆସିଲେ ଏନେଇ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ପୀଡ଼ିତା ଆଣିଥିବା ଅଭିଯୋଗ ସମ୍ପର୍କରେ ଉତ୍ତର ଦେଇ ତଦନ୍ତ ରିପୋର୍ଟ ଅନୁସାରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ବାଲେଶ୍ୱର ଘଟଣାକୁ ଗୁରୁତ୍ୱର ଭାବେ ନିଆଯାଇଛି ବୋଲି ବିମାନବନ୍ଦରରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ କହିଥିଲେ। ଆଗାମୀ ଦିନରେ ଏଭଳି ଘଟଣା କୌଣସି ଶିକ୍ଷାନୁଷ୍ଠାନରେ ନ ଘଟୁ, ସେଥିପାଇଁ ସ୍ୱତନ୍ତ୍ର ଭାବରେ ସରକାର ପ୍ରସଙ୍ଗକୁ ଗୁରୁତ୍ୱର ଭାବେ ନେଇଛନ୍ତି। ଉଚ୍ଚ ସ୍ତରୀୟ ତଦନ୍ତ କରି ଯେମିତି ଆଗୁଆ ପଦକ୍ଷେପ ନେଇ ହେବ, ତା'ଉପରେ ସରକାର ଗୁରୁତ୍ୱ ଦେବେ ବୋଲି ସେ କହିଛନ୍ତି।

## ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ବିଜେଡି ଟିମ୍



**ଭୁବନେଶ୍ୱର,୧୩।୭(ସମିସ):** ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ଭୁବନେଶ୍ୱର ସ୍ଥିତ ଏମ୍‌ସ ହସ୍ପିଟାଲ ଗସ୍ତ କର ଫକୀରମୋହନ ମହାବିଦ୍ୟାଳୟ ଆତ୍ମାହୁତି ଉଦମ୍ୟ କରିଥିବା ପୀଡିତାଙ୍କ ଚିକିତ୍ସା ବାବଦରେ ବୁଝିଛନ୍ତି। ମେଡିକାଲ ସୁପରିଟେଣ୍ଡେଣ୍ଟ ଦିଲୀପ ପରିଡା ଓ ଚିକିତ୍ସା କରୁଥିବା ଡାକ୍ତରୀ ଟିମ୍ ସହିତ ବିଜେଡି ନେତୃମଣ୍ଡଳୀ ଆଲୋଚନା କରିଛନ୍ତି। ଏହାସହିତ ପୀଡ଼ିତାଙ୍କ ପିତାମାତାଙ୍କୁ ସେମାନେ ଭେଟି ସମବେଦନା ଜଣାଇଛନ୍ତି। ଡଃ ଦିଲୀପ ପରିଡାଙ୍କ ସୂଚନା ଅନୁଯାୟୀ ପୀଡିତାଙ୍କୁ ଯଥାତିତ ଉତ୍ତମ ଚିକିତ୍ସା ପ୍ରଦାନ କରିବା ପାଇଁ ସର୍ବୋଚ୍ଚ ଉଦ୍ୟମ କରାଯାଉଛି। ଲାଇଫ୍ ସପୋର୍ଟରେ ରଖାଯାଇ ବର୍ତ୍ତମାନ ସେ କିଭଳି ଭାବରେ ସାଧାରଣ ଅବସ୍ଥାକୁ ଫେରିପାଇବେ ତାହା ଚେଷ୍ଟା କରାଯାଉଛି। କିଡନୀ, ହାର୍ଟ, ଲଙ୍ଗସ, ଏବଂ ଶ୍ୱାସନଳୀ ସମ୍ପୂର୍ଣ୍ଣ ଭାବରେ ପ୍ରଭାବିତ ହୋଇଛି। ଆଗାମୀ ୪୮ ଘଣ୍ଟାର ଅବଧି ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି ମେଡିକାଲ ସୁପରିଟେଣ୍ଡେଣ୍ଟ ଡଃ ଦିଲୀପ ପରିଡା ସୂଚନ ପ୍ରଦାନ କରିଛନ୍ତି। ପିତାମାତାଙ୍କୁ ଭେଟି ଆଶ୍ୱାସନା ଦେଇ ଉତ୍ତମ ଚିକିତ୍ସା ପାଇଁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବିଷୟରେ ବିଜେଡି ଟିମ୍ ଜଣାଇଛି। ଏହି ପ୍ରତିନିଧୀ ଦଳରେ ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକ, ସ୍ନେହାଙ୍ଗିନୀ ଛୁରିଆ, ଟୁକୁନି ସାହୁ, ସୁଲୋଚନା ଦାସ, ମଞ୍ଜୁଲତା କହଁର, ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ, ଲେଖାଶ୍ରୀ ସାମନ୍ତସିଂହାର, ସରୋଜ ମେହେର, ପ୍ରୀତିନନ୍ଦା ରାଉତରାୟ, ମାନସୀ ସୁନ୍ଦର ରାୟ, ଭାରତୀ ସିଂହ, ପ୍ରଭାସିନି ମହାନ୍ତି, ପୂଜା ମହାରଣା, ମିହିର ରାଉତଙ୍କ ସମେତ ଅନେକ ଯୁବ ନେତା ଓ ନେତ୍ରୀ ସାମିଲ ଥିଲେ।

# ବିଦ୍ୟୁତ୍ ଆଘାତରେ ମାଈ ହାତୀ ମୃତ

**ରେଢ଼ାଖୋଲ, ୧୩।୭ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ନାକଟିଦେଉଳ ରେଞ୍ଜ ସରାପାଲି ବିଟ୍ ଟିକିଲିପଡ଼ା ଗ୍ରାମ ଜଙ୍ଗଲ ଚାଷଜମି ନିକଟରେ ଶନିବାର ରାତିରେ ବିଦ୍ୟୁତ୍ ଆଘାତରେ ଏକ ମାଈ ହାତୀର ମୃତ୍ୟୁ ଘଟିଛି। ମୃତ ହାତୀର ଆନୁମାନିକ ବୟସ ୭ବର୍ଷ ହେବ ବୋଲି ବନ ବିଭାଗ କହିଛି।



ଘଟଣାସ୍ଥଳରେ ରେଢ଼ାଖୋଲ ବନଖଣ୍ଡ ଅଧିକାରୀ ଡ. ଏଲାବରେସନ କେ, ଏସିଏଫ୍ ଗଜେନ୍ଦ୍ର ଅନ୍ଦାଜ, ମାଳତୀଲତା ହାଁସଦା, ନାକଟିଦେଉଳ ରେଞ୍ଜ ଅଧିକାରୀ ଅଶ୍ୱିନୀ କୁମାର ବେହେରା, ଫରେଷ୍ଟର୍ ଅରୁଣ କୁମାର ବେହେରା ପ୍ରମୁଖ ପହଞ୍ଚି ତଦନ୍ତ କରୁଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେବା ପରେ ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର ଟିମ୍ ଆସି ତଦନ୍ତ କରିଛନ୍ତି। ପ୍ରାଣୀ ଚିକିତ୍ସା ବିଭାଗର ଅଧିକାରୀ ଆସିଲେ ଶବ ବ୍ୟବଚ୍ଛେଦ କରି ପୋତି ଦିଆଯିବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ଏହାକୁ ମିଶାଇ ଗୋଟିଏ ବର୍ଷ ମଧ୍ୟରେ ନାକଟିଦେଉଳ ସଦର ବନଖଣ୍ଡରେ ୫ଟି ହାତୀର ମୃତ୍ୟୁ ଘଟିଲାଣି। ୧୦ ମାସ ପୂର୍ବରୁ ଚହଟାପଦା ନିକଟରେ ଗୋଟିଏ ଏବଂ ୮ ମାସ ପୂର୍ବରୁ ଘୋଷରାମାଳ ଗ୍ରାମ ବୁରୋମାଳ ଜଙ୍ଗଲରେ ବିଦ୍ୟୁତ୍ ଆଘାତରେ ଆସି ୩ଟି ହାତୀର ମୃତ୍ୟୁ ଘଟିଥିଲା। ଉଭୟ ଘଟଣାରେ ବିଦ୍ୟୁତ୍ ହିଁ

- ବର୍ଷକରେ ମଲେଣି ୫ ହାତୀ
- ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ, ସ୍ୱତନ୍ତ୍ର ଟିମ୍‌ର ତଦନ୍ତ ଜାରି

ପ୍ରମୁଖକରଣ ବୋଲି ସ୍ପଷ୍ଟ ହୋଇଥିବା ଓ ବାରମ୍ବାର ବିଦ୍ୟୁତ ଆଘାତରେ ହାତୀଙ୍କ ଜୀବନ ଯିବା ବନ ବିଭାଗର ମୁଣ୍ଡବ୍ୟଥାର କାରଣ ସାଜିଛି। ଏହି ଘଟଣାରେ ଆମ୍ବବଗିଚା ଚାଷ ଜମି ନିକଟର ଜଣକୁ ଅଟକ ରଖି ତଦନ୍ତ କରାଯାଉଛି। ରେଢ଼ାଖୋଲ ବନଖଣ୍ଡ ନାକଟିଦେଉଳ ରେଞ୍ଜ ଅଞ୍ଚଳରେ ଦୀର୍ଘଦିନ ହେଲା ହାତୀପଲ ଉପଦ୍ରବ କରୁଥିବା ଦେଖିବାକୁ ମିଳିଛି। ଏନେଇ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରସାରଣ ପରେ ବି ବନବିଭାଗ ପକ୍ଷରୁ ସ୍ଥାୟୀ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏପରିକି, ଠିକ୍ ଭାବେ ପାଟ୍ରୋଲିଂ ହେଉନଥିବାରୁ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳୁଛି।

# ନାଗକୁ ଧରି ହସ୍ପିଟାଲରେ ପହଞ୍ଚିଲେ

**ବାରିପଦା,୧୩।୭(ସମିସ):** ସ୍ଥାନୀୟ ପିଆରଏମ୍ ହସ୍ପିଟାଲରେ ରବିବାର ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଜଣେ ବ୍ୟକ୍ତିଙ୍କୁ ସାପ କାମୁଡ଼ିବାରୁ ସେ ସାପକୁ ଧରି ହସ୍ପିଟାଲରେ ପହଞ୍ଚିଛନ୍ତି। ବ୍ୟକ୍ତିଜଣଙ୍କ ହେଲେ, ବାରିପଦା ସଦର ଥାନା ଅଧୀନ ଦାମୋଦରପୁର ଅଞ୍ଚଳର ରଘୁନାଥ ସିଂ (୪୫)।



ରଘୁନାଥ ରବିବାର ଅପରାହ୍ଣରେ ବିଲରେ ଚାଷ କାମ କରୁଥିବା ବେଳେ ଏକ ନାଗ ସାପ ତାଙ୍କ ହାତକୁ କାମୁଡ଼ିଥିଲା। କିନ୍ତୁ ଏଥିରେ ସେ ବିଚଳିତ ନ ହୋଇ ନାଗକୁ କାବୁ କରି ଏକ ଅଖାବୁରାରେ ଭର୍ତ୍ତି କରି ଚିକିତ୍ସା ପାଇଁ ପ୍ରାୟ ୩ଟା ବେଳେ ପିଆରଏମ ହସ୍ପିଟାଲରେ ପହଞ୍ଚିଥିଲେ। ତେବେ ହସ୍ପିଟାଲରେ ରଘୁନାଥଙ୍କୁ ଏଭଳି ଅବସ୍ଥାରେ ଦେଖି ଡାକ୍ତର, ନର୍ସ, ରୋଗୀ ଓ ଉପସ୍ଥିତ ଲୋକମାନେ ଭୟଭୀତ ହୋଇଯାଇଥିଲେ। ତୁରନ୍ତ ସାପ ଉଦ୍ଧାରକାରୀ ଟିମକୁ ଡକାଯାଇ ସାପକୁ ଉଦ୍ଧାର କରାଯାଇଥିଲା। ଏହାସହ ରଘୁନାଥଙ୍କ ଚିକିତ୍ସା ଆରମ୍ଭ କରାଯାଇଥିଲା। ହସ୍ପିଟାଲରେ ଚିକିତ୍ସା ପୂର୍ବରୁ କେଉଁ ସାପ ତାଙ୍କୁ ଦଂଶନ କରିଛି, ତାହା ଦର୍ଶାଇବା ପାଇଁ ରଘୁନାଥ ସାଥୀରେ ସାପକୁ ନେଇ ହସ୍ପିଟାଲକୁ ଆସିଥିଲେ ବୋଲି ସୂଚନା ଦେଇଛନ୍ତି। ଚିକିତ୍ସା ପରେ ସେ ସୁସ୍ଥ ଥିବା ଜଣାପଡ଼ିଛି।

## ଆସୁଛି ବଡ଼ ବର୍ଷା

**ଭୁବନେଶ୍ୱର,୧୩।୭(ସମିସ):** ଯୋଡ଼ା ଲଘୁଚାପ ପ୍ରଭାବରେ ରାଜ୍ୟରେ ପୁଣି ଆରମ୍ଭ ହୋଇଛି ବର୍ଷା। ବର୍ତ୍ତମାନ ଉତ୍ତର ମଧ୍ୟପ୍ରଦେଶର ମଧ୍ୟ ଭାଗ ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଗୋଟିଏ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିବା ବେଳେ ଉତ୍ତର ବଙ୍ଗୋପସାଗର ଅଞ୍ଚଳରେ ଅନ୍ୟ ଗୋଟିଏ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଦୁଇଟି ପୃଥକ୍ ଲଘୁଚାପ କ୍ଷେତ୍ର ଯୋଗୁଁ ରାଜ୍ୟରେ ଦୁଇ ଦିନ ଯାଏଁ ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ବର୍ଷାର ପ୍ରଭାବ ମୁଖ୍ୟତଃ ଉପକୂଳବର୍ତ୍ତୀ ଜିଲ୍ଲାରେ ରହିବାକୁ ଥିବା ବେଳେ କିଛି କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଆକଳନ କରାଯାଇଛି। ସୋମବାର ସମ୍ବଲପୁର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡା ଓ ବରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାକୁ ଥିବାରୁ ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି। ସେହିପରି ଅନୁଗୋଳ, ଢେଙ୍କାନାଳ, କଟକ, ନୟାଗଡ଼,ବୌଦ୍ଧ, ସୋନପୁର, ନୟାଗଡ଼, ଦେବଗଡ଼, ବଲାଙ୍ଗିର, କନ୍ଧମାଳ ଓ କଳାହାଣ୍ଡି, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା ,ଗଞ୍ଜାମ ଓ ଗଜପତି ଜିଲ୍ଲା ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି।

# ୧୦ ଗେଟ୍ ବନ୍ଦ କଲା ହୀରାକୁଦ

**ସମ୍ବଲପୁର, ୧୩।୭ (ସମିସ):** ହୀରାକୁଦ ଜଳଭଣ୍ଡାର ଆଜି ଆଉ ୧୦ଟି ଗେଟ୍ ବନ୍ଦ କରିଛି। ଆଜି ସକାଳ ୬ଟା ବେଳେ ୧୪ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଥିବା ବେଳେ ସନ୍ଧ୍ୟା ସୁଦ୍ଧା ପର୍ଯ୍ୟାୟକ୍ରମେ ୧୦ଟି ଗେଟ୍ ବନ୍ଦ କରିଦିଆଯାଇଛି। ଖବର ଲେଖା ହେବା ସୁଦ୍ଧା ଜଳସ୍ତର ୬୦୬.୬୦ ଫୁଟ୍ ଥିବା ବେଳେ ୪ଟି ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଛି।

### ଜଳସ୍ତର ୬୦୬.୬୦ ଫୁଟ୍

ସୂଚନାଯୋଗ୍ୟ, ହୀରାକୁଦର ଜଳସ୍ତର ୬୧୦ ଫୁଟ୍‌ରେ ପହଞ୍ଚିଥିବା ବେଳେ ଗତ ୬ ତାରିଖରେ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇଥିଲା। ନିଷ୍କାସନ ଯୋଗୁଁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଖସିଛି। ହୀରାକୁଦ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ, ଜୁଲାଇ ୩୧ ସୁଦ୍ଧା ଜଳସ୍ତର ୬୦୫ ଫୁଟ୍ ରହିବା ଆବଶ୍ୟକ। ରବିବାର ସନ୍ଧ୍ୟା ୬ଟାରେ ଜଳଭଣ୍ଡାରର ଜଳସ୍ତର ୬୦୬.୬୦ ଫୁଟ ରହିଛି। ନଦୀବନ୍ଧର ବାମ ପଟର ୩ଟି ଓ ଡାହାଣ ପଟର ଗୋଟିଏ ଏହିଭଳି ମୋଟ୍ ୪ଟି ସ୍ଲୁଇସ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୫୪,୪୧୨ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧,୧୬,୬୭୨ ଘନଫୁଟ, ପାୱାର ଚେନାଲ ଦେଇ ୩୪୧୬୧ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୪



ଘନଫୁଟ, କେନାଲ ପାଇଁ ୩୩୪୫ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ପଥର୍ଲାଠାରେ ୨୪୯୭୭ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ଖଇରମାଳଠାରେ ୩୧୦୦୦୦ କ୍ୟୁସେକ୍, ବାରମୁଲଠାରେ ୨୭୨୫୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୩୩୧୯୭୩ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ଗତ ୨୪ଘଣ୍ଟାରେ ଉପରମୁଣ୍ଡରେ ୧.୦୪ମିମି ଏବଂ ତଳମୁଣ୍ଡରେ ୩.୯୫ ମିମି ବର୍ଷା ହୋଇଥିବା ଜଣାପଡ଼ିଛି।

## ଆସୁଛନ୍ତି ରାଷ୍ଟ୍ରପତି

# ଓପାଡ଼ିଦେଲେ ଶହେ ଗଛ

**ଭୁବନେଶ୍ୱର,୧୩।୭(ସମିସ):** ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଗଛ ଓପାଡ଼ିଦେଲେ। ଗୋଟିଏ କିମ୍ବା ଦୁଇଟି ନୁହେଁ, ଏକ କିଲୋମିଟର ବ୍ୟାପି ଲାଗିଥିବା ପ୍ରାୟ ଶହେ ଗଛ ଉପରେ ପ୍ରଶାସନ ବୁଲ୍‌ଡୋଜର୍ ଚଲାଇଦେଲା।

### ଏମ୍ସ ପାର୍ଶ୍ୱବର୍ତ୍ତୀ ସବୁଜିମାକୁ ଚ୍ୟାଲେଞ୍ଜ

### ସୁରକ୍ଷା ବାହାନାରେ ଜବରଦଖଲ ସୁଯୋଗ

ଗଛଗୁଡ଼ିକୁ ମୂଳରୁ ଓପାଡି ଫୋପାଡ଼ି ସେହି ସ୍ଥାନରେ କବର ଦେଇଦେଲା। ଏଭଳି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବର୍ଷକ ତଳେ ଲଗାଇଥିବା ଏହି ଗଛଗୁଡ଼ିକ ରାଷ୍ଟ୍ରପତିଙ୍କ ଗସ୍ତର ସୁରକ୍ଷା ନିଶ୍ଚିତ କରିବାକୁ ଉପୁଡ଼ା ଯାଇଥିବା କୁହାଯାଉଥିବାବେଳେ ଏହା ଏମ୍‌ସ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ସବୁଜିମାକୁ କିଭଳି ଚ୍ୟାଲେଞ୍ଜ ସୃଷ୍ଟି କରୁଛି ତାହା ସ୍ପଷ୍ଟ ପ୍ରତୀୟମାନ। ଅନ୍ୟପକ୍ଷରେ ସୁରକ୍ଷା ଏବଂ ସଫେଇ ଆଳରେ ପ୍ରଶାସନର ପରିବେଶ ବିରୋଧୀ କାର୍ଯ୍ୟକଳାପ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ସେହିପରି ସୁରକ୍ଷା ବାହାନାରେ ଗଛ ଉପଡ଼ାଯାଇଥିବା ସ୍ଥାନରେ ଜବରଦଖଲ ପାଇଁ କିଭଳି ସୁଯୋଗ ସୃଷ୍ଟି କରାଗଲା



ତାହାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ରାଷ୍ଟ୍ରପତି ସୋମବାର ଏମ୍‌ସ ଗସ୍ତରେ ରହିବେ। ଏଥିପାଇଁ ଏମ୍‌ସ ଅଣ୍ଡରପାସ୍‌ରୁ ଏମ୍‌ସ ମଧ୍ୟରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡି କରାଯିବା ସହ ସଫେଇକୁ ବିଶେଷ ଭାବେ ଗୁରୁତ୍ୱ ଦିଆଯାଇଛି। ସୁରକ୍ଷା ଏବଂ ସଫେଇ ଆଳରେ ୧କିଲୋମିଟର ରାସ୍ତାରେ ବୁଲଡୋଜର୍ ଚଲାଇ ଦିଆଗଲା। ଶହେରୁ ଊର୍ଦ୍ଧ୍ୱ ଗଛକୁ ଓପାଡ଼ି ଦିଆଗଲା। ପ୍ରଶାସନ ପକ୍ଷରୁ ବର୍ଷେ ତଳେ ବର୍ଷା ଋତୁରେ ଏହି ଗଛଗୁଡ଼ିକୁ ପୋତି ଫଟୋ ଉଠାଯାଇଥିଲା। ସବୁଜିମା ସୃଷ୍ଟି ଲାଗି ସରକାରଙ୍କ ଏହି ପଦକ୍ଷେପକୁ ନେଇ ଅଞ୍ଚଳବାସୀ ପ୍ରଶଂସା କରିଥିଲେ। ବର୍ଷେ ଭିତରେ ଗଛଗୁଡ଼ିକର ଉଚ୍ଚତା ୬ରୁ ୮ ଫୁଟ୍ ହୋଇଯାଇଥିଲା। ଗଛ ଗୁଡ଼ିକର ସୁରକ୍ଷା ପାଇଁ ବିଏମ୍‌ସି ପ୍ଲାଷ୍ଟିକ୍ ବ୍ୟାରିକେଡିଂ କରିଥିଲା। ଏହି ବ୍ୟାରିକେଡ୍‌ରେ ସବୁଜ ଭୁବନେଶ୍ୱର, ଆହ୍ୱାନ ବୃକ୍ଷରୋପଣର ବୋଲି ପୋଷ୍ଟର ବି ଲାଗିଥିଲା। ହେଲେ ବିଏମ୍‌ସିର 'ଆହ୍ୱାନ ବୃକ୍ଷରୋପଣର' ନାରା ଏବଂ ପରିଶ୍ରମ ଗୋଟିଏ ବର୍ଷ ମଧ୍ୟରେ ଫସରଫାଟିଗଲା। ଚଳିତବର୍ଷ ଠିକ୍ ବର୍ଷା ସମୟରେ ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ସେହି ଗଛକୁ ପ୍ରଶାସନ ଓପାଡ଼ି ଦେଲା।

ମିଳିଥିବା ସୂଚନା ମୁତାବକ, ବିଏମ୍‌ସିର ପରିବେଶ ବିଭାଗ ପ୍ରତ୍ୟେକ ଗଛର ରକ୍ଷଣାବେକ୍ଷଣ ପାଇଁ ୯ହଜାର ଟଙ୍କା ଖର୍ଚ୍ଚ କରୁଛି। ଏହି ଗଛଗୁଡ଼ିକ ପାଇଁ ବିଏମ୍‌ସି ଏ ପର୍ଯ୍ୟନ୍ତ ପ୍ରାୟ ୯ଲକ୍ଷ ଟଙ୍କା ଖର୍ଚ୍ଚ କରିସାରିଲାଣି। ରାଷ୍ଟ୍ରପତିଙ୍କ ସୁରକ୍ଷା ଏବଂ ସଫେଇ ଆଳରେ ୯ଲକ୍ଷ ଏବେ ସ୍ୱାହା ହୋଇଗଲା। ଏପରିକି ଗଛ କ'ଣ ପାଇଁ ଉପୁଡ଼ାଗଲା ବିଏମ୍‌ସିର ବିଭାଗୀୟ ଅଧିକାରୀଙ୍କ ପାଖରେ ଖବର ବି ନାହିଁ। ଏ ସମ୍ପର୍କରେ ବିଏମ୍‌ସିର ବିଭାଗୀୟ ଅଧିକାରୀ ଅତିରିକ୍ତ କମିସନର କୈଳାସ ଚନ୍ଦ୍ର ଦାସ କହିଛନ୍ତି କେଉଁ କାରଣ ପାଇଁ ଗଛ ଓପଡ଼ା ଯାଇଛି ତାହା ସ୍ପଷ୍ଟ ହୋଇନାହିଁ।

ରାସ୍ତା କଡ଼ ବୃକ୍ଷରୋପଣ ଦ୍ୱାରା ରାଜଧାନୀରେ ସବୁଜ ବଳୟ ସୃଷ୍ଟି ହେବା ସହ ସରକାରୀ ଜମି ଜବରଦଖଲମୁକ୍ତ ରହୁଛି। ଏହି ରାସ୍ତାରେ ଗଛ ଲାଗିବା ଦ୍ୱାରା ସରକାରୀ ଜମି ଜବରଦଖଲ ହୋଇପାରୁ ନ ଥିଲା। ଏବେ କିନ୍ତୁ ଏହି ସ୍ଥାନଗୁଡ଼ିକରୁ ଗଛ ମୁକ୍ତ ହେବା ଯୋଗୁଁ ଏଠାରେ ଜବରଦଖଲ ଆରମ୍ଭ ହୋଇଯିବ। ସୁରକ୍ଷା ଏବଂ ସଫେଇ ବାହାନାରେ ସରକାରୀ ଜମି ଜବରଦଖଲର ସୁଯୋଗ ସୃଷ୍ଟି କରାଗଲା ବୋଲି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି।

## ଆଜି ଶ୍ରାବଣ ମାସର ପ୍ରଥମ ସୋମବାର

# ଚଳଚଞ୍ଚଳ ଶୈବପୀଠ; ବେଦବ୍ୟାସ ପୀଠରେ ସ୍ୱତନ୍ତ୍ର ବ୍ୟବସ୍ଥା






ରାଉରକେଲା, ୧୩।୭ (ସମିସ)

ପବିତ୍ର ଶ୍ରାବଣ ମାସର ପ୍ରଥମ ସୋମବାରରେ ଜଳ ଲାଗି ପାଇଁ ଚଳଚଞ୍ଚଳ ରାଉରକେଲା ସମେତ ଜିଲ୍ଲାର ପ୍ରତ୍ୟେକ ଶୈବପୀଠ। ବିଶେଷ କରି ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ କାଂଶବାହାଲ ସ୍ଥିତ ଘୋଘଡ ଶୈବପୀଠ, ବେଦବ୍ୟାସ ଶୈବପୀଠ, ତରକେରା ଶୈବପୀଠ, ବାବା ବାଣେଶ୍ୱର ଶୈବପୀଠ ଆଦି ସ୍ଥାନରେ ମହାଦେବଙ୍କ ଠାରେ ଜଳ ଲାଗି ପାଇଁ ହଜାର ହଜାର ଶ୍ରଦ୍ଧାଳୁ, କାଉଁଡିଆଙ୍କ ଭିଡ ହେବାର ସମ୍ଭାବନା ଥିବାରୁ ସମ୍ପୃକ୍ତ ଶୈବପୀଠଗୁଡିକରେ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଉଲ୍ଲେଖଯୋଗ୍ୟ, ଶ୍ରାବଣ ଆସିଲେ ଶୈବ ପୀଠ କାଉଡ଼ିଆଙ୍କ ଭିଡ଼ରେ ଉଛୁଳି ପଡେ। ବିଭିନ୍ନ ଘାଟରୁ ପାଣି ଉଠାଇ କାଉଡ଼ିଆ ମାନଙ୍କ ଧାଡ଼ି ଲମ୍ବି ଥାଏ ରାସ୍ତାରେ। କାଉଡ଼ିଆଙ୍କ ପ୍ରମୁଖ ପେଣ୍ଠସ୍ଥଳୀ ପାଲଟି ଥାଏ ରାଉରକେଲା ସହର। ବେଦବ୍ୟାସ ଘାଟରୁ ଜଳଭାର ନେଇ କାଉଡ଼ିଆମାନେ ଯାତ୍ରା ଆରମ୍ଭ କରନ୍ତି। ଆସନ୍ତାକାଲି ୧୪ ତାରିଖ ପ୍ରଥମ ସୋମବାର। କାଉଡିଆଙ୍କ ଜଳ ଯାତ୍ରା ପାଇଁ ରାଉରକେଲା ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ରାଉରକେଲା ମହାନଗର ନିଗମ ପକ୍ଷରୁ ବେଦବ୍ୟାସ ପୀଠରେ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଛି। ଏହାସହ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। କାଉଡ଼ିଆମାନେ ଶୃଙ୍ଖଳିତ ଭାବେ ବ୍ରାହ୍ମଣୀ ନଦୀରୁ କିଭଳି ଜଳ ଉଠାଇବେ ସେନେଇ ପ୍ରଶାସନ ପକ୍ଷରୁ ଆଗୁଆ ପ୍ରସ୍ତୁତି କରାଯାଇଛି। ରାଉରକେଲାର ବେଦବ୍ୟାସ ପୀଠରେ ଜୁଲାଇ ୧୪ରୁ ଏହି ଶ୍ରାବଣୀ ମେଳା ଆୟୋଜନ କରାଯିବ। ଅଗଷ୍ଟ ୪ ତାରିଖ ଯାଏଁ ଏହି ମେଳା ଚାଲିବ। ଆଖପାଖ ଅଞ୍ଚଳର ବହୁ ମାନସିକ ବ୍ରତଧାରୀମାନେ ବେଦବ୍ୟାସ ପୀଠରୁ ପାଣି ଉଠାଇ ବିଭିନ୍ନ ଶୈବ ପୀଠ ଅଭିମୁଖେ ଯାତ୍ରା



କରିଥାନ୍ତି। ତା'ଛଡ଼ା ବେଦବ୍ୟାସ ସ୍ଥିତ ଶିବ ମନ୍ଦିରକୁ ମଧ ବିଭିନ୍ନ ସ୍ଥାନରୁ ବିଶେଷ କରି ପଡୋଶୀ ରାଜ୍ୟ ଝାଡଖଣ୍ଡ, ପଶ୍ଚିମବଙ୍ଗରୁ କାଉଡିଆମାନେ ପାଣି ଭାର ନେଇ ଆସିଥାନ୍ତି। ସପ୍ତାହର ପ୍ରତ୍ୟେକ ରବିବାର ଏବଂ ସୋମବାର ଭିଡ ହେବାର ସମ୍ଭାବନା ରହିଛି। ତେଣୁ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ଆବଶ୍ୟକ ମୁତାବକ ମହିଳା ପୁଲିସ ଏବଂ ସ୍ୱେଚ୍ଛାସେବୀଙ୍କୁ ମୁତୟନ କରାଯାଇଛି। ସେହିପରି ବେଦବ୍ୟାସଠାରେ ମୁଖ୍ୟ ରାସ୍ତାର ଟ୍ରାଫିକ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବା ପାଇଁ ମୁଖ୍ୟ ମାର୍ଗରେ ଗାଡି ପାର୍କିଂକୁ ନିଷେଧ କରାଯାଇଛି। ଏହାସହ ଦୁର୍ଘଟଣାକୁ ଏଡାଇବାକୁ ଯାଇ ବେଦବ୍ୟାସ ପୋଲ ନିକଟରେ ଥିବା ରେଳ ଧାରଣାରେ ଲୋକମାନଙ୍କ ଯାତାୟାତକୁ ମଧ ନିଷେଧ କରାଯାଇଛି। ଏତଦ୍‌ବ୍ୟତୀତ ଶ୍ରଦ୍ଧାଳୁଙ୍କ ସମାଗମକୁ ଲକ୍ଷ୍ୟ କରି ନଦୀ ଘାଟରେ ବ୍ୟାରିକେଡ୍ ନିର୍ମାଣ କରାଯାଇଛି। ପୁରୁଷ ଓ ମହିଳାଙ୍କ ସ୍ନାନ ପାଇଁ ଭିନ୍ନଭିନ୍ନ ତୁଠ କରାଯାଇଛି। ଏହାସହ ବେଦବ୍ୟାସ ପୀଠରେ ବ୍ୟାପକ ଆଲୋକୀକରଣ ବ୍ୟବସ୍ଥା କରାଯିବା ସହ ବିଦ୍ୟୁତ ସରବରାହ କରିବା ଲାଗି ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜରୁରୀକାଳୀନ ପରିସ୍ଥିତି ପାଇଁ ୩ଟି ଆମ୍ବୁଲାନ୍ସ ସେବା, ମୋବାଇଲ ସ୍ୱାସ୍ଥ୍ୟ କ୍ଲିନିକ କରାଯାଇ ଜଣେ ଡାକ୍ତର ଏବଂ ଆବଶ୍ୟକ ସ୍ୱାସ୍ଥ୍ୟ କର୍ମୀଙ୍କୁ ନିୟୋଜିତ କରାଯାଇଛି। ଏହା ସହିତ ଜରୁରୀକାଳିନ ପରିସ୍ଥିତି ପାଇଁ ଓଡ୍ରାଫ୍ଟ ଓ ଅଗ୍ନିଶମ କର୍ମଚାରୀମାନେ ମୃତୟନ ରହିଛନ୍ତି। ବେଦବ୍ୟାସ ପୀଠରେ ନିୟମିତ ସଫେଇ ଉପରେ ବିଶେଷ ଧ୍ୟାନ ଦେବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ଇ-ଶୌଚାଳୟ, ପାଇବା ପାଣି ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଛି। ବେଦବ୍ୟାସ ଠାରେ ବିଭିନ୍ନ ରାଜ୍ୟ ତଥା ଆଖପାଖ ଅଞ୍ଚଳର ବ୍ୟବସାୟୀ ଡେରା ମେଲାଇଛନ୍ତି। ଏହାସହ ବିଭିନ୍ନ ସାମାଜିକ ସଂସ୍ଥା ପକ୍ଷରୁ କାଉଡିଆଙ୍କ ନିମନ୍ତେ ପାନୀୟ, ଚା', ଅଳ୍ପ ଆହାର ଆଦିର ବ୍ୟବସ୍ଥା କରାଯାଇଛି। ସେହିପରି ଜିଲ୍ଲାର କାଂଶବାହାଲ ସ୍ଥିତ ଘୋଘର ଧାମଠାରେ ମଧ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଜଳାଭିଷେକ ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବ୍ୟାରିକେଟ୍ ନିର୍ମାଣ କରାଯାଇ ପୁରୁଷ ଓ ମହିଳାଙ୍କ ପାଇଁ ଭିନ୍ନ ଭିନ୍ନ ରାସ୍ତା କରାଯାଇଛି। କାଉଡିଆ ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ସାମଗ୍ରୀ କିଣିବାକୁ ବଜାରରେ ଭିଡ଼

ସୋମବାର ଶ୍ରାବଣ ମାସର ପ୍ରଥମ ସୋମବାର। ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ, କାଉଡିଆ ବିଭିନ୍ନ ଶୈବପୀଠରେ ଏହି ଅବସରରେ ଜଳାଭିଷେକ କରିବେ। ଏଥିପାଇଁ ଚଳଚଞ୍ଚଳ ହୋଇପଡ଼ିଛି ସୁନ୍ଦରଗଡ଼ ଜିଲ୍ଲାର ପ୍ରତ୍ୟେକ ଶୈବପୀଠ। ସେପଟେ ବଜାର ବାହୁଙ୍ଗା ଠାରୁ ଆରମ୍ଭ କରି ମାଟି କଳସ ଆଦି ବୋଲବମ୍ ସାମଗ୍ରୀରେ ସଜେଇ ହୋଇଛି। ବିଭିନ୍ନ ସାମଗ୍ରୀ କିଣିବାକୁ ରବିବାର ବଜାରରେ କାଉଡ଼ିଆଙ୍କ ଭିଡ ଦେଖିବାକୁ ମିଳିଛି। ସେପଟେ ଦୋକାନୀ ମଧ ବ୍ୟବସାୟ ପାଇଁ ପ୍ରସ୍ତୁତ। ବିଶେଷକରି ବେଦବ୍ୟାସ, ପାନପୋଷ, ଏସଟିଆଇ, ଡେଲି ମାର୍କେଟ, ବିଶ୍ରାଠାରେ ଦୋକାନ ଗୁଡ଼ିକରେ ବୋଲବମ ସାମଗ୍ରୀ ଅଧିକ ବିକ୍ରି ହେଉଥିବାରୁ ଲୋକମାନଙ୍କ ଗହଳି ବେଶି ଦେଖିବାକୁ ମିଳିଛି। ବାଉଁଶ ବାହୁଙ୍ଗାର ମୂଲ୍ୟ ୧୮୦ ଟଙ୍କାରୁ ଆରମ୍ଭ ହୋଇ ୪୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ବାହୁଙ୍ଗା ସେଟ୍‌ର ମୂଲ୍ୟ ୨୦୦ ଟଙ୍କାରୁ ଆରମ୍ଭ ହେଉଛି। ସେହିପରି ବେତ ବାହୁଙ୍ଗାର ମୂଲ୍ୟ ଟିକେ ଅଧିକା ରହିଛି। ଯହାର ମୂଲ୍ୟ ୮୦୦ରୁ ୧୦୦୦ ଟଙ୍କା ରହିଛି। ବାହୁଙ୍ଗା ବନେଇବା ପାଇଁ ଲାଗୁଥିବା ପ୍ଲାଷ୍ଟିକ ଶିବଲିଙ୍ଗ, ସାପ,




ବେଲପତ୍ର, ତ୍ରିଶୂଳ, ଧୂପଦାନି, ଘୁଙ୍ଗୁର, ଘଣ୍ଟି, ହାତୀ ଶୁଣ୍ଢ, ମଥା ବନ୍ଧା ଫିତା ୧୫ ଟଙ୍କାରୁ ଆରମ୍ଭ ହୋଇ ୪୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଶିକାର ପୂଜ୍ୟ ୪୦ ଟଙ୍କାରୁ ଆରମ୍ଭ ହୋଇ ୭୦ ଟଙ୍କା ପର୍ଯ୍ୟନ୍ତ ରହିଛି। ମାଟି କଳସ ୩୦ ଟଙ୍କାରୁ ଆରମ୍ଭ ହୋଇ ୫୦ ଟଙ୍କା ପର୍ଯ୍ୟନ୍ତ ରହିଥିବା ବେଳେ ପିତ୍ତଳ କଳସ ଆକାର ଏବଂ ଓଜନ ଅନୁଯାୟୀ ମୂଲ୍ୟ ୧୫୦ ଟଙ୍କାରୁ ଆରମ୍ଭ ହୋଇ ୧୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ବିଶେଷକରି ବୋଲବମ୍ ଯିବା ସମୟରେ କାଉଡ଼ିଆ ମାନେ ପିନ୍ଧୁଥିବା ମହାଦେବ ଓ ଦେବୀ ପାର୍ବତୀଙ୍କର ଚିତ୍ରଥିବା ଟି-ସାର୍ଟର ମୁଲ୍ୟ ୧୫୦ ଟଙ୍କାରୁ ଆରମ୍ଭ ହେଉଥିବା ବେଳେ ଗେରୁଆ ରଙ୍ଗର ପ୍ୟାଣ୍ଟ୍ ୧୨୦ ଟଙ୍କାରେ ବିକ୍ରି ହେଉଥିବା ଜଣାପଡ଼ିଛି। ଜଳାଭିଷେକ କରିବା ପାଇଁ କାଉଡିଆମାନେ ରବିବାରଠାରୁ ବିଭିନ୍ନ ପ୍ରସିଦ୍ଧ ଶୈବପୀଠ ଅଭିମୁଖେ ଯାତ୍ରା କରିଥିବା ଦେଖିବାକୁ ମିଳିଛି।

## ଉପଖଣ୍ଡସ୍ତରୀୟ ବନ ମହୋତ୍ସବ

# ବଣାଇଁ ବନଖଣ୍ଡରେ ଲାଗିବ ୨ ଲକ୍ଷ ଚାରା

**ବଣାଇଁ, ୧୩।୭ (ସମିସ)**: ବଣାଇଁ ବନଖଣ୍ଡ କୁଲିପୋଷ ବନାଞ୍ଚଳର କୁର୍ଡା ପଞ୍ଚାୟତ ଲଲେଇ ଛକ ସିଙ୍ଗାରଦେଇ ପାହାଡ଼ର ପାଦ ଦେଶରେ ଉପଖଣ୍ଡସ୍ତରୀୟ ୭୬ତମ ବନ ମହୋତ୍ସବ ସପ୍ତାହ ମହାସମାରୋହରେ ପାଳିତ ହୋଇଯାଇଛି। ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସୁନ୍ଦରଗଡ଼ ସାଂସଦ ତଥା କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ଯୋଗଦେଇ ପରିବେଶର ସନ୍ତୁଳନ ନିମନ୍ତେ ବ୍ୟାପକ ଚାରାରୋପଣର ଆବଶ୍ୟକତା ରହିଥିବା କହିଥିଲେ। ସମ୍ମାନିତ ଅତିଥି ଭାବେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ନିମନ୍ତ୍ରିତ ଅତିଥି ଭାବେ ଆଞ୍ଚଳିକ ବନ ସଂରକ୍ଷକ ପି. ରାମସ୍ୱାମୀ, ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ ପ୍ରମୁଖ ଯୋଗ ଦେଇ ସାମୁହିକ ବୃକ୍ଷ ଚାରାରୋପଣ କରିଥିଲେ।। ପ୍ରଥମେ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଏକ୍ ପେଡ୍ ମା କେ ନାମ୍ କାର୍ଯ୍ୟକ୍ରମ ଜରିଆରେ ସମସ୍ତେ ଗୋଟିଏ ଗୋଟିଏ ବୃକ୍ଷ ଚାରାରୋପଣ କରିବା ସହ ଚଳିତ ବନ ମହୋତ୍ସବ ସପ୍ତାହରେ ବ୍ୟାପକ ଚାରାରୋପଣ କରିବା ନିମନ୍ତେ ଉପସ୍ଥିତ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବଣାଇଁ ସଦର ବ୍ଲକ ସମେତ ବିଭିନ୍ନ ବନ ସୁରକ୍ଷା ସମିତିର ସଦସ୍ୟସଦସ୍ୟା, ସହକାରୀ ବନ ସଂରକ୍ଷକ ନଳିନୀ କାନ୍ତ ବେହେରା ଉପସ୍ଥିତ ଥିଲେ। ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ବଣାଇଁ




ବନଖଣ୍ଡରେ ଚଳିତ ବର୍ଷ ୨ ଲକ୍ଷ ବୃକ୍ଷ ଚାରାରୋପଣ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ସେ କହିଥିଲେ। ଏଥିରେ ବନାଞ୍ଚଳ ଅଧିକାରୀ ଦେବାଶିଷ ନାୟକ, ସୁଚିସ୍ମିତା ଦାସ, କୈଳାସ କିସାନ, ଧରଣୀଧର ସାହୁ, ସୋଲ ରେଞ୍ଜ ଅଧିକାରୀ ରଶ୍ମୀରଞ୍ଜନ ରାଉଳଙ୍କ ସହ ବଣାଇଁ ବନଖଣ୍ଡର ସମସ୍ତ ବନପାଳ ଓ ବନରକ୍ଷୀମାନେ ଉପସ୍ଥିତ ଥିଲେ।

# ସେଲ୍‌ର ନୂତନ ପ୍ଲେଟ୍ ମିଲ୍‌ରେ ରେକର୍ଡ ଉତ୍ପାଦନ

**ରାଉରକେଲା, ୧୩।୭ (ସମିସ)**: ସେଲ୍ ରାଉରକେଲା ଇସ୍ପାତ କାରଖାନାର ନୂତନ ପ୍ଲେଟ୍ ମିଲ୍ ଜୁଲାଇ ୧୦ ତାରିଖରେ ଉତ୍ପାଦନରେ ରେକର୍ଡ ହାସଲ କରିଛି। ଉକ୍ତ ଦିନ ମିଲ୍ ୫୧୦୯ ଟନ୍ ପ୍ଲେଟ୍ ରୋଲିଙ୍ଗ କରି ଦିନକରେ ନୂତନ ରେକର୍ଡ ସୃଷ୍ଟି କରି ୨୦୨୪ ଡିସେମ୍ବର ୧୧ ତାରିଖରେ ହାସଲ କରିଥିବା ପୂର୍ବ ଶ୍ରେଷ୍ଠ ୫୦୫୦ ଟନ୍‌ର ରେକର୍ଡକୁ ଅତିକ୍ରମ କରିଛି। ଏହା ୨୦୧୪ରେ ସ୍ଥାପନ ହେବା ପରଠାରୁ ନୂତନ ପ୍ଲେଟ ମିଲର ସର୍ବଶ୍ରେଷ୍ଠ ଦିନିକିଆ ପ୍ଲେଟ୍ ରୋଲିଂ ରେକର୍ଡ। ଏହା ବ୍ୟତୀତ ମିଲ ଉକ୍ତ ଦିନ ୩୮୩ଟି ସ୍ଲାବ୍ ରୋଲିଂ ସହକାରେ ନୂତନ ଦିନିକିଆ ସ୍ଲାବ୍ ରୋଲିଂ ରେକର୍ଡ ମଧ ସ୍ଥାପନ କରିଛି। ଯାହା ପୂର୍ବ ଶ୍ରେଷ୍ଠ ୩୫୫ ସ୍ଲାବ୍ ରୋଲିଂ ରେକର୍ଡରେ ଉନ୍ନତି ଆଣିଛି। ସେହିଦିନ 'ସି' ସିଫ୍ଟରେ ମିଲ୍ ଏହାର ସର୍ବକାଳୀନ ଶ୍ରେଷ୍ଠ ୧୮୩୪ ଟନ୍ ସିଫ୍ଟ ଟନେଜ୍ ମଧ ହାସଲ



କରିଛି। ଆରଏସପି ତଥା ଦୁର୍ଗାପୁର ଇସ୍ପାତ କାରଖାନା ଓ ଇସ୍କୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା, ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ, ବିତ୍ତ ଓ ଲେଖା ବିଭାଗର ସିଜିଏମ୍ ରାଜେଶ ଦାସଗୁପ୍ତାଙ୍କ ଗହଣରେ ନୂତନ ପ୍ଲେଟ ମିଲ ଗସ୍ତ କରି ସାମୁଦାୟିକଙ୍କୁ ସେମାନଙ୍କର ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ଡିଆଇସି ଆଗାମୀ ଦିନରେ ରେକର୍ଡର ଧାରା ବଜାୟ ରଖିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ସେ ସେମାନଙ୍କୁ ବଡ଼ ଉଲ୍ଲେଖନୀୟ ସଫଳତା ହାସଲ କରିବା ପାଇଁ ପ୍ରତିଦିନ ଛୋଟ ଛୋଟ ଉନ୍ନତିମୂଳକ ପଦକ୍ଷେପ ନେବାକୁ ମଧ ପ୍ରେରଣା ଦେଇଥିଲେ। ଡିଆଇସି ବିଶ୍ୱ ମାନଦଣ୍ଡ ଅନୁରୂପ ତ୍ରୁଟି ହ୍ରାସ କରିବା ଏବଂ ଉତ୍ପାଦକତାକୁ ଉନ୍ନତ କରିବା ପାଇଁ ରିଜେକ୍ଟ ହାର ଦୂର କରିବା ଉପରେ ଗୁରୁତ୍ୱାରୋପ କରିଥିଲା। ସେ ସାମୁଦାୟିକଙ୍କୁ ଫର୍ଣ୍ଣେସର ସ୍ୱାସ୍ଥ୍ୟ ବଜାୟ ରଖିବାକୁ ମଧ ଆହ୍ୱାନ ଦେଇଥିଲେ। ଏହି ଲକ୍ଷ୍ୟ ଗ୍ରହଣ ଏବଂ ସମୟୋଚିତ ଭାବରେ ହାସଲ କରିବା ପାଇଁ ଡିଆଇସି ନୂତନ ପ୍ଲେଟ ମିଲର ୩ ଜଣ ଅଧିକାରୀଙ୍କୁ ୩ଟି ପୁସ୍ତକ ମଧ ପ୍ରଦାନ କରିଥିଲେ। ନୂତନ ପ୍ଲେଟ ମିଲ ବିଭାଗର ସିଜିଏମ ଆର କେ ବିସାରେ ଶୀର୍ଷ ପ୍ରବନ୍ଧନ ତଥା ସହଯୋଗୀ ବିଭାଗ ଯଥା ପିପିସି, ଇଏମଡି, ଆର ଆଣ୍ଡ ସିଏଲ୍, ଟି ଆଣ୍ଡ ଆରଏମ୍, ଇଡି ୱାର୍କସ ସଚିବାଳୟ, ଡିଆଇସି ସଚିବାଳୟ, ରୋଲ୍ ସପ, ସେଣ୍ଟ୍ରାଲାଇଜଡ୍ ମେକାନିକାଲ୍ ଏବଂ ଇଲେକ୍ଟ୍ରିକାଲ୍ ମରାମତି ବିଭାଗଙ୍କୁ ରେକର୍ଡ ହାସଲରେ ନିରନ୍ତର ସମର୍ଥନ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅନୁସୂଚିତ ଜାତି ବିଭାଗ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା




**ରାଉରକେଲା, ୧୩।୭ (ସମିସ)**: ରାଉରକେଲା ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ରବିବାର ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଏଥିରେ ନିକଟରେ ପ୍ରଦେଶ କଂଗ୍ରେସ କମିଟିର ଅନୁସୂଚିତ ଜାତି ବିଭାଗରେ ରାଉରକେଲା ଜିଲ୍ଲା କଂଗ୍ରେସରୁ ସ୍ଥାନ ପାଇଥିବା ପଦାଧିକାରୀମାନଙ୍କୁ ଜିଲ୍ଲା କଂଗ୍ରେସ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା କଂଗ୍ରେସ କମିଟି ସଭାପତି ଜ୍ଞାନେନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ନବ ନିଯୁକ୍ତ ରାଜ୍ୟ ଉପସଭାପତି ଗଜେନ୍ଦ୍ର ତନ୍ତୀ, ସମ୍ପାଦକ ଆଦେଶ ସୁନା, ସମ୍ପାଦକ ବିନୋଦ ତନ୍ତୀ, ସମ୍ପାଦକ ରାଜୁ ଜୟପୁରିଆଙ୍କୁ ଉପଢୌକନ ଏବଂ ପୁଷ୍ପ ଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ସଭାପତି ଶ୍ରୀ ଦାସ ରାଜ୍ୟସ୍ତରରେ ଅନୁସୂଚିତ ବିଭାଗରେ ରାଉରକେଲା ସାଙ୍ଗଠନିକ ଜିଲ୍ଲାରୁ ୫ ଜଣକୁ ସ୍ଥାନ ମିଳିବା ରାଉରକେଲାରେ କଂଗ୍ରେସ ଦଳକୁ ଅଧିକ ମଜବୁତ କରିବା ସହିତ ଜିଲ୍ଲାରେ ଦଳିତ ଓ ପଛୁଆ ବର୍ଗର ଲୋକଙ୍କୁ ଦଳ ସହିତ ଯୋଡିବାରେ ସହାୟକ ହେବ ବୋଲି କହିଥିଲେ। ନବ ନିଯୁକ୍ତ ପଦାଧିକାରୀମାନେ ଦଳକୁ ମଜବୁତ କରିବା ପାଇଁ ସେମାନଙ୍କର ସର୍ବଶ୍ରେଷ୍ଠ ପ୍ରୟାସ କରିବେ ବୋଲି ମତ ଦେଇଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଭାପତି ଗଣେଶ ପ୍ରଧାନ, ଉପସଭାପତି ସନ୍ତୋଷ ବିଶ୍ୱାଳ, ସାଧାରଣ ସମ୍ପାଦକ ନଚିକେତା ମହାପାତ୍ର, ବ୍ଲକ ସଭାପତି ହରପ୍ରସାଦ ସାମଲ, ରଘୁନାଥ ଦାସ, ଭୀମ ମାହାତୋ, ଯୁବ କଂଗ୍ରେସର ଇସ୍ତେହାର ମହମ୍ମଦ, ସେବାଦଳ ମୁଖ୍ୟ ବିନୋଦ ରାଉତ, ଏସ୍‌ଟି ସେଲ ମୁଖ୍ୟ ରାଜେଶ ଟପ୍ପୋ, ବରିଷ୍ଠ ନେତା ବିଜୟ ଆପଟ, ରବୀନ୍ଦ୍ର ନାୟକ, ସୁଧୀର ନାଥ, ଜୁଲୁ ରେହେମାନ, ବ୍ରଜ ମୋହନ ତ୍ରିପାଠୀ, ଛବି ଦାସ, ମହିଳା କଂଗ୍ରେସର ସୁଶ୍ରୀ ରଞ୍ଜିତା ମଲ୍ଲିକ, ସୁନିତା ଲାକ୍ରା, ଝୁନୁ ପଟ୍ଟନାୟକ, ସରିତା ଟପ୍ପୋ, ରୁକସାନା ବେଗମ ଆଦି ଉପସ୍ଥିତ ଥିଲେ।

# ଇନର ହ୍ୱିଲ କ୍ଲବ୍‌ର ଅଧିଷ୍ଠାନ ଉତ୍ସବ

**ରାଉରକେଲା, ୧୩।୭ (ସମିସ)**: ରାଉରକେଲାର ଅନ୍ୟତମ ମହିଳା ସମାଜସେବୀ ସଂସ୍ଥା ଇନର ହ୍ୱିଲ ରିଭର ସାଇଡ କ୍ଲବ୍‌ର ଅଧିଷ୍ଠାନ ଉତ୍ସବ ବ୍ରାହ୍ମଣୀ କ୍ଲବ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୨୦୨୫ ମସିହା ପାଇଁ ନୂତନ ସଭାପତି ଭବେ ସିମରନଜିତ ଶେଖନ ଦାୟିତ୍ୱ ଗ୍ରହଣ କରିଥିଲାବେଳେ ବିଗତ ବର୍ଷର ସଭାପତି ଅଜିତା ମହାନ୍ତି ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏହି ଉତ୍ସବରେ ଇନର ହ୍ୱିଲର ପୂର୍ବତନ ଆସୋସିଏସନ ସଚିବ କ୍ରିଷ୍ଣା ମହାନ୍ତି ଅଧ୍ୟକ୍ଷତା କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ସର୍ବବୃହତ୍ତ ମହିଳା ଆନ୍ତର୍ଜାତିକ ସ୍ୱେଚ୍ଛାସେବୀ ସଂସ୍ଥା ଇନର ହ୍ୱିଲର ସଦସ୍ୟାମାନଙ୍କୁ ପରସ୍ପର ସହ ହାତ ମିଳାଇ ସାମାଜିକ ସେବାକାର୍ଯ୍ୟ କରି ଆନନ୍ଦ ଉପଭୋଗ କରିବାକୁ ଉଦ୍‌ବୋଧନ ଦେଇଥିଲେ। ପୂର୍ବତନ ଜିଲ୍ଲା ଅଧକ୍ଷା ମଞ୍ଜୁ ମୁଖାର୍ଜୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଉକ୍ତ ସଭାରେ



କ୍ଲବ୍‌ର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟାଙ୍କ ସହ ରାଉରକେଲାର ଅନେକ ରୋଟାରୀଆନମାନେ ଉପସ୍ଥିତ ଥିଲେ। ପରେ ମୁଖ୍ୟ ଅତିଥିଙ୍କ ସହ ସଦସ୍ୟାମାନେ ହାଇଟେକ ମେଡିକାଲ କଲେଜ ଯାଇ ସେଠାରେ ରୋଗୀମାନଙ୍କୁ ବେଡ ସିଟ୍ ପ୍ରଦାନ କରିଥିଲେ।

# ଦେଢ଼ବର୍ଷ ବିତିଲା; ଆବଣ୍ଟନ ହେଉନି ନୂତନ ଦୋକାନ ଗୃହ

ବଣାଇଁ, ୧୩।୭ (ସମିସ)

ବଣାଇଁ ବ୍ଲକରେ ଦେଢ଼ ବର୍ଷ ହେଲା ନିର୍ମାଣ ହୋଇଥିବା ନବ ନିର୍ମିତ ଦୋକାନ ଗୃହ ଏପର୍ଯ୍ୟନ୍ତ ଆବଣ୍ଟନ ହୋଇନାହିଁ। ଯାହାକୁ ନେଇ ଉକ୍ତ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାନୁଯାୟୀ, ବଣାଇଁ ବ୍ଲକସଦର ମହକୁମା ଠାରୁ ଲଲେଇ ସେତୁକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଉପରେ ଥିବା ୦.୩୮ ଡେସିମିଲି ସରକାରୀ ଜମିରେ ୨୦୨୨-୨୩ ଆର୍ଥିକ ବର୍ଷରେ ଜିଲ୍ଲା ପରିଷଦ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ବ୍ୟୟରେ ବଣାଇଁ ବ୍ଲକ ପକ୍ଷରୁ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହୋଇଥିଲା। ଏଥିରେ ୫ଟି ବିପଣୀ ଗୃହ ନିର୍ମିତ ହୋଇଥିଲା। ତେବେ ବିଭିନ୍ନ ସ୍ଥାନରେ ମାର୍କେଟ କମ୍ପ୍ଲେକ୍ସର ମୁହଁ ରାସ୍ତା



ଆଡକୁ ରହିଥିବା ବେଳେ ଏହି ମାର୍କେଟ କମ୍ପ୍ଲେକ୍ସର ଦିଗ ପରିବର୍ତ୍ତନ କରାଯାଇଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦେଢ଼ ବର୍ଷ ଧରି ଦୋକାନ ଗୃହ ଗୁଡିକର ବ୍ୟବହାର ହୋଇପାରି ନଥିବାରୁ ସେହି ସ୍ଥାନଟି ଏବେ ଲଟା ବୁଦାରେ ପରିପୂର୍ଣ୍ଣ ହୋଇରହିଛି। କେଉଁ କାରଣରୁ ଘର ଗୁଡ଼ିକ ବଣ୍ଟନ ହେଉନାହିଁ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ବର୍ଷେ ତଳେ ବଣାଇଁ ବିଡିଓଙ୍କୁ ସାକ୍ଷାତ କରି ଏ ବିଷୟରେ

## ସାଧାରଣରେ ଅସନ୍ତୋଷ

ଅବଗତ କରାଇଥିଲେ ମଧ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଦୋକାନ ଗୃହ ଆବଣ୍ଟନ କରା ନ ଯିବାର କାରଣ ଅନୁଧାନ କରି ଦୋକାନ ଗୃହ ଆବଣ୍ଟନ ଦିଗରେ ପଦକ୍ଷେପ ନେବାକୁ ବଣାଇଁର ଜନସାଧାରଣ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ଅଭିଶାପ ପାଲଟିଛି ଓଡ଼ିଶା ମେଟାଲିକ୍ସ

**ଝାରସୁଗୁଡ଼ା, ୧୩।୭ (ସମିସ)**



ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ ଲିମିଟେଡ କମ୍ପାନୀ ଝାରସୁଗୁଡ଼ା ଲୋକଙ୍କ ପାଇଁ ଅଭିଶାପ ପାଲଟିଛି। କମ୍ପାନୀର ପାଉଁଶ ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି ଜମେରା ପଞ୍ଚାୟତ ଏବଂ ଆଖପାଖ ଅଞ୍ଚଳବାସୀ। କମ୍ପାନୀର ମନମୁଖୀ ପାଇଁ ଅନେକ ଅସୁବିଧା ଘେରରେ ଥିବା ଜମେରା ବାସୀ ଅଭିଯୋଗ କରିଛନ୍ତି। ଗାଁର ଏକ ଚିରସ୍ରୋତା ନାଳା ନିକଟରେ ଓଡ଼ିଶା ମେଟାଲିକ୍ସ କମ୍ପାନୀ ପାଉଁଶ ବେଆଇନ ଭାବେ ଗଦା କରିଛି। ବୃକ୍ଷରୋପଣ କରିବା ପାଇଁ କମ୍ପାନୀ ଏହି ସ୍ଥାନକୁ ନେଇଥିଲା। କିନ୍ତୁ ସେଠାରେ ପାଉଁଶ ପାହାଡ ଛିଡା କରିଛି। ଏହି ପାଉଁଶ ପାହାଡ ଯୋଗୁଁ ଜମେରା ଏବଂ ଆଖପାଖ ଅଞ୍ଚଳରେ ଚର୍ମରୋଗ, କିଡନୀରୋଗ ହେବା ସହ ଜଳବାୟୁ, ମୃତ୍ତିକା ସବୁ ପ୍ରଦୂଷିତ ହେଉଛି। ଏହାସହ କିଛି ଦିନ ପୂର୍ବେ ହୋଇଥିବା ଲଗାଣ ବର୍ଷାରେ ଏହି ପାଉଁଶ ପାହାଡ ଭୁଶୁଡି ପାଖରେ ଥିବା ଏକର ଏକର ଚାଷ ଜମିରେ ମାଡି ଯିବାରୁ ବ୍ୟାପକ ଫସଲ ନଷ୍ଟ ହୋଇଛି। ନିକଟରେ ପ୍ରବାହିତ ନାଳାରେ ମିଶି ଇବ ନଦୀ ଏବଂ ସେଠୁ ହୀରାକୁଦ ଜଳଭଣ୍ଡାରରେ ମିଶିଛି। ଯାହାଫଳରେ ସମ୍ପୂର୍ଣ୍ଣ ଅଞ୍ଚଳର ପାଣି ବିଷାକ୍ତ ହେଉଛି। ଓଡ଼ିଶା ମେଟାଲିକ୍ସର ବେଆଇନ ପାଉଁଶ ଗଦା ଯୋଗୁଁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି କମ୍ପାନୀ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବା ପରିବର୍ତ୍ତେ ବାହାର ଲୋକଙ୍କୁ ନିଯୁକ୍ତି ଦେଉଛି। ଯାହାଫଳରେ କ୍ଷତିଗ୍ରସ୍ତ ଏବଂ ପ୍ରଭାବିତ ପରିବାରର ଯୁବକ ଯୁବତୀ ବେକାର ରହୁଛନ୍ତି। କମ୍ପାନୀ ବିରୋଧରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ତେଣୁ ପ୍ରଶାସନ ଏବଂ ପ୍ରଦୂଷଣ ବିଭାଗ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ଏବଂ କମ୍ପାନୀ କର୍ତ୍ତୃପକ୍ଷ ଲୋକଙ୍କୁ କ୍ଷତିପୂରଣ ପ୍ରଦାନ କରନ୍ତୁ ବୋଲି ଜମେରାବାସୀ ଦାବି କରିଛନ୍ତି। ଅନ୍ୟପଟେ ଏନେଇ ଓଡ଼ିଶା ମେଟାଲିକ୍ସ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରିଥିଲେ ହେଁ ସେମାନେ ଏନେଇ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି।

- ପ୍ରଦୂଷଣରେ ଲୋକେ ହନ୍ତସନ୍ତ
- ପାଉଁଶ ମାଡ଼ି ଚାଷଜମି ନଷ୍ଟ, ଇବ୍ ନଦୀରେ ମିଶୁଛି ପାଉଁଶ
- ବାହାର ଲୋକଙ୍କୁ ଦେଉଛି ନିଯୁକ୍ତି




# ଦେଶୀ ମଦ ସହ କାର୍ ଜବତ; ଜଣେ ଗିରଫ




**ରାଉରକେଲା, ୧୩।୭ (ସମିସ):** କାର ଯୋଗେ ଦେଶୀ ମଦ ଚାଲାଣ ହେଉଥିବା ବେଳେ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ମାଲଗୋଦାମ ସର୍ଦ୍ଦାର ବସ୍ତିର ବିଶ୍ୱଜିତ୍ ପାତ୍ର (୨୬) ନାମକ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଚାଲାଣରେ ବ୍ୟବହୃତ କାର୍ ସହ ୪୫୦ ଲିଟର ମଦକୁ ପୁଲିସ ଜବତ କରିଛି। ପୁଲିସ ସୂଚନା ମୁତାବକ, ରବିବାର ସକାଳେ ପୁଲିସ ପାଟ୍ରୋଲିଂ କରୁଥିଲା। ଟିମ୍ବର୍ କଲୋନୀ ସ୍ଥିତ ବିଏସ୍ଏନ୍ଏଲ୍ ଛକ ଦେଇ ମଦ ଚାଲାଣ ହେଉଥିବା ପୁଲିସକୁ ସୂଚନା ମିଳିଥିଲା। ଏହି ଆଧାରରେ ପୁଲିସ କାରକୁ ଅଟକାଇ ଯାଞ୍ଚ କରିବା ପରେ ସେଥିରୁ ଉପରୋକ୍ତ ପରିମାଣର ମଦକୁ ଜବତ କରିଥିଲା। ସେକ୍ଟର ଅଞ୍ଚଳରୁ ମାଲଗୋଦାମ ବସ୍ତିକୁ ମଦ ଚାଲାଣ ହେଉଥିବା ତଦନ୍ତରୁ ଜଣାପଡ଼ିଛି। ଗିରଫ ବିଶ୍ୱଜିତ ନାଁରେ ପୂର୍ବରୁ ଉଦିତନଗର ଥାନାରେ ଗୋଟିଏ ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି। ଜବତ ମଦର ଆନୁମାନିକ ମୂଲ୍ୟ ୪୫ ହଜାର ଟଙ୍କା ହେବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

# ଝାରସୁଗୁଡ଼ା ଜିଲ୍ଲା ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ




**ଇବଥର୍ମାଲ, ୧୩।୭ (ସମିସ):** ଝାରସୁଗୁଡ଼ା ଜିଲ୍ଲା ସଦର ମହକୁମା ସ୍ଥିତ ଟାଉନ ହାଇସ୍କୁଲରେ ଝାରସୁଗୁଡ଼ା ଜିଲ୍ଲା ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଙ୍ଘ (ଓଷ୍ଟା)ର ସାମ୍ବିଧାନିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ଜିଲ୍ଲା ଓଷ୍ଟା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ମିଳନୀରେ ଓଷ୍ଟା ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା ଜିଲ୍ଲା ପ୍ରଭାରୀ ନୀଳମଣି ପୁରୋହିତ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ, ସମ୍ପାଦକ ପ୍ରଣବ ଜେନା, ଯୁଗ୍ମ ସମ୍ପାଦକ ଆଶୁତୋଷ ପ୍ରସାଦ ରଥ, ଅନୁଗୁଳ ଜିଲ୍ଲା ଓଷ୍ଟା ସମ୍ପାଦକ ତ୍ରିଲୋଚନ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ଓଷ୍ଟା ସମ୍ପାଦକ କିଶୋର ମହାନ୍ତି ସାଂଗଠନିକ ବିବରଣୀ ପାଠ କରିବା ପରେ ଉପସ୍ଥିତ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଅନେକ ନୂତନ ଅନୁଦାନ ପ୍ରାପ୍ତ ସ୍କୁଲ ମାନଙ୍କରେ ସରକାରଙ୍କ ବ୍ୟବସ୍ଥା ନଥିବାରୁ ଶିକ୍ଷକ ଅଭାବ, ୧୯୪ ବର୍ଗର ସ୍କୁଲ ଗୁଡିକରେ କାମ କରୁଥିବା ଶିକ୍ଷକ ଶିକ୍ଷୟତ୍ରୀ ୨୦ବର୍ଷରୁ ଊର୍ଦ୍ଧ୍ୱ ସମୟ କାମକରି ଆସିଥିଲେ ମଧ୍ୟ ତାଙ୍କୁ ସରକାର ଟଙ୍କାଟିଏ ଅନୁଦାନ ନଦେବା, ସେହି ବର୍ଗର ସ୍କୁଲ ଗୁଡିକରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନ ବନ୍ଦ କରିଦେବା, ନୂତନ ଅନୁଦାନ ପ୍ରାପ୍ତ ସ୍କୁଲରେ ୩୦/୩୫ବର୍ଷ କାମକରି ଅବସର ନେଉଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀ ମାନଙ୍କୁ ଅବସରକାଳୀନ ସୁବିଧା ସହ ପେନସନ୍ ନଦେବା ଆଦି ସମସ୍ୟା ଉପରେ ଶିକ୍ଷକ ମାନେ ଦାବି ରଖିଥିଲେ। ତାପରେ ଜିଲ୍ଲା କମିଟି ନିର୍ବାଚନ ପ୍ରକ୍ରିୟା କରାଯାଇ ରାଜ୍ୟ ନେତୃତ୍ୱଙ୍କ ଉପସ୍ଥିତିରେ ସନ୍ୟାସୀ ପଟେଲଙ୍କୁ ସଭାପତି, ଜଗଦିଶ କିଶାନଙ୍କୁ କାର୍ଯ୍ୟକାରୀ ସଭାପତି, ବିପଦ ଭଞ୍ଜନ ପଣ୍ଡା, ଭାରତୀ ଭୋଇ, ଶାନ୍ତି ପ୍ରସାଦ ପାଢ଼ୀଙ୍କୁ ଉପସଭାପତି, କିଶୋର ମହାନ୍ତିଙ୍କୁ ସାଧାରଣ ସମ୍ପାଦକ, ବିପିନ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ସାହୁ, କ୍ରିଷ୍ଣା ପ୍ରଧାନଙ୍କୁ ଯୁଗ୍ମ ସମ୍ପାଦକ, ଏକଜ୍ୟୁକ୍ୟୁଟିଭ୍ କାଉନସିଲ୍ ମେମ୍ବର ଭାବେ ଜୟନ୍ତୀ ପଟେଲ, ଜୟନାରାୟଣ ପଟେଲ, କେଶବ ସା, ପ୍ରତାପ ପଟେଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ହରେକୃଷ୍ଣ ପଟେଲ ଓ ଉପଦେଷ୍ଟା ଭାବେ ସଦାନନ୍ଦ ଦାସ, ଉମାକାନ୍ତ ପଣ୍ଡା ଓ ସଚୀନ୍ଦ୍ର ପଟେଲଙ୍କୁ ମନୋନୀତ କରା ଯାଇଥିଲା। ଶେଷରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ ସମସ୍ତଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ।

# ଇଜେଭି ଫାଉଣ୍ଡେସନ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର






**ଝାରସୁଗୁଡ଼ା, ୧୩।୭ (ସମିସ):** ଇଜେଭି ଫାଉଣ୍ଡେସନ ତରଫରୁ କାତିକେଲା ଠାରେ ରବିବାର ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଗତ ସାତ ବର୍ଷ ଧରି ଜୁଲାଇ ଏକ ତାରିଖରେ ଇଜେଭି ଫାଉଣ୍ଡେସନ ତରଫରୁ ଡାକ୍ତର ଦିବସ ପାଳନ ହୋଇ ଆସୁଅଛି। କିନ୍ତୁ ଏହି ବର୍ଷ କିଛି ନିଆରା ଢଙ୍ଗରେ ସେବା ଯୋଗାଇ ଏହି ଦିବସକୁ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଆଜି କାତିକେଲାରେ ବିଶାଳ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। କାତିକେଲା ଗାଁ ଝାରସୁଗୁଡ଼ା ସହର ଠାରୁ ଅପହଞ୍ଚ ଦୂରତାରେ ରହିଛି। ତେଣୁ ଚିକିତ୍ସା ପାଇଁ ଅଞ୍ଚଳର ଲୋକ ସବୁବେଳେ ଝାରସୁଗୁଡ଼ା ସହରକୁ ଆସିବା ସମ୍ଭବପର ହେଉନାହିଁ। କାତିକେଲା ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ସଞ୍ଜୀବନୀ ଡାକ୍ତରଖାନାର ମିଳିତ ସହଯୋଗରେ ଇଜେଭି ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ୧୦୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଶିବିରରେ ସ୍ତ୍ରୀରୋଗ ବିଶେଷଜ୍ଞ ଡ.ନିର୍ବାଣ ଅଗ୍ରୱାଲ, ଡ.ମିନାକ୍ଷୀ ପ୍ରଧାନ, ଅର୍ଥପେଡ଼ିକ ଡ.ଆକାଶ ଅଗ୍ରୱାଲ, ମେଡିସିନ ଡ.ଅସୀମ ମହାନ୍ତି ପ୍ରମୁଖ ରୋଗୀଙ୍କୁ ମାଗଣା ଚିକିତ୍ସା ଯୋଗାଇ ଦେଇଥିଲେ। କାର୍ଯ୍ୟକ୍ରମରେ ମଞ୍ଚ ସଞ୍ଚାଳନ ଅନ୍ତର୍ଯ୍ୟାମୀ ପାଣିଗ୍ରାହୀ କରିଥିବା ବେଳେ ରାଜେଶ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ମାନସୀ ପଣ୍ଡା ବିବରଣୀ ପ୍ରଦାନ କରିଥିଲେ। ଗଙ୍ଗାଧର ମେହେର, ପ୍ରିୟାରାୟ, ପବିତ୍ର ସ୍ୱାଇଁ, ଦୀପ୍ତି ବେହେରା, ଚାରି ଜଣ ଡାକ୍ତରଙ୍କୁ ସ୍ମୃତିଫଳକ ଦେଇ ସମ୍ମାନିତ କରିଥିଲେ। ସଞ୍ଜୀବନୀ ହସ୍ପିଟାଲର ସୋଭନା ମହାପାତ୍ର ଓ ଅନନ୍ୟ ସଦସ୍ୟା ଶିବିରକୁ ସୁପରିଚାଳନା କରିଥିଲେ।

## 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ

### ମିଶନ ପ୍ଲାଣ୍ଟେସନ ୱିଥ୍ ଫିଟ୍‌ନେସ୍




**ଝାରସୁଗୁଡ଼ା, ୧୩।୭ (ସମିସ):** ଝାରସୁଗୁଡ଼ା ଜିଲ୍ଲା ବେଲପାହାଡର ସ୍ୱେଚ୍ଛାସେବୀ ସଙ୍ଗଠନ ମିଶନ ପ୍ଲାଣ୍ଟେସନ ୱିଥ୍ ଫିଟନେସ (ଏମପିଏଫ) ଦ୍ୱାରା ରବିବାର 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ସଙ୍ଗଠନର ଅଧ୍ୟକ୍ଷ ଆଶିଷ ଦାସ, ସମ୍ପାଦକ ହମିଦ ମହାପାତ୍ର, କୋଷାଧ୍ୟକ୍ଷ ସୁନନ୍ତ ପଣ୍ଡା ଏବଂ ସଦସ୍ୟ କିଶୋର ପଣ୍ଡା ଯୋଗ ଦେଇ ଚାରାରୋପଣ କରିଥିଲେ। ଏହି ଅବସରରେ ବେଲପାହାଡ ପୌରାଞ୍ଚଳର ୧୨ ନଂ ୱାର୍ଡ ମିର୍ଦ୍ଧାଡେରା ଠାରୁ ଛୁଆଲିବେର୍ଣ୍ଣା ରାସ୍ତାର ଦୁଇ ପାର୍ଶ୍ୱରେ କରଞ୍ଜର ୩୦ଟି ଚାରାରୋପଣ ଏହି କାର୍ଯ୍ୟକ୍ରମରେ ଅଭିଷେକ ସିଂଘାନିଆ, ବବିତା ପଟ୍ଟନାୟକ, ସୁବୋଧ ଭଇଁ ସାଲ, ଆଦିତ୍ୟ ଟେଟେ, ଆଦିତ୍ୟରାୟ, ଚିତ୍ତରଞ୍ଜନ ମାଝି, ମାନବ ବେରା, ସୁମନ୍ତ ଭଇଁ ସାଲ, ବିଜୟ ମହାରଣା, ଭାସ୍ୱତୀ ସାହୁ, ହରସଦ ବେହେରା, ସଂଘମିତ୍ରା ଚୌଧୁରୀ, ଦିବ୍ୟାସିଂ ମାଝୀ, ମଧୁସ୍ମିତା ମହାରଣା, ବିବେକ ମହାରଣାଙ୍କ ସମେତ ଅନେକ ମହିଳା ଅଂଶଗ୍ରହଣ କରିଥିଲେ।

## କାନ୍ୟକୁବ୍ଜ ମହିଳା ମଣ୍ଡଳ



**ଝାରସୁଗୁଡ଼ା:** ଦିନକୁ ଦିନ ବଢୁଥିବା ପ୍ରଦୂଷଣର ମୁକାବିଲା ତଥା ଝାରସୁଗୁଡ଼ା ସହରକୁ ସବୁଜ ସୁନ୍ଦର କରିବାକୁ ରବିବାର ସାମାଜିକ ସଂଗଠନ କାନ୍ୟକୁବ୍ଜ ବ୍ରାହ୍ମଣ ସମାଜର ମହିଳା ମଣ୍ଡଳ ପକ୍ଷରୁ ମନୁର୍ଭବ ଆଶ୍ରମରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହିଳା ମଣ୍ଡଳ ଅଧ୍ୟକ୍ଷା ଆଭା ମିଶ୍ର ସଭାପତିତ୍ୱ କରିଥିଲେ। ମହିଳା ସଦସ୍ୟଙ୍କ ଦ୍ୱାରା ଆଶ୍ରମ ପରିସରରେ ଚାରାରୋପଣ ସହ ଆଶ୍ରମରେ ରହି ଶିକ୍ଷା ଲାଭ କରୁଥିବା ଛାତ୍ରଙ୍କୁ ପାଠପଢ଼ା ସାମଗ୍ରୀ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବାରେ କାନ୍ୟକୁବ୍ଜ ମହିଳା ମଣ୍ଡଳର ଝାରସୁଗୁଡ଼ା ଉପାଧ୍ୟକ୍ଷ ଜ୍ୟୋତ୍ସ୍ନା ଅବସ୍ଥି, ରମା ମିଶ୍ର, ଶୁଭମ ମିଶ୍ର, ସମ୍ପାଦକ ମନୀଷା ଅବସ୍ଥି, ନିଧି ମିଶ୍ର, ରାଖୀ ଅବସ୍ଥି, ଯୁଗ୍ମ ସମ୍ପାଦକ ଭାବନା ଶୁକ୍ଳା, କୋଷାଧ୍ୟକ୍ଷ ସୁନିତା ମିଶ୍ର, ପିଙ୍କି ଶୁକ୍ଳା, କାର୍ଯ୍ୟକାରିଣୀ ସଦସ୍ୟ ରଶ୍ମି ଶୁକ୍ଳା, ସଞ୍ଚିତା ମିଶ୍ର, ରଜନୀ ଅବସ୍ଥି, ମେଘା ଶୁକ୍ଳା, ନୀତା ବାଜପେୟୀ, ରଶ୍ମି ଅବସ୍ଥି, ଦୀପ୍ତି ଅବସ୍ଥି, ସୁଧା ଅବସ୍ଥି, ଅଦିତି ବାଜପେୟୀ, ଅବନ୍ତୀ ପାଣ୍ଡେ ପ୍ରମୁଖ ଯୋଗ ଦେଇଥିଲେ।

## ମେଟ୍ରୋ କ୍ଲବ୍



**କୁତ୍ରା:** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ସଦରମହକୁମା କୁତ୍ରା ବସ୍ତିଠାରେ ଥିବା ସୋଖା ପୋଖରୀଠାରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ମେଟ୍ରୋ କ୍ଲବ୍ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କ୍ଲବର ସଦସ୍ୟ ଓ କୁତ୍ରା ସରପଞ୍ଚ ଭୂବନ କୁଜୁର ପୋଖରୀ ହୁଡ଼ାରେ ବିଭିନ୍ନ ପ୍ରକାରର ଚାରାରୋପଣ କରିଥିଲେ। ବୃକ୍ଷ ପରିବେଶର ବାତାବରଣ ସନ୍ତୁଳନ କରିଥାଏ। ଆଜି ପୃଥିବୀ ପୃଷ୍ଠରେ ବୃକ୍ଷ ସଂଖ୍ୟା କମିବାରେ ଲାଗିଥିବାରୁ ପୃଥିବୀର ଉତ୍ତାପ ବୃଦ୍ଧି ହେଉଥିବା କଥା କୁତ୍ରା ସରପଞ୍ଚ କହିଥିଲେ। ଗଛ ଚାରାଲଗାଇବା ସହ ଏହାର ଯତ୍ନ ନେବାକୁ ଉପଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମଟି କ୍ଲବ୍‌ର ସଭାପତି ସୁନିଲ କୁଜୁରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। କ୍ଲବର ସଦସ୍ୟ ସୁଭମ ଲାକ୍ରା, ଆକାଶ କୁଜୁର, ପ୍ରଫୁଲ୍ଲ କୁଜୁର, ଗୋବିନ୍ଦ କୁଜୁର, ପ୍ରିୟବ୍ରତ ଲାକ୍ରା, ପ୍ରିୟବ୍ରତ ଟପ୍ପୋ ଓ ଉଦୟ ଲାକ୍ରା ସହଯୋଗ କରିଥିଲେ।

# ରୋଟାରୀ କ୍ଲବ୍‌ର ପ୍ରତିଷ୍ଠା ଦିବସ




**ରାଉରକେଲା, ୧୩।୭ (ସମିସ):** ସ୍ଥାନୀୟ ରାଉରକେଲା କ୍ଲବ୍‌ଠାରେ ରୋଟାରୀ କ୍ଲବ୍‌ର ୬୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ଡିଜିଇ ଆଲାମ ସିଂହ ରୂପରା ଏବଂ ଏଜି କିରଣ ଆରୋରା ଯଥାକ୍ରମେ ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦାୟୀ ଅଧ୍ୟକ୍ଷ କଳ୍ପନା ଶତପଥୀ ଗୋଟିଏ ବର୍ଷର ପୂର୍ଣ୍ଣ ସମର୍ଥନ ପାଇଁ ଦଳକୁ ଧନ୍ୟବାଦ ଜଣାଇଥିଲେ। ଆଗାମୀ ସଭାପତି ସୁଶାନ୍ତ ତ୍ରୀପାଠିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଶ୍ରୀ ତ୍ରୀପାଠି ଏହି ଅବସରରେ ତାଙ୍କର ନିର୍ଦ୍ଦେଶକ ମଣ୍ଡଳୀର ପରିଚୟ କରାଇଥିଲେ। ରୋଟାରୀ କ୍ଲବ୍‌ରେ ନୂତନ ସଦସ୍ୟମାନଙ୍କୁ ସାମିଲ କରିଥିଲେ। ପିଡିଜି ଫକିର ଚରଣ ମହାନ୍ତି ସେମାନଙ୍କୁ ଶପଥ ପାଠ କରାଇଥିଲେ। ମୁଖ୍ୟଅତିଥି ଆଲାମ ସିଂହ ରୂପରା ନୂତନ ଟିମକୁ ଶୁଭେଚ୍ଛା ଜଣାଇଥିଲେ। କୋୟେନା ଦସ୍ତିଦାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ ମହାସଂଘର କାର୍ଯ୍ୟକାରୀ କମିଟି ବୈଠକ

**ରାଉରକେଲା, ୧୩।୭ (ସମିସ)**




ରାଉରକେଲାଠାରେ ରବିବାର ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ ମହାସଂଘର କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଆଉଟସୋର୍ସିଂ କର୍ମଚାରୀମାନଙ୍କ ସ୍ଥାୟୀକରଣ, ଲାଇନମେନ୍-ଏ ମାନଙ୍କୁ ସିନିୟର ଚାର୍ଜମେନ୍ ପଦକୁ ପଦୋନ୍ନତି ଦେବା, ଅନ୍ୟାନ୍ୟ କର୍ମଚାରୀଙ୍କ କ୍ୟାଡର ପୁନର୍ଗଠନ କରି ଉପର ପଦବୀକୁ ପଦୋନ୍ନତି ଦିଆଯିବା, ଉପଯୁକ୍ତ ଏସ୍ଓପି ପ୍ରଚଳନ କରିବା, ସମାନ କାମକୁ ସମାନ ଦରମା ଦେବା, ପୁରୁଣା ପେନ୍ସନ ଯୋଜନା ଲାଗୁ କରିବା, ଶ୍ରମିକ ବିରୋଧୀ ଶ୍ରମ କୋଡ୍ ବାତିଲ କରିବା ପ୍ରଭୃତି ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଟାଟା ପାୱାର କର୍ତ୍ତୃପକ୍ଷ ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ ମହାସଂଘର ଦାବିଗୁଡିକ ଉପରେ ଯଦି ଉପଯୁକ୍ତ ପଦକ୍ଷେପ ନ ନିଅନ୍ତି, ତା'ହେଲେ ମହାସଂଘ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ନେବା ପାଇଁ ବାଧ୍ୟ ହେବ ବୋଲି ମହାସଂଘର ଉପଦେଷ୍ଟା ବିଷ୍ଣୁଚରଣ ମହାନ୍ତି, ମହାସଂଘର ସଭାପତି ହରିହର ବେହେରା, ସାଧାରଣ ସମ୍ପାଦକ ଲଳିତ କୁମାର ପଟ୍ଟନାୟକ, ଉପସାଧାରଣ ସମ୍ପାଦକ ପ୍ରଣୟ କୁମାର ନାୟକ, ସାଂଗଠନିକ ସମ୍ପାଦକ ପବିତ୍ର ଖୁଣ୍ଟିଆ, ଓଏସ୍ଇବି ଏମ୍ପ୍ଲୋଇଜ୍ ୟୁନିଅନ୍ ରାଉରକେଲାର ସାଧାରଣ ସମ୍ପାଦକ ସନ୍ତୋଷ କୁମାର ସାହୁ, ସୁବ୍ରତ କୁମାର ମିଶ୍ର ପ୍ରମୁଖ ଶ୍ରମିକ ନେତାମାନେ ମତବ୍ୟକ୍ତ କରିଥିଲେ।

# ସମ୍ପାଦକୀୟ



ମହାକାଶରେ ତାରାମାନଙ୍କ ପାଖକୁ ଯିବା ରାସ୍ତାରେ ପ୍ରଥମ ମାଇଲଖୁଣ୍ଟ ହେଉଛି ଚନ୍ଦ୍ରମା
-ଆର୍ଥର ସି କ୍ଲାର୍କ

ସକାଳ
THE SAKALA

## ପାଇଲଟ୍‌ଙ୍କ ତ୍ରୁଟି?

ଗତ ଜୁନ୍ ୧୨ ତାରିଖରେ ଅହମ୍ମଦାବାଦ୍ ବିମାନବନ୍ଦରରେ ଘଟିଥିବା ଲୋମହର୍ଷଣକାରୀ ବୋଇଂ ୭୮୭-୮ ଡ୍ରିମ୍‌ଲାଇନର ବିମାନ ଦୁର୍ଘଟଣାର ତଦନ୍ତ କରୁଥିବା 'ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ୍ ବ୍ୟୁରୋ(ଏଏଆଇବି)'ର ପ୍ରାଥମିକ ତଦନ୍ତ ରିପୋର୍ଟ ସାର୍ବଜନୀନ ହୋଇଛି । ରିପୋର୍ଟର ନିଷ୍କର୍ଷ ଅନୁଯାୟୀ ବିମାନରେ ଯାନ୍ତ୍ରିକ ତ୍ରୁଟି ନଥିଲା, ହୁଏତ ପାଇଲଟ୍‌ଙ୍କ ତ୍ରୁଟି ଯୋଗୁଁ ଏଭଳି ଦୁର୍ଘଟଣା ଘଟି ଥାଇପାରେ । କିନ୍ତୁ ବିଶେଷଜ୍ଞଙ୍କ ଦ୍ୱାରା ଏହି ରିପୋର୍ଟ ଗ୍ରହଣଯୋଗ୍ୟ ହୋଇପାରିନାହିଁ । ରିପୋର୍ଟକୁ ତର୍ଜମା କଲା ବେଳେ ଯେଉଁ କେତେକ ଯୁକ୍ତି ସାମ୍ନାକୁ ଆସୁଛି ସେଥିରୁ ରିପୋର୍ଟ ପଛରେ ଷଡ଼ଯନ୍ତ୍ରର ଗନ୍ଧ ବାରି ହେଉଛି ।

ଆମେରିକୀୟ ଦୈନିକ ଖବରକାଗଜ 'ୱାଶିଂଟନ୍ ପୋଷ୍ଟ'ରେ ପ୍ରକାଶିତ ଏହି ରିପୋର୍ଟ ଅନୁଯାୟୀ ବିମାନଟି ଉଠିବାର କିଛି ସେକେଣ୍ଡ ପରେ ଇନ୍ଧନ ନିୟନ୍ତ୍ରଣକାରୀ ଗୁରୁତ୍ୱପୂର୍ଣ୍ଣ ସ୍ୱିଚ୍ ସକ୍ରିୟ(ରନ ମୋଡ୍)ରେ ରହିବା ବଦଳରେ ନିଷ୍କ୍ରିୟ(କଟ୍‌ଅଫ୍) ସ୍ଥିତିରେ ଥିଲା । ଜଣେ ପାଇଲଟ୍ ଅନ୍ୟଜଣଙ୍କୁ 'କାହିଁକି ଇନ୍ଧନ ସ୍ୱିଚ୍ ବନ୍ଦ କରିଛ' ବୋଲି ପଚାରିଥିଲେ ଏବଂ ଦ୍ୱିତୀୟ ପାଇଲଟ୍ ଉତ୍ତର ଦେଇଥିଲେ ଯେ 'ମୁଁ ସ୍ୱିଚ୍ ବନ୍ଦ କରିନାହିଁ ।' କକ୍‌ପିଟ୍ ଭଏସ୍ ରେକର୍ଡିଂ ବ୍ୟବସ୍ଥାରେ ରେକର୍ଡ ହୋଇଥିବା ଏତିକିମାତ୍ର ବାର୍ତ୍ତାଳାପକୁ ତର୍ଜମା କରି ଏଏଆଇବି ଏହି ନିଷ୍କର୍ଷରେ ପହଞ୍ଚି ଯାଇଛି ଯେ ବିମାନର ଇନ୍ଧନ ସ୍ୱିଚ ବନ୍ଦ ଥିବାରୁ ଇଞ୍ଜିନ୍‌କୁ ଆବଶ୍ୟକ ପରିମାଣର ଇନ୍ଧନ ଯାଇପାରିଲା ନାହିଁ । ଯେତେବେଳେ ପୁଣି ସ୍ୱିଚ୍‌କୁ 'ରନ୍' କରାଗଲା ସେତେବେଳକୁ ଇଞ୍ଜିନ କାମ କରିବା ବନ୍ଦ କରିଦେଇଥିଲା ଏବଂ ବିମାନ ଦୁର୍ଘଟଣା ଘଟିଲା । ଏପରିକି ୨୦୨୩ ପରଠାରୁ ସ୍ୱିଚ୍‌ରେ କୌଣସି ତ୍ରୁଟି ପରିଲକ୍ଷିତ କିମ୍ବା ଅଭିଯୋଗ ହୋଇନଥିବା ରିପୋର୍ଟରେ ଦର୍ଶାଯାଇଛି । ଏହାର ଅର୍ଥ କୌଣସି ଯାନ୍ତ୍ରିକ ତ୍ରୁଟି ନୁହେଁ, ବରଂ ବିମାନ ଦୁର୍ଘଟଣା ପଛରେ କେବଳ ପାଇଲଟ୍‌ମାନଙ୍କର ତ୍ରୁଟି ହିଁ ଦାୟୀ ବୋଲି ରିପୋର୍ଟ ସ୍ପଷ୍ଟ କରିଛି ।

ବିଶେଷଜ୍ଞଙ୍କ ମତାନୁଯାୟୀ, ୪୦୦ ଫୁଟ୍ ଉଚ୍ଚତାକୁ ବିମାନ ଉଠିବା ପର୍ଯ୍ୟନ୍ତ ସବୁକିଛି ଠିକ୍‌ଠାକ୍ ଥିଲା । ଯଦିବା ସ୍ୱିଚ୍ ସ୍ଥିତିରେ ବ୍ୟତିକ୍ରମ ଥିଲା ତାହା କେଉଁ ପାଇଲଟ୍ କାହାକୁ କହିଥିଲେ ତାହାର କୌଣସି ସ୍ପଷ୍ଟ ସୂଚନା ଏଏଆଇବି ରିପୋର୍ଟରେ ନାହିଁ । ଏହାଛଡ଼ା ବିମାନର ଦୁଇଟି ଇଞ୍ଜିନ୍ ପାଇଁ ଦୁଇଟି ପୃଥକ୍ ଇନ୍ଧନ ସ୍ୱିଚ୍ ରହିଥାଏ । ସେଦୁଇଟି ଏଭଳି ଢାଙ୍କୁଣି ଦ୍ୱାରା ସୁରକ୍ଷିତ ଥାଏ ଯେ ଅନ୍ୟମନସ୍କ ଭାବେ ହାତବାଜିଲେ ମଧ୍ୟ ଏତେସହଜରେ 'ରନ୍' କିମ୍ବା 'କଟ୍‌ଅଫ୍' ସ୍ଥିତିକୁ ଆସିପାରିବ ନାହିଁ । ସ୍ୱିଚ୍‌ର ସ୍ଥିତି ବଦଳାଇବା ପାଇଁ ପାଇଲଟ୍‌ଙ୍କୁ ରୀତିମତ କସରତ କରିବାକୁ ପଡ଼େ । ସ୍ୱିଚ୍ 'ରନ୍' ସ୍ଥିତିକୁ ନ ଆଣିବା ପର୍ଯ୍ୟନ୍ତ ବିମାନ ଉଡ଼ାଣ ପାଇଁ ଇଞ୍ଜିନ୍ ଷ୍ଟାର୍ଟ(ଚାଲୁ) ହେବ ନାହିଁ । ବିମାନଟି ପୁଣି ଅବତରଣ କରିବା ପରେ ହିଁ ସ୍ୱିଚ୍‌କୁ 'କଟ୍‌ଅଫ୍' ସ୍ଥିତିକୁ ଅଣାଯାଏ । କୌଣସି ବିଶେଷ ବା ଜରୁରିକାଳୀନ ପରିସ୍ଥିତିରେ ମଧ୍ୟାକାଶରେ ବିମାନ ଉଡ଼ୁଥିବା ବେଳେ ଯଦି ପାଇଲଟ୍ ଅନୁଭବ କରନ୍ତି ଯେ ବିମାନର କୌଣସି ଇଞ୍ଜିନ୍ କାମ କରିବା ବନ୍ଦ କରିଦେଇଛି ସେକ୍ଷେତ୍ରରେ କେବଳ ସ୍ୱିଚ୍‌କୁ 'କଟ୍‌ଅଫ୍' ସ୍ଥିତିକୁ ଅଣାଯାଏ । ତେଣୁ ବିମାନଟି ପୃଥିବୀପୃଷ୍ଠରୁ ଆକାଶକୁ ଉଠିବା ମାତ୍ରେ ହିଁ ଦୁଇଟି ଯାକ ସ୍ୱିଚ୍ ସ୍ଥିତିରେ ଯେ ବ୍ୟତିକ୍ରମ ଘଟିଥିବ ବା କଟ୍‌ଅଫ୍ ସ୍ଥିତିକୁ ଅଣାଯାଇଥିବ, ତାହା କୌଣସି ସୁସ୍ଥ ମସ୍ତିଷ୍କଧାରୀ ପାଇଲଟ୍‌ଙ୍କ ପକ୍ଷେ ସମ୍ଭବ ନୁହେଁ । ଦୁର୍ଘଟଣା ପରେ ପରେ ଏୟାର ଇଣ୍ଡିଆ ପକ୍ଷରୁ ପ୍ରଦତ୍ତ ରିପୋର୍ଟ ଅନୁଯାୟୀ ଜୁନ୍ ୧୨ ତାରିଖ ଦିନ ବିମାନ ଉଡ଼ାଣ ଦାୟିତ୍ୱରେ ଥିବା ମୁଖ୍ୟ ପାଇଲଟ୍ ସୁମୀତ୍ ସବରୱାଲ୍ ଓ ସାଥୀ ପାଇଲଟ୍ କ୍ଲାଇଭ୍ କୁନ୍ଦରଙ୍କ ଅଭିଜ୍ଞତା ଓ ଦକ୍ଷତା ପ୍ରଶ୍ନାତୀତ । ଉଡ଼ାଣ ପୂର୍ବରୁ କରାଯାଇଥିବା ସ୍ୱାସ୍ଥ୍ୟ ପରୀକ୍ଷାରେ ସେମାନେ ପର୍ଯ୍ୟାପ୍ତ ବିଶ୍ରାମ ନେଇ ପରବର୍ତ୍ତୀ ଉଡ଼ାଣ ପାଇଁ ମାନସିକ ଓ ଶାରୀରିକ ସ୍ତରରେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଡାକ୍ତରୀ ପ୍ରମାଣପତ୍ର ଦିଆଯାଇଥିଲା । ତେଣୁ ଏଭଳି ଆତ୍ମଘାତୀ କାର୍ଯ୍ୟକଳାପ ଜିହାଦିଙ୍କ ବ୍ୟତୀତ ଅନ୍ୟ କାହା ପକ୍ଷେ ଚିନ୍ତା କରିବା ମଧ୍ୟ ସମ୍ଭବ ନୁହେଁ । ତେବେ ଏଏଆଇବି କ'ଣ ପ୍ରମାଣ କରିବାକୁ ଚାହୁଁଛି?

ରିପୋର୍ଟର ପରିପକ୍ୱତା ଉପରେ ପ୍ରଶ୍ନ ଉଠାଇଥିବା ବିଶେଷଜ୍ଞମାନେ ଆହୁରି ମଧ୍ୟ କହିଛନ୍ତି ଯେ 'ୟୁଏସ୍ ଫେଡେରାଲ୍ ଆଡମିନିଷ୍ଟ୍ରେସନ୍' ଦ୍ୱାରା ୨୦୧୮ରେ 'ସ୍ପେଶାଲ୍ ଏୟାରଓର୍ଥିନେସ୍ ଇନ୍‌ଫର୍ମେସନ୍ ବୁଲେଟିନ୍'ରେ ଜାରି ମାର୍ଗଦର୍ଶିକା ଅନୁଯାୟୀ ଇନ୍ଧନ ସ୍ୱିଚ୍ ସୁରକ୍ଷା ଯାଞ୍ଚ ନିୟମିତ ବ୍ୟବଧାନରେ ହେବା ଆବଶ୍ୟକ । କିନ୍ତୁ ଡ୍ରିମ୍‌ଲାଇନର ୭୮୭-୮ ପ୍ରସ୍ତୁତକାରୀ ସଂସ୍ଥା ସେଭଳି କରିଥିବା ଉଚିତ୍ ମନେ କରି ନଥିଲା । ଏଏଆଇବି ରିପୋର୍ଟରେ ଆହୁରି ମଧ୍ୟ ଦର୍ଶାଯାଇଛି ଯେ ଇନ୍ଧନ ଅଭାବ କାରଣରୁ ଇଞ୍ଜିନ ବନ୍ଦ ହୋଇଯିବା ପରେ ଲ୍ୟାଣ୍ଡିଂଗିୟର ପଛ ପାଖରେ ଥିବା ପବନଚାଳିତ ବିକଳ୍ପ ଶକ୍ତି ଉତ୍ସ ରାମ୍‌ଏୟାର ଟର୍ବାଇନ୍(ରାଟ୍) ତତ୍କାଳ ଚାଲୁ କରାଯାଇଥିଲା ଏବଂ ସ୍ୱିଚ୍‌କୁ 'ରନ୍' କରିବା ପରେ 'ଅକ୍ଜିଲାରୀ ପାୱାର ୟୁନିଟ୍ ବା ଏପିୟୁ ସ୍ୱୟଂକ୍ରିୟ ଭାବେ ଚାଲୁ ହୋଇଯାଇଥିଲା । ବିଶେଷଜ୍ଞଙ୍କ ମତାନୁଯାୟୀ ଦୁଇଟିଯାକ ଇଞ୍ଜିନ୍ ସମ୍ପୂର୍ଣ୍ଣ ଅକାମୀ ହୋଇଯିବା ପରେ ହିଁ ଏହି ଦୁଇ ବିକଳ୍ପ ବ୍ୟବସ୍ଥା ଆପେ ଆପେ କାର୍ଯ୍ୟକ୍ଷମ ହେବ । ତେଣୁ ଆପାତତଃ ଇଞ୍ଜିନ୍ ଅକାମୀ ହୋଇଥିବା ଏଥିରୁ ପ୍ରମାଣିତ ହେଉଛି । ତଥାପି ଇଞ୍ଜିନ ତ୍ରୁଟି ଜନିତ କାରଣ ରିପୋର୍ଟରେ ଦର୍ଶାଯାଇନାହିଁ କି ସେ ସମ୍ପର୍କରେ ଅଧିକ ଅନୁସନ୍ଧାନ ପାଇଁ ସୁପାରିସ ମଧ୍ୟ କରାଯାଇନାହିଁ ।

ବ୍ଲାକ୍‌ବକ୍ସ ତଦନ୍ତ ଆଧାରରେ ଚୂଡ଼ାନ୍ତ ରିପୋର୍ଟ ଆସିବାକୁ ବର୍ଷେ କିମ୍ବା ତଦୂର୍ଦ୍ଧ୍ୱ ସମୟ ଲାଗିପାରେ । ତେଣୁ ୟା' ଭିତରେ ତଦନ୍ତକାରୀ ସଂସ୍ଥାଙ୍କୁ ପ୍ରଲୋଭିତ କରି ଏଭଳି ଏକ ଉଦ୍ଦେଶ୍ୟମୂଳକ ରିପୋର୍ଟ ପ୍ରସ୍ତୁତ କରାଇନେବା ଆଶ୍ଚର୍ଯ୍ୟଜନକ ନୁହେଁ । ସ୍ୱିଚ୍ କଟ୍‌ଅଫ୍ ବିଷୟରେ କେଉଁ ପାଲଇଟ୍ କାହାକୁ କେଉଁ ପରିସ୍ଥିତିରେ କ'ଣ କହିଥିଲେ ତାହା କେବଳ ସେମାନେ ହିଁ ସ୍ପଷ୍ଟ କରିପାରିଥା'ନ୍ତେ । କିନ୍ତୁ ସେମାନେ ଜୀବିତ ନଥିବାରୁ ତାହା ଜାଣିବା ସମ୍ପୂର୍ଣ୍ଣ ଅସମ୍ଭବ । ଘଟଣାର ସାକ୍ଷୀ ବା ପ୍ରମାଣ ଦେବାକୁ ପ୍ରତ୍ୟକ୍ଷଦର୍ଶୀ ମଧ୍ୟ କେହି ନାହାନ୍ତି । ଏହି ପୃଷ୍ଠଭୂମିରେ 'ମାର ମାର ଭଣ୍ଡାରିଆକୁ ମାର' ନୀତିରେ ଦୁଇ ପାଇଲଟ୍‌ଙ୍କ ଅବର୍ତ୍ତମାନରେ ସେମାନଙ୍କ ମୁଣ୍ଡରେ ଦୋଷ ଲଦି ଦେଇ ଡ୍ରିମ୍‌ଲାଇନର ସଂସ୍ଥା ନିଜର ଭାବମୂର୍ତ୍ତି ସଜାଡ଼ିବାର ଭରପୂର ପ୍ରୟାସ କରିଥିବା ସମ୍ଭାବନାକୁ ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ ।

ନିୟମ ଅନୁଯାୟୀ କୌଣସି ଦୁର୍ଘଟଣା ଘଟିବାର ମାସକ ମଧ୍ୟରେ ଏଏଆଇବି ପ୍ରାଥମିକ ରିପୋର୍ଟ ଦେବାକୁ ପଡ଼ିବ । ତେଣୁ ତରବରିଆ ଭାବେ ପ୍ରସ୍ତୁତ ରିପୋର୍ଟର ତଦନ୍ତ ଆଧାର ଓ ନିଷ୍କର୍ଷ ଅପରିପକ୍ୱ ହୋଇପାରେ । ଏଭଳି ଏକ ସନ୍ଦେହବିଜଡ଼ିତ ପରିସ୍ଥିତିରେ ରିପୋର୍ଟକୁ ନେଇ କୌଣସି ଉପସଂହାରରେ ନ ପହଞ୍ଚିବାକୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି । ବିମାନ ଦୁର୍ଘଟଣା ଘଟିବା ପରେ ଏ ପର୍ଯ୍ୟନ୍ତ ଅନେକ ମତ ଓ ମନ୍ତବ୍ୟ ପ୍ରକାଶ ପାଇଛି । କିନ୍ତୁ ତାହା କେବଳ ଅନୁଭୂତି ଆଧାରିତ ଓ ଆନୁମାନିକ । ବ୍ଲାକ୍‌ବକ୍ସ ପରୀକ୍ଷା ଆଧାରରେ ପୂର୍ଣ୍ଣାଙ୍ଗ ରିପୋର୍ଟ ନ ଆସିବା ଯାଏଁ କୌଣସିଟିକୁ ସମ୍ପୂର୍ଣ୍ଣ ବିଶ୍ୱାସକୁ ନେବା ଠିକ୍ ହେବ ନାହିଁ । ସେହିଭଳି ରିପୋର୍ଟ ଯଦି ଉଦ୍ଦେଶ୍ୟମୂଳକ ହୁଏ ତେବେ ଏଏଆଇବି ଭଳି ଆନ୍ତର୍ଜାତିକ ସଂସ୍ଥା ବିଶ୍ୱସନୀୟତା ହରାଇବା ସାର ହେବ ।

## ନିଦଭରା ଶିକ୍ଷା କାହା ହିତରେ?

ଡ.ଅନ୍ତର୍ଜିତା ନାୟକ

ପୂର୍ବରୁ କୁହାଯାଉଥିଲା ଶୀଘ୍ର ଶୁଅ, ଶୀଘ୍ର ଉଠ, ସ୍ୱାସ୍ଥ୍ୟବାନ, ଧନବାନ ଓ ଜ୍ଞାନୀ ହୁଅ । କିନ୍ତୁ ଅତ୍ୟାଧୁନିକ ଯୁଗରେ ତାହା ବଦଳି ଯାଇ ହୋଇଗଲାଣି- ଡେରିରେ ଶୁଅ, ଶୀଘ୍ର ଉଠ, କେବଳ ଧନୀ ହୁଅ । ଆଜିକାଲି କାଳେ ଧନ ଥିଲେ ସ୍ୱାସ୍ଥ୍ୟ ଓ ଜ୍ଞାନ କିଣି ହେଉଛି । ସେଥିଲାଗି ଧନ ଉପାର୍ଜନର ବାଟକୁ ବଢ଼ାଇବା ହେଲା ଆମର ପ୍ରମୁଖ ଲକ୍ଷ୍ୟ । କିନ୍ତୁ ଆମେ ଭୁଲି ଯାଉଛନ୍ତି ଯେ ବିଳମ୍ବିତ ରାତିରେ ଶୋଇବା ଓ ରାତି ନ ପାହୁଣୁ ଉଠିବା ଆମକୁ କେବଳ ରୋଗ କିଣିବାରେ ହିଁ ସହାୟତା କରିପାରିବ । ଆଜି ଆମ ଚାରିପାଖରେ ମାନସିକ, ଶାରୀରିକ ଓ ସାମାଜିକ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଆଉ ଆମେ ଆମ ଘରେ ଏଇ ରୋଗୀ ତିଆରି କାରଖାନା ଖୋଲିଛନ୍ତି ।

ଆଗରୁ ସିନା ଟି.ଭି., ମୋବାଇଲ୍, କମ୍ପ୍ୟୁଟର, ଇଣ୍ଟରନେଟ୍, ହ୍ୱାଟ୍‌ସଆପ୍, ଫେସବୁକ୍, ହୋମୱାର୍କ, ପ୍ରୋଜେକ୍ଟ, ଏସାଇନମେଣ୍ଟ, ଟ୍ୟୁସନ୍ ନଥିଲା ଯେ ସମସ୍ତେ ଶୀଘ୍ର ଖାଇପିଇ ରାତି ୯ଟା ସୁଦ୍ଧା ଶୋଇପଡୁଥିଲେ । ହେଲେ ଏବେ ରାତି ୧୨ଟା-୧ଟେ ଆଗରୁ ଘରର ଲାଇଟ୍ ବନ୍ଦ ହେଉ ନାହିଁ । ରାସ୍ତାରେ ଟ୍ରାଫିକ୍ ଏତେ ବଢ଼ିଯାଇଛି ଯେ କାର୍ଯ୍ୟାଳୟରୁ ଘରକୁ ଫେରିଲା ବେଳକୁ ଅଧେ ରାତି ସରିଯାଉଛି । ଖାଇ-ପିଇ ଶୋଇଲାବେଳକୁ ଉଠିବା ସମୟ ହୋଇଯାଉଛି । ଠିକ୍ ନିଦ ଆସୁଥିବ, ଆଖି ଜୋରରେ ଲାଗି ଯାଉଥିବ, ସେତେବେଳକୁ ପିଲାଙ୍କର ସ୍କୁଲ୍ ଯିବା ସମୟ ହୋଇଯାଉଥିବ । ସକାଳ ୭.୨୦ରେ ସ୍କୁଲ୍ ଆରମ୍ଭ । ୭ଟା ସୁଦ୍ଧା ସ୍କୁଲ୍‌ରେ ପହଞ୍ଚିବାକୁ ହେବ । ସକାଳ ୫.୪୫ରେ ସ୍କୁଲ୍ ବସ୍ ଆସିଯିବ । ଭୋର ୪.୩୦ ରୁ ୪.୪୫ ଭିତରେ ଉଠିବାକୁ ହେବ । ଶୋଇଲାବେଳକୁ ରାତି ୧୨ଟା ଏବଂ ଉଠିଲାବେଳକୁ ସକାଳ ୪.୪୫ । ସମୁଦାୟ ୫ଘଣ୍ଟାର ନିଦ୍ରା । କିନ୍ତୁ ଆମ ପିଲା ଶୋଇବା କଥା ୮ ରୁ୧୦ଘଣ୍ଟା । ଏହା ସ୍ପଷ୍ଟ କରିଦେଉଛି ଯେ, ଆମେ ଆମ ଘରେ ଗୋଟେ ଗୋଟେ ରୋଗୀ ତିଆରି କରୁଛନ୍ତି, ଯାହାଙ୍କର ନିଦ ଆମେ ଏବେ ଖରାପ କରୁଛନ୍ତି । ପରେ ସେମାନେ ଆମ ନିଦ ହଜାଇବେ ।

ଛୁଆଟି ଯେତେବେଳେ ଠିକ୍ ଭାବରେ ଶୋଇପାରେ ନାହିଁ ବା ଅଳ୍ପ ସମୟ ଲାଗି ଶୋଇଲାପରେ ତାକୁ ଜୋର୍ ଜବରଦସ୍ତ ଉଠିବାକୁ ବାଧ୍ୟ କରିଦିଆଯାଏ, ସିଏ ସେତେବେଳେ ଚିଡ଼ଚିଡ଼ା ସ୍ୱଭାବର ହୋଇଯାଏ, ଯାହା ତା'ର ଧ୍ୟାନ, ଏକାଗ୍ରତା ଓ ସ୍ମରଣଶକ୍ତିକୁ ବ୍ୟାଘାତ କରିଥାଏ ଏବଂ ଶାରୀରିକ ଓ ମାନସିକ ଅଭିବୃଦ୍ଧି ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ । ଏହି ନିଦ୍ରାଭାବ ହେତୁ ଧ୍ୟାନାଭାବ ଓ ଅତିସକ୍ରିୟତା ବିକାର ଦେଖାଦେଇଥାଏ, ଯାହାଫଳରେ ପିଲାଟି ଶ୍ରେଣୀଗୃହରେ ପଢ଼ା ଯାଉଥିବା ପାଠ ଠିକ୍‌ରେ ଶୁଣିପାରେ ନାହିଁ କି ବୁଝିପାରେ ନାହିଁ । ଶ୍ରେଣୀରେ ତା'ର ପ୍ରଦର୍ଶନ ଅତି ନୈରାଶ୍ୟଜନକ ହୋଇଯାଏ । ବାଲ୍ୟକାଳରୁ ଅନିଦ୍ରା ବା ଉପଯୁକ୍ତ ନିଦ୍ରାଭାବ, ପ୍ରତିରକ୍ଷା ପ୍ରଣାଳୀରେ ସମସ୍ୟା, ଉଦାସୀନତା, ଆଲର୍ଜି ଜନିତ ନାସାପ୍ରଦାହ ଆଦି ସମସ୍ୟା ସହିତ ଭବିଷ୍ୟତରେ ମେଦବହୁଳତା, ମଧୁମେହ, ଉଚ୍ଚରକ୍ତଚାପ ଜରିଆରେ ହୃଦ୍‌ରୋଗ ବିପଦ ଆଣିପାରେ ବୋଲି ଅନେକ ଗବେଷଣାରୁ ଜଣାପଡ଼ିଛି ।

ସଅଳ ସ୍କୁଲ୍ ସମୟ ଛୋଟ ପିଲା ଓ ପ୍ରାଥମିକ ଶିକ୍ଷା ଉପରେ ଯେପରି କୁପ୍ରଭାବ ପକାଇ ଥାଏ, ଠିକ୍ ସେହିପରି କିଶୋରାବସ୍ଥାର ପିଲା ଓ ସେମାନଙ୍କର ଶିକ୍ଷାରେ ମଧ୍ୟ କୁପ୍ରଭାବ ପକାଇ ଥାଏ । କିଶୋରାବସ୍ଥାରେ ଘଟୁଥିବା ଶାରୀରିକ ଓ ମାନସିକ ପରିବର୍ତ୍ତନ ଯୋଗୁଁ ପିଲାମାନଙ୍କୁ ବିଳମ୍ବିତ ରାତି ଯାଏଁ ନିଦ ଆସେ ନାହିଁ । ବିଳମ୍ବିତ ସକାଳ ଯାଏଁ ନିଦ ଭାଙ୍ଗେ ନାହିଁ । ପର୍ଯ୍ୟାପ୍ତ ପରିମାଣରେ ନିଦ ଅଭାବ ସାଙ୍ଗକୁ ଶରୀରରେ ବିଭିନ୍ନ ଜୈବ ରାସାୟନିକ (ହର୍ମୋନ୍) ପରିବର୍ତ୍ତନ, କିଶୋରାବସ୍ଥାରେ ଅନେକ ସମସ୍ୟା ସୃଷ୍ଟି କରିଥାଏ, ଯାହା ମଧ୍ୟରୁ ମେଦବହୁଳତା ଖୁବ୍ ବେଶୀ । ଶରୀରରେ ହେଉଥିବା ଜୈବ ପରିବର୍ତ୍ତନ ସାଙ୍ଗକୁ ସ୍କୁଲ୍‌ର ସଅଳ ସମୟ, ବୋଝ ଉପରେ ନଳିତା ବିଡ଼ା, ଯାହା ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ । ଅଳ୍ପ ନିଦ୍ରା ବା ଅଧା ନିଦ୍ରାରୁ ଉଠି ଶୀଘ୍ର ସ୍କୁଲ୍ ଯିବା ସାମାନ୍ୟ ଲାଗିପାରେ, କିନ୍ତୁ ଏହି ବାଧ୍ୟତାମୂଳକ ଅଭ୍ୟାସ କିଶୋରମାନଙ୍କ ମଧ୍ୟରେ ନିଶା ସେବନ, ଉଦାସୀନତା, ଆତ୍ମହତ୍ୟା ପ୍ରବଣତା, ଧୂମପାନ, ଅସୁରକ୍ଷିତ ଯୌନ ସମ୍ପର୍କ, ସଡ଼କ ଦୁର୍ଘଟଣା, ବଳାତ୍କାର ଭଳି ସମସ୍ୟାମାନଙ୍କୁ ଟାଣି ଆଣୁଛି, ଯାହାକୁ ଆମେ ବହୁ ସମୟରେ ଅଣଦେଖା କରନ୍ତି । ସମସ୍ୟାର ତର୍ଜମା କରନ୍ତି ନାହିଁ ।

ସକାଳ ୭ଟାରୁ ସ୍କୁଲ୍ ଆରମ୍ଭ କରି ଦ୍ୱିପ୍ରହର୨ଟାରେ ସାରିବା କାହିଁକି ଏତେ ଜରୁରୀ? ସ୍କୁଲ୍ ସକାଳ ୧୦ଟାରୁ ଅପରାହ୍ନ ୪ଟା ଯାଏଁ ଚାଲିଲେ ଅସୁବିଧା କ'ଣ? ପିଲା କେତେସୁନ୍ଦର ସକାଳୁ ଉଠି ପାରିବେ, ନିତ୍ୟକର୍ମ ଠିକ୍‌ରେ ସାରିପାରିବେ, ଭଲରେ ଖାଇ-ପିଇ ସ୍କୁଲ୍ ଯାଇ ମନଦେଇ ପାଠ ପଢ଼ିପାରିବେ । ସ୍କୁଲ୍‌ରୁ ଫେରି ଖେଳିବାକୁ ଯାଇପାରିବେ । ସନ୍ଧ୍ୟା ସମୟରେ ପାଠପଢ଼ି ବସିପାରିବେ । ସବୁ କେତେ ବ୍ୟବସ୍ଥିତ ହୋଇପାରିବ! କେବଳ ସରକାରୀ ସ୍କୁଲ୍‌କୁ ଛାଡ଼ିଦେଲେ ଘରୋଇ ସ୍କୁଲ୍ ସବୁ ଶୀଘ୍ର ଆରମ୍ଭ କରି ଶୀଘ୍ର ଶେଷ କରିବାରେ ବ୍ୟସ୍ତ । କିନ୍ତୁ କାହିଁକି? ଏହାର କାରଣ ଯଦି ଖୋଜିବା, ତେବେ ଅସଲ ଦୋଷୀ ହେଲା ଟ୍ୟୁସନ୍ । ଆଜିକାଲିକାର ଧାରଣା ଯେ ପିଲା ଯେତେ ଟ୍ୟୁସନ୍ ଯିବେ, ଯେତେ ଅଧିକ ସମୟ ପାଠପଢ଼ିବେ, ସେତେ ଅଧିକ ନମ୍ବର ପରୀକ୍ଷାରେ ରଖିବେ । ସେତେ ଅଧିକ ନାଁ ହେବ । ଗୋଟେ ଗୋଟେ ବିଷୟ ଲାଗି ଦୁଇ ଦୁଇଟା ଟ୍ୟୁସନ୍! ସ୍କୁଲ ଶେଷକରି ସିଧା ଟ୍ୟୁସନ୍ ଯାଉଛନ୍ତି, ଲଗାତାର ଟ୍ୟୁସନ୍ ସାରି ଘରକୁ ଫେରୁଛନ୍ତି । ବେଳେବେଳେ ଏହା ମଧ୍ୟ ଦେଖିବାକୁ ମିଳିଛି ଯେ ରାତି ୧୦ଟା ଯାଏଁ ଟ୍ୟୁସନ୍ ଚାଲୁଛି । ପିଲାମାନେ ସ୍କୁଲ୍ ୟୁନିଫର୍ମ ବଦଳାଇବାକୁ ସମୟ ପାଉନାହାନ୍ତି ।

ଶୀଘ୍ର ସ୍କୁଲ୍ ଯିବା ଲାଗି ରାତିର ନିଦ ସକାଳୁ ପୂର୍ଣ୍ଣ ହୋଇନଥିବ । ଖରାବେଳେ ଲଗାତାର ଟ୍ୟୁସନ୍ ଲାଗି ପିଲାଟି ଶୋଇପାରିବ ନାହିଁ । ପରୀକ୍ଷାରେ ଅଧିକ ନମ୍ବର ଲାଗି ପିଲାଙ୍କ ନିଦ ବଳି ପଡ଼ିଗଲେ ସେଥିରେ କାହାରି କିଛି ଯାଏ ଆସେ ନାହିଁ । ଆମ ପିଲାଙ୍କ ସାଙ୍ଗରେ ଆମେ ଏ କ'ଣ କରୁଛନ୍ତି? ବହୁତ ଭଲ ସ୍କୁଲ୍‌ରେ ପଢ଼ିବା ଲାଗି ରାତିର ନିଦକୁ ଅଧାରେ ଭାଙ୍ଗିବ, ତା'ବାଦ ପୁଣି ଟ୍ୟୁସନ୍ ଯିବ ବୋଲି ବଳକା ନିଦକୁ ତ୍ୟାଗ କରିବ । ସ୍କୁଲ୍‌ରେ ଯଦି ଏତେ ଭଲ ପାଠପଢ଼ା ହେଉଛି, ତେବେ ଟ୍ୟୁସନ୍ କ'ଣ ଜରୁରୀ? ଆମେ ବୋଧେ ଭୁଲି ଯାଉଛନ୍ତି ଯେ ନିଦ ଭରା ଆଖିରେ ଉଚ୍ଚ ସ୍ୱପ୍ନ ଦେଖିବାକୁ କୌଣସି ଜାଗା ରହେ ନାହିଁ । ସରକାର, ପ୍ରଶାସନ ଓ ଅଭିଭାବକମାନଙ୍କୁ କ'ଣ ଏହା ଜଣା ପଡୁନାହିଁ? ସରକାର କହିଲେ ପିଲାଙ୍କର କଲ୍ୟାଣ ଲାଗି ସେମାନଙ୍କୁ ପାଠର ଚାପ କମ ଦିଆଯିବ, ପରୀକ୍ଷା ଉଠାଇ ଦିଆଯିବ, ଶାରୀରିକ ଦଣ୍ଡ ଦିଆଯିବ ନାହିଁ, ସ୍କୁଲ୍ ବ୍ୟାଗର ଓଜନ କମେଇଦିଆଯିବ, ଏମିତି କେତେ ପ୍ରକାରର କଥା । କିନ୍ତୁ ପିଲାଙ୍କର ବାସ୍ତବ ଯନ୍ତ୍ରଣାକୁ ଦେଖିଲେ ଲାଗେ ସବୁ ନିୟମ ତା' ଜାଗାରେ ଏବଂ ପିଲାଙ୍କ ବେଦନା ପିଲାଙ୍କ ପାଖରେ । ସ୍କୁଲ ଗଲା ବେଳକୁ ପିଲା ଯଦି ଆଖିରେ ଆଖିଏ ନିଦ, କାନ୍ଧରେ ଭାରି ବୋଝ ଓ ପେଟରେ ଭୋକ ନେଇ ଯିବ, ତେବେ ପାଠ ମୁଣ୍ଡରେ ପଶିବାକୁ ଆଉ ବାଟ ରହିବ ତ? ସେଥିରେ ଆମେ ଶିଶୁ ଅଧିକାର ବିଷୟରେ କହିବା । ପ୍ରକୃତ ଶିଶୁ ଅଧିକାର କ'ଣ, ଶିଶୁ କଲ୍ୟାଣ କ'ଣ, ଆମକୁ ବୁଝିବାକୁ ହେବ । ଜୋର୍ ନିଦ ଲାଗୁଥିବ ପିଲାଟି ଶୋଇପାରିବ ନାହିଁ, କଥା ଠିକ୍‌ରେ କହି ଶିଖି ନଥିବ ପାଠପଢ଼ା ଆରମ୍ଭ ହୋଇଯିବଣି, କାନ୍ଧ କାଟୁଥିବ ହେଲେ ବହିବସ୍ତାନି ନନେଇ ସ୍କୁଲ୍ ଯାଇପାରିବନି, ଏସବୁ କ'ଣ ଶିଶୁ ଅଧିକାରର ଉଲଂଘନ ନୁହେଁ କି?

ପାଠପଢ଼ାକୁ ଆମେ ଗୋଟେ ଦଣ୍ଡ ଭଳିଆ କରିସାରିଲୁଣି, ଯାହାକୁ ପିଲା ଡରିକି ବାଧ୍ୟରେ କରୁଛନ୍ତି । ଯଥେଷ୍ଟ ଓ ସମ୍ପୂର୍ଣ୍ଣ ନିଦ ସମସ୍ତଙ୍କର ଅଧିକାର । ପିଲାମାନଙ୍କର ଶାରୀରିକ, ମାନସିକ ଓ ସାମାଜିକ ବିକାଶ, କଲ୍ୟାଣ ଓ ସ୍ଥିରତା ନିମନ୍ତେ ସମ୍ପୂର୍ଣ୍ଣ ନିଦ ଜରୁରୀ । ଆମ ବ୍ୟବସ୍ଥା ଯୋଗୁଁ ଆମେ ଯେମିତି ଆମ ପିଲାଙ୍କର ନିଦ ହଜାଉଛନ୍ତି, ସେମିତି ସେହି ବ୍ୟବସ୍ଥା ଆମ ପିଲାଙ୍କୁ ଆଗକୁ ଯାଇ ଏତେ ଅବ୍ୟବସ୍ଥିତ ନକରିଦେବ ଯେ ସେମାନେ ଆମ ନିଦ ହଜାଇବେ । ଏହି ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ଆମେ ନିଜେ ।

ଭୁବନେଶ୍ୱର, ମୋ: ୬୩୭୦୯୦୫୯୪୭

## ନାରୀ ସମାଜ: ଆମ ମାନସିକତା ଓ ବ୍ୟବସ୍ଥା

କୃଷ୍ଣଚନ୍ଦ୍ର ସୁଆଁସିଆ



ସମ୍ପ୍ରତି ମହିଳା ସଶକ୍ତୀକରଣ ଏବଂ ସଶକ୍ତ ମହିଳା ସମାଜ ଗଠନର ନାରା ଦିଆଯାଉଛି । କିନ୍ତୁ ଆମ ସମାଜରେ ନାରୀମାନେ କ'ଣ ପ୍ରକୃତରେ ସଶକ୍ତ? ପ୍ରତିଦିନ ଆମେ ଗଣମାଧ୍ୟମରେ ନାରୀ ନିର୍ଯାତନା ସମ୍ବନ୍ଧିତ ସମ୍ବେଦନଶୀଳ ଘଟଣାମାନ ବଢ଼ି ଚାଲିଥିବାର ପଢ଼ୁଛେ, ଦେଖୁଛେ, ଶୁଣୁଛେ । ନାରୀ ନିର୍ଯାତନା ଦିନକୁ ଦିନ ବଢ଼ିବା ସହ ଏଭଳି ଅମାନବୀୟ ଘଟଣା ସାମ୍ନାକୁ ଆସୁଛି । ଘଟଣା ଘଟିବା ପରେ ପ୍ରତିକ୍ରିୟାମାନ ମଧ୍ୟ ପ୍ରକାଶ ପାଉଛି । କିନ୍ତୁ ପ୍ରତିକ୍ରିୟାଶୀଳତା କେବଳ ସୀମିତ ସମୟ ଓ ସ୍ୱାର୍ଥ ନିହିତରେ ଆବଦ୍ଧ ହୋଇ ରହି ଯାଉଛି । ପୀଡ଼ିତାକୁ ନେଇ ରାଜନୀତିର ପଶାପାଲି ଆରମ୍ଭ ହୋଇଯାଉଛି । 'ନାରୀ ଦୁର୍ବଳା ନୁହେଁ ସବଳା' ନାରା ଦେଇ ରାଜନୈତିକ ଦଳର ବ୍ୟକ୍ତି ରାଜଧାନୀରେ ଆନ୍ଦୋଳନ, କ୍ୟାଣ୍ଡେଲ ଶୋଭାଯାତ୍ରା କରନ୍ତି । ହୋହାଲ୍ଲା ଏତିକିରେ ସୀମିତ ରୁହେ । ପରେ ପ୍ରସଙ୍ଗ ଥଣ୍ଡା ପଡ଼ିଯାଏ । ରିଶେଷରେ ପୀଡ଼ିତା କିମ୍ବା ତା'ର ପରିବାର ନ୍ୟାୟ ପାଇବା ଦୂରର କଥା, ବଦନାମ ହେବା ଦେଖିବାକୁ ମିଳୁଛି ।

ସମାଜ ଯେତିକି ବିକଶିତ ହେଉଛି ନାରୀମାନଙ୍କ କାର୍ଯ୍ୟଶୈଳୀରେ ସେତିକି ବିକାଶ ପରିଲକ୍ଷିତ ହେଉଛି । କିନ୍ତୁ ଶିକ୍ଷିତ ସମାଜରେ ନାରୀମାନଙ୍କ ପ୍ରତି ମନୋଭାବରେ ପରିବର୍ତ୍ତନ ନ ହେବା ଚିନ୍ତାର ବିଷୟ ପାଲଟିଛି । ଏପରିକି ଜଣେ ନାରୀ ସମସ୍ୟା ପ୍ରତି ସମାଜ ପ୍ରତିକ୍ରିୟାଶୀଳ ହେବା ଦୂରର କଥା ନାରୀ ସମାଜ ହିଁ ନୀରବଦ୍ରଷ୍ଟା ପାଲଟିବା ନାରୀ ସୁରକ୍ଷା ପ୍ରତି କୁଠାରଘାତ ହେଉଛି । କେଉଁଠି ରାଜନୈତିକ ଚାପ ପଡୁଛି ତ କେଉଁଠି ଅନ୍ୟ କିଛି କାରଣ ପାଇଁ ଦୋଷୀ ନିର୍ଦ୍ଦୋଷରେ ଖସି ଯାଉଛି । ଆଶ୍ଚର୍ଯ୍ୟର କଥା ସମାଜସେବା ଓ ରାଜନୀତିରେ ନୂଆ ନୂଆ ମହିଳାଙ୍କ ଚେହେରା ସାମ୍ନାକୁ ଆସୁଥିଲେ ସୁଦ୍ଧା କିଛି ନିର୍ଦ୍ଦିଷ୍ଟ ସମସ୍ୟାକୁ ନେଇ ଆଗକୁ ଆସୁନାହାନ୍ତି । ଦଳ କିମ୍ବା ସଂଗଠନକୁ ସୁହାଇଲା ଭଳି ସ୍ୱର ଉତ୍ତୋଳନ କରିବା କେଉଁଠି ନା କେଉଁଠି ନାରୀ ପାଇଁ ନାରୀମାନଙ୍କ ଆନ୍ତରିକତାରେ ପ୍ରଶ୍ନବାଚୀ ଲାଗିଯାଉଛି ।

ନାରୀମାନେ ସଂଗଠିତ ହୋଇ ସାମୂହିକ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ସକ୍ରିୟ ହେଲେ ହିଁ ସମାଜରେ ନାରୀମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ଓ ଅପରାଧ ହ୍ରାସ ପାଇପାରିବ । ନାରୀକୁ ଉଚିତ ସମ୍ମାନ ମିଳିବ । ନାରୀ ଶକ୍ତି ଯେତେବେଳେ ସଂଗଠିତ ହୋଇ ଏକସ୍ୱର ଉଠାଇବେ ସେତେବେଳେ ଯାଇ ରକ୍ଷକ ଭକ୍ଷକ ସାଜିବାକୁ ସାହସ କରିବ ନାହିଁ । ପୁରାଣ, ଇତିହାସକୁ ପଢ଼ିବା କିମ୍ବା ଶୁଣିବାରେ ସୀମିତ ନରହି ନାରୀ ସମାଜ ସଂଘଟିତ ହେବା ଜରୁରୀ । ନଚେତ ଏମିତି ଗୋଟେ ପରେ ଗୋଟେ ଅଭାବନୀୟ ଘଟଣାମାନ ସାମ୍ନାକୁ ଆସୁଥିବ । ଆଉ ଏସବୁକୁ ଢାଲ କରି ରାଜନୀତି ତା'ର ଫାଇଦା ଉଠାଇ ଚାଲିଥିବ ।

ଏସବୁକୁ ପ୍ରତିହତ କରି ଜନସାଧାରଣଙ୍କୁ ଏକ ସୁସ୍ଥ ପରିବେଶ ମଧ୍ୟରେ ଜୀବନଜୀବିକା ଅତିବାହିତ କରିବା ଲାଗି ଉତ୍କୃଷ୍ଟ ସମାଜ ଗଢ଼ିବାରେ ଉଭୟ ଶାସକ ଓ ବିରୋଧୀଦଳମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କିନ୍ତୁ ବିଡ଼ମ୍ବନାର ବିଷୟ କିଛିଦିନ କ୍ୟାଣ୍ଡେଲ ଶୋଭାଯାତ୍ରା, ଟିଭିରେ ଦୋଷାରୋପର ପ୍ରହସନ ସହ 'ପୀଡ଼ିତାଙ୍କୁ ନ୍ୟାୟ' ଦେବାର ଅଭିନୟରେ ନାରୀ ସୁରକ୍ଷା ସୀମିତ ରହିଯାଉଛି । କଥାରେ ଅଛି ପିଲା ନକାନ୍ଦିବା ଯାଏଁ ଯେମିତି ମାଆ ପିଲାର ଭୋକ ଜାଣିପାରି ନଥାଏ ସେଭଳି ସମସ୍ୟାକୁ ଗୁରୁତର ସହ ନାରୀ ସମାଜ ଯେପର୍ଯ୍ୟନ୍ତ ଶାଣିତ ଓ ପ୍ରତିକ୍ରିୟାଶୀଳ ଭାବେ ଉପସ୍ଥାପନ ନ କରିଛି, ନାରୀମାନେ ସଂଗଠିତ ନ ହୋଇଛନ୍ତି ସେତେବେଳେ ଯାଏଁ ଏଭଳି ଘଟଣା ଘଟିଚାଲିଥିବ ।

ଏଭଳି ଘଟଣାଗୁଡ଼ିକ ଦେଖି ମନେ ପଡ଼େ କବି କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କର କାଳଜୟୀ ରଚନା - 'ଜନ୍ମ ଆମର ମଣିଷ କୋଳରେ ନାହିଁ ଇଜ୍ଜତ ମାନ, ଆମ ଝିଅବୋହୂ ସବୁରି ଶାଳୀ ହେ ଆମେ ଶଳା ସଇତାନ ।'

ସମାଜରେ ଉଭୟ ପୁରୁଷ ଓ ନାରୀ ସମାନ । କିନ୍ତୁ ସଭ୍ୟ ସମାଜରେ ନାରୀମାନଙ୍କ ପ୍ରତି ହେଉଥିବା ନିର୍ଯାତନା, ଅନୀତି, ଅପରାଧକୁ ଦେଖି ସମାଜ ନିରବଦ୍ରଷ୍ଟା ପାଲଟିବା ଅନୁଚିତ । ବ୍ୟକ୍ତିଟି ଯେଉଁ ବିଚାର ସହ ସଂଶ୍ଲିଷ୍ଟ ଥାଉ ପଛେ ନାରୀ ସୁରକ୍ଷା ପାଇଁ ସମସ୍ତଙ୍କ ସ୍ୱର ଏକ ହେବାର ଆବଶ୍ୟକ ରହିଛି । ପୀଡ଼ିତା ଶବ ଉପରେ ସ୍ୱାର୍ଥସାଧନ ପ୍ରତି ଗୁରୁତ୍ୱ ନଦେଇ ବରଂ ପୀଡ଼ିତା ପରିବାରବର୍ଗ କିଭଳି ନ୍ୟାୟ ପାଇପାରିବେ ଏବଂ ଦୋଷୀ କଠୋର ଦଣ୍ଡ ପାଇବା ଦରକାର ସେ ଦିଗରେ ଆନ୍ତରିକତାର ସହ କାର୍ଯ୍ୟ କରିବାର ମାନସିକତା ରଖିବା ଆବଶ୍ୟକ । ଫଳରେ ଏଭଳି ଜଘନ୍ୟ ଅପରାଧ କରିବା ପୂର୍ବରୁ ଦୋଷୀ ବାରବାର ଅନୁଭବ କରିବାକୁ ବାଧ୍ୟ ହେବ । ଏପରିକି ନିଜ ପରିବାରରେ ଥିବା ମାଆ, ଝିଅ, ବୋହୂଙ୍କ ସହ ଅନ୍ୟ ନାରୀମାନଙ୍କୁ ମଧ୍ୟ ସମାନ ନଜର ଦେବାକୁ ବାଧ୍ୟ ହେବ । ସେଭଳି ବ୍ୟବସ୍ଥାରେ କଠୋର ଦଣ୍ଡ ବିଧାନ ଦ୍ୱାରା ଅପରାଧୀ ଓ ଅପରାଧ ପ୍ରତି ସଂଶ୍ଲିଷ୍ଟ ବ୍ୟକ୍ତିମାନଙ୍କ ମନରେ ଭୟ ସୃଷ୍ଟି କରିବାକୁ ପଡ଼ିବ । ଏହାଦ୍ୱାରା ସଭ୍ୟ ସମାଜରେ ନାରୀ ପୁରୁଷ ସାଥିରେ ନିର୍ଭୟରେ ଜୀବନଯାପନ କରିବାରେ ସମର୍ଥ ହୋଇପାରିବ ।

ଶେରଗଡ଼(ଗଞ୍ଜାମ), ମୋ: ୬୩୭୦୯୧୨୪୦୨

## ଆମ ବୃକ୍ଷଲତା ଆମ ଜୀବନ

### ଇନ୍ଦ୍ରମହି

ପ୍ରକୃତି-ପରିବେଶ

ସୌଭାଗ୍ୟସୁନ୍ଦର

ଇନ୍ଦ୍ରମହି ବା 'ମହି' ହେଉଛି ଏକ ଉଷ୍ଣମଣ୍ଡଳୀୟ ଶୁଷ୍କ ପର୍ଣ୍ଣମୋଚୀ ବୃକ୍ଷ, ଯାହା ଭାରତ ସମେତ ଦକ୍ଷିଣ ଓ ଦକ୍ଷିଣ-ପୂର୍ବ ଏସୀୟ ଦେଶଗୁଡ଼ିକରେ ଦେଖାଯାଏ । ଭାରତରେ ଏହା ପ୍ରାୟ ସମସ୍ତ ରାଜ୍ୟ ଏବଂ ଆଣ୍ଡାମାନ, ନିକୋବର ଦ୍ୱୀପପୁଞ୍ଜରେ ବଢ଼ିଥାଏ । ପ୍ରାକୃତିକ ଉତ୍ପତ୍ତି ଆବାସ ସ୍ଥାନ ଅନୁସାରେ ମହି ଗଛ ୧୦ ରୁ ୨୫ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ । ଏହାର ଗଣ୍ଡି କଠିନ, ଘନ, ଧୂସର-ବାଦାମୀ ରଙ୍ଗର । ବକଳ ବା ଛାଲି ପୃଷ୍ଠ ଧୂସରରୁ ଗାଢ଼ ବାଦାମୀ, ରୁକ୍ଷ, ଖଣ୍ଡ ଖଣ୍ଡ ହୋଇ ଉଠିଆସେ, ତନ୍ତୁମୟ; ଅଠାଳିଆ ରସ ନିର୍ଗତ ହୁଏ, ଲାଲ କଅଁଳିଆ ଶାଖା ଏବଂ ପ୍ରଶାଖାଗୁଡ଼ିକ ସୂକ୍ଷ୍ମ କେଶ ଦ୍ୱାରା ଆଚ୍ଛାଦିତ । ପତ୍ରଗୁଡ଼ିକ ସାଧାରଣତଃ ୫ ରୁ ୧୧ ଅଂଶବିଶିଷ୍ଟ, ଅଗ୍ର ଭାଗରେ ଗୋଟିଏ ପତ୍ରଅଂଶ ସହିତ ଶେଷ ହୁଏ, କଅଁଳିଆ ସମୟରେ ଘନ ମଖମଲ-ଲୋମଯୁକ୍ତ ଥାଏ । ଫୁଲଗୁଡ଼ିକ ଛୋଟ ଓ ସବୁଜ-ହଳଦିଆ । ପ୍ରତି ଫୁଲରେ ସେପାଲ୍ ବା ବହିରାବରଣ ବୃନ୍ତାଧାର ୪ଟି ଓ ପାଖୁଡ଼ା ୪ଟି ଥାଏ । ଫୁଲକେଶରଗୁଡ଼ିକ ବହୁତ ଛୋଟ ଏବଂ ଡିମ୍ବାଶୟ ଉପରିସ୍ଥ । ବେରି ଭଳି ଦେଖାଯାଉଥିବା ଫଳଗୁଡ଼ିକ ପାଚିଲେ ଲାଲ କିମ୍ବା ବାଇଗଣୀ ରଙ୍ଗଧାରଣ କରେ । ପେଣ୍ଡାରେ ଆକାରରେ ପତ୍ରହୀନ ଶାଖାର ଅଗ୍ର ବା ଶେଷରେ ଫଳଗୁଡ଼ିକ ଥାଏ । ଫଳ ୧ ରୁ ୨ ସେମି ଲମ୍ବା, ଲାଲ, ସଙ୍କୁଚିତ, ଚେପଟା, ବୃକକ୍ ଆକାରର ଓ ଏକକ ବିହନଯୁକ୍ତ ।

ଇନ୍ଦ୍ରମହୀ ଆୟୁର୍ବେଦ, ୟୁନାନୀ, ସିଦ୍ଧ ଓ ହୋଲିଷ୍ଟିକ୍ ସ୍ୱାସ୍ଥ୍ୟର ପାରମ୍ପରିକ ଚିକିତ୍ସା ପ୍ରଣାଳୀରେ ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍ଭିଦ । ଏହାକୁ ସମଗ୍ର ଭାରତରେ ଆଦିବାସୀ ଜନଜାତିମାନେ ବିଭିନ୍ନ ରୋଗର ଚିକିତ୍ସା ପାଇଁ ବହୁଳ ବ୍ୟବହାର କରୁଥିବା ଜଣାଯାଏ । ଏହା ପ୍ରଦାହ-ବିରୋଧୀ, ଆଣ୍ଟିମାଇକ୍ରୋବାୟଲ୍, ଆଫ୍ରୋଡିସିଆକ୍ ବା କାମଉଦ୍ଦୀପକ । ଏହା ଏକ ଜଣାଶୁଣା ପାରମ୍ପରିକ ଔଷଧୀୟ ଗଛ, ଯାହା କ୍ଷତ, ଝାଡ଼ା, ହୃଦରୋଗ, ଗଣ୍ଠିବାତ, ସାଧାରଣ ଦୁର୍ବଳତା, ନିଶାଦ୍ରବ୍ୟ ଦ୍ୱାରା ହେଉଥିବା କୋମାରେ ପ୍ରତିଷେଧକ, ଶୁକ୍ରାଣୁ କ୍ଷୟଜନିତ ଦୁର୍ବଳତା, ଦାନ୍ତ ଯନ୍ତ୍ରଣା, କାଶ ଓ ଗଳା ଯନ୍ତ୍ରଣା, ହାଡ଼ଭଙ୍ଗା ଅପସ୍ମାର, କ୍ଷତକୁ ସୁସ୍ଥ କରିବା, ଅଲସର, କାନ୍ଧ ଓ ବେକ ଯନ୍ତ୍ରଣା, କୁଷ୍ଠ ଇତ୍ୟାଦି ଚିକିତ୍ସାରେ ବହୁଳ ବ୍ୟବହୃତ ହୁଏ । ପରଜା ଏବଂ ଗଡ଼ବା ଜନଜାତି ଚର୍ମ ରୋଗର ଚିକିତ୍ସା ପାଇଁ ଛାଲି ଏବଂ ପେଟ ଯନ୍ତ୍ରଣା ପାଇଁ କୋମଳ ପତ୍ର ବ୍ୟବହାର କରନ୍ତି । ଏହି ଉଦ୍ଭିଦରେ କାର୍ବୋହାଇଡ୍ରେଟ୍, ପଲିସାକାରାଇଡ୍, ଅଠା, ପ୍ରୋଟିନ୍, ଆମିନୋ ଏସିଡ୍, ଗ୍ଲାଇକୋସାଇଡ୍, ଫ୍ଲାଭୋନଏଡ୍, ଟର୍ପେନଏଡ୍, ପଲିଫେନୋଲ୍, ଟାନିନ୍ ଭଳି ବିଭିନ୍ନ ଯୌଗିକ ଜୈବ ରସାୟନିକ ଉପାଦାନ ରହିଥିବା ଜଣାଯାଏ ।

ଆଧ୍ୟାତ୍ମିକ ଭାବରେ ଏହାକୁ ଦୁଷ୍ଟ ଆତ୍ମାଙ୍କଠାରୁ ରକ୍ଷା କରିବା ପାଇଁ ବ୍ୟବହାର କରାଯାଏ । କଅଁଳ ପତ୍ର ଏବଂ ଗଜାକୁ ପନିପରିବା ଭାବରେ ଖିଆଯାଏ । ଗଣ୍ଡିରୁ ମିଳୁଥିବା ଅଠା ପ୍ରାୟତଃ ମିଠା ତିଆରିରେ ଏବଂ ଛାଲି ଗୁଣ୍ଡକୁ ଏକ ସୁସ୍ୱାଦ ଉପାଦାନ ଭାବରେ ବ୍ୟବହାର କରାଯାଏ । ଗଛ ଲାଖ କୀଟ ପାଇଁ ଏକ ଆବାହକ ଭାବରେ ବ୍ୟବହୃତ ହୁଏ, ଯାହା ଲାଖ ଉତ୍ପାଦନ କରେ । ଏହାର ଉତ୍କୃଷ୍ଟ ଉଇ ପ୍ରତିରୋଧୀ ଗୁଣ ପାଇଁ ଏହା ପ୍ଲାଏ-କାଠ, ଘର ନିର୍ମାଣ, ଫର୍ଣ୍ଣିଚର, ଚାଉଳ ପାଉଡର, କାରୁକାର୍ଯ୍ୟ ଏବଂ ଟର୍ନରୀ ଇତ୍ୟାଦିରେ ବ୍ୟବହୃତ ହୁଏ । ଡ୍ରମ୍ ଏବଂ ଗିଟାର ଭଳି ବାଦ୍ୟଯନ୍ତ୍ର ତିଆରି କରିବାରେ ଏହି ଗଛର କାଠ ବ୍ୟବହୃତ ହୁଏ । କାଣ୍ଡରୁ ଝିଂଗମ ଗମ୍ ନାମକ ଏକ ରେଜିନ୍ ମିଳିଥାଏ ଏବଂ ଏହାକୁ କାଲିକୋ ମୁଦ୍ରଣ ପାଇଁ ବ୍ୟବହୃତ ହୁଏ । ଆଖୁ ରସକୁ ସ୍ୱଚ୍ଛ କରିବା ପାଇଁ ଏକ ଫ୍ଲୋକୁଲେଟିଂ ଏଜେଣ୍ଟ ଭାବରେ ମଧ୍ୟ ବ୍ୟବହୃତ ହୁଏ । ଏହାର ଛାଲିରେ ଟାନିନ୍ ଥାଏ ତେଣୁ ଏହାକୁ ଟ୍ୟାନିଂ, ରଙ୍ଗ ଭାବରେ ଏବଂ ମାଛ ଧରିବା ଜାଲ ସଂରକ୍ଷଣ ପାଇଁ ବ୍ୟବହାର କରାଯାଏ ।

ଏହା ଏକ ଲାଭଦାୟକ ଉଦ୍ଭିଦ ଏବଂ ତେଣୁ ଏହାର ଚାଷକୁ ପ୍ରୋତ୍ସାହିତ କରାଯିବା ଆବଶ୍ୟକ । ଏହାକୁ ପ୍ରାୟତଃ କୃଷି ବନୀକରଣ ପ୍ରଣାଳୀରେ ଲଗାଯାଏ, କାରଣ ଏହା ଛାଇ ପ୍ରଦାନ କରେ ଏବଂ ମାଟିର ଉର୍ବରତାକୁ ଉନ୍ନତ କରେ ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ଆଜି ଆସୁଛନ୍ତି ରାଷ୍ଟ୍ରପତି

- ବିମାନବନ୍ଦରରୁ କାରକେଡ୍ ରିହର୍ସାଲ କଲା ପୁଲିସ
- ଟ୍ୱିନ୍ ସିଟିରେ ୧୧୦ ପ୍ଲାଟୁନ ଫୋର୍ସ ମୁତୟନ
- ଏମ୍ସ ମେଡିକାଲ, ରେଭେନ୍ସାରେ ରହିଛି କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୩।୭ (ସମିସ):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି (ସୋମବାର) ଦିନ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଗସ୍ତ କାଳରେ ସେ ଭୁବନେଶ୍ୱର ସମେତ ରାଜ୍ୟର ଅନ୍ୟ ସ୍ଥାନରେ ଏକାଧିକ କାର୍ଯ୍ୟକ୍ରମରେ ଯୋଗଦେବେ। ଏହାକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ଥିବା ସ୍ଥାନ ଏବଂ ବିମାନବନ୍ଦରରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ଏଥିସହ ରାଷ୍ଟ୍ରପତି ଯିବାକୁ ଥିବା ରାସ୍ତାର ଉଭୟପଟରେ ପୁଲିସ ମୁତୟନ କରାଯାଇଛି। ସୁରକ୍ଷାରେ ତ୍ରୁଟି ଯେପରି ନଘଟେ, ସେଥିଲାଗି ଆଜି ପୁଲିସ ପକ୍ଷରୁ କାରକେଡ୍ ରିହର୍ସାଲ କରାଯାଇଛି।

ବିମାନବନ୍ଦରରୁ ପ୍ରଥମେ ରାଜ୍ୟପାଳ ଭବନ ଓ ପରେ ସେଠାରୁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ କାରକେଡ୍ ଯାଇଥିଲା। ପରେ କଟକରେ ମଧ୍ୟ ରିହର୍ସାଲ କରାଯାଇଥିବା ଜଣାଯାଇଛି। ରାଷ୍ଟ୍ରପତିଙ୍କ ସୁରକ୍ଷା ଦୃଷ୍ଟିରୁ ଦ୍ୱୈତନଗରୀରେ ୧୧୦ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ। ସେଥିମଧ୍ୟରୁ କେବଳ ଭୁବନେଶ୍ୱରରେ ୫୦ ପ୍ଲାଟୁନ ଫୋର୍ସ ନିୟୋଜିତ ହେବେ। ଏଥିରେ ୮ଜଣ ଡିସିପି ର୍ୟାଙ୍କ୍ ଅଫିସର, ୧୧ଜଣ ଅତିରିକ୍ତ ଡିସିପି, ୩୧ଜଣ ଏସିପି ରାଙ୍କ, ୪୪ ଇନ୍ସପେକ୍ଟର୍, ୧୮୦ଜଣ ସବ ଇନ୍ସପେକ୍ଟର୍ ରହିଛନ୍ତି। ସେହିପରି ଏମ୍ସ ଭୁବନେଶ୍ୱର, ରାଜଭବନ ଓ ବିଭିନ୍ନ ଟ୍ରାଫିକ ପୋଷ୍ଟ



ଓ ନାକା ଅଞ୍ଚଳରେ ପୁଲିସ୍ ନିୟୋଜିତ ରହିବେ। ଅପରପକ୍ଷେ, ଭୁବନେଶ୍ୱର ଏମ୍ସରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରାଯାଇଥିବା ନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ଡିସିପି ଜଗମୋହନ ମୀନା।

ଶ୍ରୀମତୀ ମୁର୍ମୁ ଦୁଇଦିନିଆ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏବଂ କଟକରେ ଆୟୋଜନ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଜୁଲାଇ ୧୪ ତାରିଖରେ ରାଷ୍ଟ୍ରପତି ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ)ର ପଞ୍ଚମ ସମାବର୍ତ୍ତନ ସମାରୋହରେ ଅଂଶଗ୍ରହଣ କରିବେ। ଏହି ସ୍ମରଣୀୟ ଉତ୍ସବରେ ସେ ଛାତ୍ରଛାତ୍ରୀ, ଅଭିଭାବକ ତଥା ସମସ୍ତ ଏମ୍ସ ପରିବାରକୁ ଅନୁପ୍ରେରିତ କରିବେ। ଏହି ସମ୍ମାନଜନକ କାର୍ଯ୍ୟକ୍ରମରେ ରାଷ୍ଟ୍ରପତିଙ୍କ ସହିତ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଯୋଗଦେବେ ବୋଲି ଡ. ବିଶ୍ୱାସ ସୂଚନା ଦେଇଛନ୍ତି। ଜୁଲାଇ ୧୫ ତାରିଖରେ ଶ୍ରୀମତୀ ମୁର୍ମୁ କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ଦୀକ୍ଷାନ୍ତ ସମାରୋହରେ ଅତିଥି ଭାବେ ଯୋଗଦାନ କରିବା ସହ ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟର ତିନୋଟି ଅଟ୍ଟାଳିକାର ପୁନର୍ବିକାଶ ଲାଗି ଶିଳାନ୍ୟାସ କରିବେ। ସେ ମଧ୍ୟ ଆଦିକବି ସାରଳା ଦାସଙ୍କ ଜନ୍ମ ବାର୍ଷିକୀ ସମାରୋହରେ ଯୋଗ ଦେବା ସହିତ କଳିଙ୍ଗ ରତ୍ନ ପୁରସ୍କାର-୨୦୨୪ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି।

## ହିନ୍ଦୋଳ ମଦ ମୃତ୍ୟୁ ଘଟଣା

# ମୃତକଙ୍କ ପରିବାରକୁ ୧୦ ଲକ୍ଷ ସହାୟତା ଦାବିକଲା ବିଜେଡି



- ଶବ ବ୍ୟବଚ୍ଛେଦ ନ ହେବା ଉପରେ ପ୍ରଶ୍ନ ଉଠାଇଲା ଦଳ
- ଅବକାରୀ ଓ ପୁଲିସ ସହଯୋଗରେ ରାଜ୍ୟରେ ବଢୁଛି ଚୋରା ମଦ କାରବାର

**ଭୁବନେଶ୍ୱର,୧୩।୭ (ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକର ବମ୍ପା ଗ୍ରାମରେ ବିଷାକ୍ତ ମଦ ପିଇ ମୃତ୍ୟୁବରଣ କରିଥିବା ପରିବାରକୁ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ସାକ୍ଷାତ କରିଛି। ପୀଡିତା ପରିବାରବର୍ଗଙ୍କୁ ଆଶ୍ୱାସନା ଦେବା ସହ ୧୦ ଲକ୍ଷ ଟଙ୍କା ଲେଖାଏଁ ଆର୍ଥୀକ ସହାୟତା ଦେବା ପାଇଁ ଦଳ ଦାବି କରିଛି। ଏହା ସହିତ ଚୋରାମଦ କାରବାର ଉପରେ ରୋକ୍ ଲଗାଇବା ପାଇଁ ରାଜ୍ୟ ସରକାର ଦୃଢ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ବିଜେଡି ଜୋର ଦେଇଛି। ବିଷାକ୍ତ ମଦ ପିଇ ବମ୍ପା ଗ୍ରାମର ମୃତ୍ୟୁବରଣ କରିଥିବା ମିଲୁ ସାମଲ ଓ ପ୍ରଫୁଲ୍ଲ ସାମଲଙ୍କ ପରିବାରକୁ ଭେଟି ସମବେଦନା ଜଣାଇ ସହ ପ୍ରଶାସନିକ ଦାୟିତ୍ୱହୀନତାକୁ ବିଜେଡିର ପ୍ରତିନିଧି ମଣ୍ଡଳୀ କଡା ନିନ୍ଦା କରିଛି। ପ୍ରଶାସନିକ ହସ୍ତକ୍ଷେପ ଦ୍ୱାରା ମୃତ ବ୍ୟକ୍ତିଙ୍କ ଶବ ବ୍ୟବଚ୍ଛେଦ ନକରି ମେଡିକାଲରୁ ଘରକୁ ଫେରାଇ ଦିଆଯାଇଥିଲା। ଏଥିରୁ ସ୍ପଷ୍ଟ ଜଣାପଡୁଛି ଏ ସରକାର ବିଷାକ୍ତ ମଦ ମୃତ୍ୟୁକୁ ଚପାଇଦେବାକୁ ଷଡଯନ୍ତ୍ର କରୁଛନ୍ତି ବୋଲି ଦଳ ଅଭିଯୋଗ କରିଛି।

ପୀଡିତା ପରିବାର ଓ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଆଜକୁ ଦୀର୍ଘ ଦିନ ହେଲା ପୁଲିସ ଓ ଅବକାରୀ ବିଭାଗର ସହାୟତାରେ ଏହି ଅଞ୍ଚଳ ଖୁଲମଖୋଲା ଚୋରା ମଦ କାରବାର ବିପୁଳ ପରିମାଣରେ ଚାଲୁଛି। ଯାହା ଫଳରେ ଅଞ୍ଚଳର ଯୁବକମାନେ ପଥଭ୍ରଷ୍ଟ ହେବା ସହିତ ପରିବାରରେ ସାମାଜିକ କଳହ ସୃଷ୍ଟି ହେଉଛି। ଏହି ଅଞ୍ଚଳରେ କିଭଳି ଚୋରା ମଦ କାରବାର ବନ୍ଦ ହେବ ସେ ଦିଗରେ ସରକାର ଦୃଢ ପଦକ୍ଷେପ ନେବା ପାଇଁ ବିଜୁ ଜନତା ଦଳ ଦାବି କରିଛି। ବିଜେଡିର ଏହି ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ସାଂସଦ ମହେଶ ସାହୁ, ମୁଖପାତ୍ର ନାରାୟଣ ଜେନା, ଜିଲ୍ଲା ପରିଷଦ ସଦସ୍ୟା ମମତାଞ୍ଜଳି ବେହେରା, ଦେବୀପ୍ରସାଦ ପଟ୍ଟନାୟକ, ପ୍ରଶାନ୍ତ ଦାସ, ମିଳନ ରାଉତ ଓ ପ୍ରଦ୍ୟୁମ୍ନ ବେହେରାଙ୍କ ସମେତ ସ୍ଥାନୀୟ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

# ମହାନଦୀରେ ଭାସି ଆସିଲେ ୮ ଟିକିଆ ହାତୀପଲ

**ବୌଦ୍ଧ,୧୩।୭ (ସମିସ):** ମହାନଦୀରେ ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ଭରାନଦୀରେ ଏକ ୮ଟିକିଆ ହାତୀପଲ ପହଁରି ଆସିଛନ୍ତି। ସେମାନଙ୍କ ମଧ୍ୟରେ ୩ଟି ହାତୀଛୁଆ ମଧ୍ୟ ରହିଛନ୍ତି।



ଏହି ହାତୀପଲ ମଝି ନଦୀରେ ଥିବା କୁଲାରୀକୁଦ ଦୀପରେ ପହଞ୍ଚି ସେଠାରେ ଥିବା ମନ୍ଦିର ନିକଟରେ ବିଶ୍ରାମ ନେଇଛନ୍ତି। ଖବର ପାଇ ବନ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ମହାନଦୀ କୂଳରେ ପହଞ୍ଚିଛି। ଡ୍ରୋନ୍ କ୍ୟାମେରା ମାଧ୍ୟମରେ ହାତୀମାନଙ୍କ ଗତିବିଧି ଉପରେ ସେମାନେ ନଜର ରଖିଛନ୍ତି। କୁଲାରିକୁଦ ଦ୍ୱୀପକୁ ଆସିଥିବା ହାତୀପଲଙ୍କ ମଧ୍ୟରେ ଗୋଟିଏ ଦନ୍ତା, ୩ଟି ଛୁଆ ହାତୀ ଏବଂ ଅନ୍ୟ ୪ଟି ମାଇ ହାତୀ ଅଛନ୍ତି ବୋଲି ବୌଦ୍ଧ ବନଖଣ୍ଡ ଅଧିକାରୀ (ଡିଏଫ୍ଓ) ଦେବପ୍ରିୟ କମ୍ପ କହିଛନ୍ତି।

ଏହି ହାତୀପଲ ଏବେ ବି ସେଠାରେ ଅଟକି ରହିଛନ୍ତି। ସେମାନଙ୍କ ମଧ୍ୟରୁ ଗୋଟିଏ ହାତୀ ଜଗିରହିଥିବା ବେଳେ ଅନ୍ୟମାନେ ବିଶ୍ରାମ ନେଉଛନ୍ତି। ସେମାନଙ୍କ ଉପରେ ବନ ବିଭାଗ ଏବେ ବି ତୀକ୍ଷ୍ଣ ନଜର ରଖିଛି। ଏହି ହାତୀପଲ କେଉଁଆଡ଼େ ଯିବେ, ତାହା କହିହେବ ନାହିଁ। ପୁନଃ ଆଠମଲିକ ଅଭିମୁଖେ ଫେରିପାରନ୍ତି ଅବା ବୌଦ୍ଧ ଅଭିମୁଖେ ଆସିପାରନ୍ତି। ତେଣୁ ସେମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ

**ହାତୀଙ୍କ ଗତିବିଧି ଉପରେ ନଜର ରଖିଛି ବନ ବିଭାଗ**

ରଖି ଆବଶ୍ୟକ ପଦକ୍ଷେପ ନିଆଯାଇଛି। ଆଖପାଖ ଅଞ୍ଚଳର ବିଦ୍ୟୁତ୍ ସରବରାହ ବନ୍ଦ କରି ଦିଆଯାଇଛି। ବୌଦ୍ଧ ଏସିଏଫ୍ ଆଶିଷ କହଁରଙ୍କ ନେତୃତ୍ୱରେ ଫରେଷ୍ଟର ପ୍ରସନ୍ନ ପ୍ରଧାନ, ବନକର୍ମଚାରୀ ପ୍ରଦ୍ୟୁମ୍ନ ବାଘ, ମନୋରଞ୍ଜନ ନାୟକଙ୍କ ସମେତ ବହୁ ବନ କର୍ମଚାରୀ ମର୍ଜାକୁଦ ଲାଞ୍ଜିରେ ଥିବା କୁଲାରୀକୁଦ ଇକୋ ଟୁରିଜମଠାରେ ରହି ଡ୍ରୋନ୍ ସାହାଯ୍ୟରେ ହାତୀଙ୍କ ଗତିବିଧି ଉପରେ ନଜର ରଖିଛନ୍ତି।

## ଆଜି ଏମ୍ସ ଆସିବ ୬୬୨ କଲେଜ ସଂଘ

**ଭୁବନେଶ୍ୱର, ୧୩।୭ (ସମିସ):** ଏଫ୍ଏମ୍ କଲେଜ ଛାତ୍ରୀ ନିର୍ଯ୍ୟାତନା ଘଟଣାରେ ପିଡ଼ିତା ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ତାଙ୍କ ପରିବାରବର୍ଗଙ୍କ ସହ ଆଲୋଚନା କରିବା ପାଇଁ ଆସନ୍ତାକାଲି ଅର୍ଥାତ୍ ସୋମବାର ଏମ୍ସ ହସ୍ପିଟାଲ୍‌କୁ ଆସିବ ୬୬୨ କଲେଜ ସଂଘ। ପିଡିତାଙ୍କ ବାପା ୬୬୨ କଲେଜର ଜଣେ କର୍ମଚାରୀ ଏବଂ ସଂଘର ଜଣେ ସକ୍ରିୟ ସଦସ୍ୟ। ତାଙ୍କ ପ୍ରତି ହୋଇଥିବା ଅନ୍ୟାୟକୁ ସଂଘ ପକ୍ଷରୁ ନିନ୍ଦା କରିବା ସହ ଏକ ୭ଜଣିଆ ପ୍ରତିନିଧି ଦଳ ଏମ୍ସ ଆସିବ। ସଭାପତି ଗୋଲକ ନାୟକଙ୍କ ନେତୃତ୍ୱାଧୀନ ଟିମ୍ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ, ଅଧକ୍ଷଙ୍କୁ ଗିରଫ୍ ଏବଂ ସମସ୍ତ ଚିକିତ୍ସା ସୁବିଧା ଯୋଗାଇବା ପାଇଁ ମଧ୍ୟ ଦାବି କରିବ।

## ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ପ୍ରତ୍ୟାହୃତ

# ରାଜ୍ୟବାସୀଙ୍କୁ କ୍ଷମା ମାଗିଲା ଡ୍ରାଇଭର ମହାସଂଘ

**ରେଢ଼ାଖୋଲ, ୧୩।୭ (ସମିସ):** ରାଜ୍ୟବାସୀଙ୍କୁ କ୍ଷମା ମାଗି ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ପ୍ରତ୍ୟାହୃତ କଲା ଡ୍ରାଇଭର୍ ମହାସଂଘ। ଆଜି ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ରମେଶ ସିଂ ନିର୍ମାଣାଧୀନ ଲଜ୍‌ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏ ସଂପର୍କରେ ଘୋଷଣା କରାଯାଇଛି।

ଏହି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ ପ୍ରଥମ ଦିନରେ ସରକାର ମହାସଂଘ କର୍ମକର୍ତ୍ତାଙ୍କୁ ଡାକି ଆଲୋଚନା କରିଥିଲେ। ଆଲୋଚନା ସନ୍ତୋଷଜନକ ଥିଲେ ବି ଲିଖିତ ଭାବେ ପ୍ରତିଶ୍ରୁତି ଦେବା ପାଇଁ ସରକାରଙ୍କୁ ନିବେଦନ କରାଯାଇଥିଲା। କିନ୍ତୁ ଏଥିରେ ସେମାନେ ଅରାଜି ହୋଇଥିଲେ। ପରେ ଗତ ୯ତାରିଖରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏବଂ ଦୁଇ ବିଧାୟକ ଆମ୍ଭମାନଙ୍କୁ ଆନ୍ଦୋଳନରୁ ଓହରିଯିବା ପାଇଁ ଅନୁରୋଧ କରିଥିଲେ। ଡ୍ରାଇଭର କଲ୍ୟାଣ ବୋର୍ଡର ସଦସ୍ୟ ବିଧାୟକ ବାବୁ ସିଂ ଗଣମାଧ୍ୟମ ଆଗରେ ଆମ ଦାବିଗୁଡ଼ିକ ଖୁବ୍‌ଶୀଘ୍ର ପୂରଣ କରାଯିବାର ପ୍ରତିଶ୍ରୁତି ଦେଇ ଆନ୍ଦୋଳନକୁ ପ୍ରତ୍ୟାହାର କରିବା ପାଇଁ ଅନୁରୋଧ କରିଥିଲେ। ଆନ୍ଦୋଳନ ଯୋଗୁଁ ଓଡ଼ିଶାବାସୀଙ୍କ ହେଉଥିବା ବିଭିନ୍ନ ଅସୁବିଧା ଏବଂ ବିଶେଷକରି ରାଷ୍ଟ୍ରପତି ଦ୍ରୌପୁଦୀ ମୁର୍ମୁଙ୍କ ଗସ୍ତକୁ ଆଖି ଆଗରେ ରଖି ମହାସଂଘ ସଭାପତି ପ୍ରଶାନ୍ତ ମେଣ୍ଡୁଲିଙ୍କ ନିର୍ଦ୍ଦେଶକ୍ରମେ ଆନ୍ଦୋଳନ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନିଆଯାଇଛି। ତେବେ ଯଦି ସରକାର ଆଗାମୀ ଦିନରେ ପ୍ରତିଶ୍ରୁତି ପୂରଣ ନ କରନ୍ତି, ପୁଣି ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବୁ ବୋଲି ମହାସଂଘ ଚେତାବନୀ ଦେଇଛି।



ଅପରପକ୍ଷେ, ଆନ୍ଦୋଳନରେ ସମର୍ଥନ କରିଥିବାରୁ ଓଡ଼ିଶା ବସ୍ ମାଲିକ ସଂଘ, ଓଡ଼ିଶା ଟ୍ରକ୍ ମାଲିକ ସଂଘ, ଓଡ଼ିଶା ମିନି ଟ୍ରକ୍ ମାଲିକ ସଂଘ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ତଥା ଓଡ଼ିଶାର ସମସ୍ତ ଜନସାଧାରଣଙ୍କୁ ଡ୍ରାଇଭର ଏକତା ମହାମଞ୍ଚ କୃତଜ୍ଞତା ଜଣାଉଛି ବୋଲି କୁହାଯାଇଥିଲା। ଆନ୍ଦୋଳନ ଯୋଗୁଁ ଓଡ଼ିଶାବାସୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥିବାରୁ ସେଥିପାଇଁ ମହାସଂଘ କ୍ଷମା ପ୍ରାର୍ଥନା କରୁଛି ବୋଲି ମଧ୍ୟ କୁହାଯାଇଥିଲା। ଅପରପକ୍ଷେ, କଂଗ୍ରେସକୁ ମହାସଂଘ ସମର୍ଥନ କରୁଥିବାର ଯେଉଁ ଅପପ୍ରଚାର କରାଯାଉଛି, ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶାର ଡ୍ରାଇଭର ମହାସଂଘର ୩୦ଟି ଜିଲ୍ଲାର ପ୍ରତିନିଧି ଏବଂ ପଦାଧିକାରୀମାନେ ଉପସ୍ଥିତ ରହିଥିଲେ।

## ବଜ୍ରପାତରେ ଜଣେ ମୃତ

**କୁଚିଣ୍ଡା,୧୩।୭ (ସମିସ):** କୁଚିଣ୍ଡା ଥାନା ଅଧୀନ ନଗରାବାହାଲ ନିକଟସ୍ଥ ସୁଢ଼େନ ମାଲ ଗ୍ରାମର ତୁନ୍ଦି ସେଉଲଙ୍କ ପୁଅ କୈଳାସ ସେଉଲ(୩୫) ଓ ଭକ୍ତ ଜମୁଡ଼ାଳିଆଙ୍କ ପୁଅ ଦିନେଶ ଚାଷକାମ କରୁଥିବା ବେଳେ ବଜ୍ରପାତ ହୋଇଥିଲା। ଏଥିରେ କୈଳାସଙ୍କ ମୃତ୍ୟୁ ଘଟିଥିଲା। ସୂଚନା ଅନୁସାରେ କୈଳାସ ଓ ଦିନେଶ ଜମୁଡ଼ାଳିଆ ପହ୍ଲାରୁଆ ମେସିନରେ ଗ୍ରାମର ପିଣ୍ଟୁ ଖୁଣ୍ଟିଆଙ୍କ ଜମିରେ ପହ୍ଲାରୁଆ କରୁଥିବାବେଳେ ବଜ୍ରପାତ ହୋଇଥିଲା। ଏଥିରେ କୈଳାସଙ୍କ ମୃତ୍ୟୁ ଘଟିଥିବାବେଳେ ଦିନେଶଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନା ଅଣାଯାଇଥିଲା। ଦିନେଶ ବର୍ତ୍ତମାନ କୁଚିଣ୍ଡା ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

## ବଜ୍ରପାତରେ ମହିଳା ମୃତ

**ପାରଳାଖେମୁଣ୍ଡି, ୧୩।୭ (ସମିସ):** ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ଆଖପାଖ ଅଞ୍ଚଳରେ ଆଜି ସନ୍ଧ୍ୟାରେ ବର୍ଷା ସହ ବଜ୍ରପାତ ହୋଇଥିଲା। ଏହି ସମୟରେ ସହର ଉପକଣ୍ଠସ୍ଥ ତଥା ଗୁମ୍ମା ବ୍ଲକ ଝାମିଗାଁରେ ଜମିରେ କାମ କରୁଥିବା ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ଝାମିଗାଁ କାଲିସେଟୀ ଆପଲନାଇଡୁଙ୍କ ପତ୍ନୀ କାଲିସେଟୀ ବୃନ୍ଦାବତୀ (୩୨)। ଧାନ ରୋଇବାକୁ ଯାଇଥିବା ବେଳେ ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ପରିବାରବର୍ଗ ଜମିକୁ ଯାଇ ବୃନ୍ଦାବତୀ ମରି ପଡ଼ିଥିବା ଦେଖିଥିଲେ। ଉଦ୍ଧାର କରି ପାରଳାଖେମୁଣ୍ଡିସ୍ଥିତ ଡାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରାଜ୍ୟରେ 'ନିର୍ଯାତନା'...

ହୋଇଥିଲେ ହେଁ ତାଙ୍କୁ ନ୍ୟାୟ ଦେବାରେ କଲେଜ କର୍ତ୍ତୃପକ୍ଷ ଓ ସରକାର ବିଫଳ ହେଲେ। ବିଡ଼ମ୍ବନା ହେଉଛି ଏ ସମ୍ପର୍କରେ ଛାତ୍ରୀଜଣକ ସରକାରଙ୍କୁ ଗତ ୧ ତାରିଖରେ ଅବଗତ କରିଥିଲେ, ସ୍ଥାନୀୟ ସାଂସଦଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ ହେଁ କାହିଁକି ଓ କାହା ଚାପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ ଓ ପରିଣତିସ୍ୱରୂପ ଗୋଟିଏ ଝିଅର ଜୀବନ ନଷ୍ଟ ହୋଇଗଲା ତାହା ସାଧାରଣ ଲୋକଙ୍କୁ ବି ବିଚଳିତ କରିଛି।

ପ୍ରଥମରୁ ଦାୟିତ୍ୱରେ ଅବହେଳା କରିଥିବା ଉଚ୍ଚଶିକ୍ଷା ବିଭାଗ ତଦନ୍ତ ପାଇଁ ଏକ କମିଟି ଗଢ଼ିଛି। ଏହି କମିଟି ବାଲେଶ୍ୱରରେ ତଦନ୍ତ ଆରମ୍ଭ କରିଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏମ୍ସରେ ପୀଡ଼ିତା ଛାତ୍ରୀଙ୍କୁ ଭେଟିଛନ୍ତି, ତାଙ୍କୁ ଦିଲ୍ଲୀ ଏମ୍ସକୁ ଚିକିତ୍ସା ନିମନ୍ତେ ପଠାଇବା ନିମନ୍ତେ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ସରକାରଙ୍କୁ ନିଶାଣ କରିଛନ୍ତି। ରାଜ୍ୟରେ ମହିଳା ବିରୋଧୀ ହିଂସା ଚରମସ୍ଥିତିରେ ପହଞ୍ଚିଛି, ତେଣୁ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ନିମନ୍ତେ ବିଜେଡି ଓ କଂଗ୍ରେସ ଦାବି କରିଛନ୍ତି ଓ ଆସନ୍ତାକାଲି ତାଙ୍କୁ ଭେଟିବାକୁ ସମୟ ମାଗିଛନ୍ତି। ଅନ୍ୟପକ୍ଷରେ ବିଜେଡି ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରି ତାଙ୍କ ବାସଭବନ ଘେରାଉ କରିଛି। ସେହିପରି ପିସିସି ସଭାପତି ମଧ୍ୟ ଏହି ଘଟଣାରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ରାଜ୍ୟରେ ମହିଳା ହିଂସାକୁ ନେଇ ସରକାରଙ୍କ ଉପରେ ବର୍ଷିଛନ୍ତି।

## ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା...

କମି ଯାଇଥିବାରୁ କିଡ୍‌ନୀ କାମ କରୁନାହିଁ। ପରିସ୍ରା ହେଉ ନଥିବାରୁ କିଡ୍‌ନୀକୁ କ୍ରିୟାଶୀଳ କରିବା ଲାଗି ସାଲାଇନ ଓ ଅନ୍ୟାନ୍ୟ ଚିକିତ୍ସା କରାଯାଉଛି। ନିଆଁ ଯୋଗୁଁ ରକ୍ତରେ ଏସିଡ୍ ଅଂଶ ବ୍ୟାପି ଯାଇଥିବା ଟିଏଲ୍‌ସି ପରୀକ୍ଷାରୁ ସୂଚନା ମିଳିଛି। ପୀଡ଼ିତା ୫ ଗୁଣ ଅଧିକ ସଂକ୍ରମଣର ଶିକାର ହୋଇଛନ୍ତି। ରକ୍ତଚାପ, ପଲ୍‌ସ, ରେସ୍ପିରେଟର ରେଟ୍ ଆଦି ନିୟନ୍ତ୍ରଣ କରିବା ପାଇଁ ହେମୋଡାଇନାମିକ୍ ମନିଟରିଂ କରାଯାଉଛି। ଇଞ୍ଜେକ୍ସନ ମଧ୍ୟ ଦିଆଯାଉଛି; ସୁଗାର ଲେବଲ୍ ଉପରେ ଦୃଷ୍ଟି ରଖାଯାଇଥିବା ବେଳେ ଭିଟାମିନ ସି, ଡି, ଏ, ଜିଙ୍କ୍ ସପ୍ଲିମେଣ୍ଟ ଦିଆଯାଉଛି। ହାର୍ଟ ବିଟ୍ ରେଟ୍ ୧୮୦ ବିପିଏମ୍ ରହିଥିବା ବେଳେ ଅମ୍ଳଜାନ ସ୍ତର ୯୮ ପ୍ରତିଶତ ରହିଛି। ପୀଡ଼ିତାଙ୍କ ସ୍ୱାସ୍ଥ୍ୟବସ୍ଥା ଜଟିଳ ଥିବା ନେଇ ତାଙ୍କ ପରିବାର ଲୋକଙ୍କୁ ସୂଚନା ଦିଆଯାଇଥିବା ଡାକ୍ତର ଗିରି କହିଛନ୍ତି।

ସୌମ୍ୟାଶ୍ରୀଙ୍କ ଉନ୍ନତ ଚିକିତ୍ସା ପାଇଁ ଏମ୍ସ ପକ୍ଷରୁ ୧୦ ଜଣ ଅଭିଜ୍ଞ ବିଶେଷଜ୍ଞ ଡାକ୍ତରଙ୍କୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ନିଶ୍ଚେତକ ବିଭାଗର ପ୍ରଫେସର ଜୟନ୍ତ ମିତ୍ର, ଜେନେରାଲ ମେଡିସିନ ବିଭାଗର ପ୍ରଫେସର ଡାକ୍ତର ଅନୁପମ ଦେ, ପଲ୍‌ମୋନାରି ମେଡିସିନର ପ୍ରଫେସର ମନୋଜ ପାଣିଗ୍ରାହୀ, ବର୍ଣ୍ଣ ଓ ପ୍ଲାଷ୍ଟିକ ସର୍ଜରୀ ବିଭାଗର ଅତିରିକ୍ତ ପ୍ରଫେସର ଡାକ୍ତର ସଞ୍ଜୟ ଗିରି, ସହକାରୀ ପ୍ରଫେସର ଡାକ୍ତର ଶାନ୍ତନୁ ସୁବା, କାର୍ଡିଓଲୋଜି ବିଭାଗର ସହକାରୀ ପ୍ରଫେସର ଡାକ୍ତର ଦେବାଶିଷ ଆଚାର୍ଯ୍ୟ, ନେଫ୍ରୋଲୋଜିର ସହକାରୀ ପ୍ରଫେସର ଡାକ୍ତର ସନ୍ଦୀପ ପଣ୍ଡା, ନିଶ୍ଚେତକ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ଦେବିଶ୍ରୀ ଦାସ, ନର୍ସିଂ ଅଧୀକ୍ଷକ ଡାକ୍ତର ମହାଲିଙ୍ଗମ ଓ ଆସିଷ୍ଟାଣ୍ଟ ନର୍ସିଂ ଅଧୀକ୍ଷକ ପ୍ରିୟଦର୍ଶିନୀ ସାହୁଙ୍କୁ ନେଇ କମିଟି ଗଠନ ହୋଇଥିବା ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଶେଷଜ୍ଞ ଡାକ୍ତର କମିଟି ପୀଡ଼ିତାଙ୍କ ଚିକିତ୍ସାର ତଦାରଖ କରୁଛନ୍ତି।

ଅନ୍ୟପକ୍ଷରେ ସୌମାଶ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ବିଶେଷ କିଛି ସୁଧାର ଆସିନାହିଁ ବୋଲି ଭୁବନେଶ୍ୱର ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ଆଶୁତୋଷ ବିଶ୍ୱାସ କହିଛନ୍ତି। ସୌମ୍ୟାଶ୍ରୀଙ୍କ ଶରୀରର ୯୫ ପ୍ରତିଶତ ପୋଡ଼ି ଯାଇଥିବା ବେଳେ ଆଭ୍ୟନ୍ତରୀଣ ଅଙ୍ଗରେ ମଧ୍ୟ ଆଘାତ ଲାଗିଛି। ଏମିତିକି ତାଙ୍କ କିଡ୍‌ନୀ ଓ ଫୁସ୍‌ଫୁସ୍ ମଧ୍ୟ ପ୍ରଭାବିତ ହୋଇଛି। ବିଭିନ୍ନ ବିଭାଗର ଡାକ୍ତର ତାଙ୍କ ଚିକିତ୍ସା କରୁଛନ୍ତି। ସୌମ୍ୟାଶ୍ରୀଙ୍କୁ ଆଇସିୟୁ ଭେଣ୍ଟିଲେଟର୍‌ରେ ରଖାଯାଇଛି। ତାଙ୍କ ପାଇଁ ଆସନ୍ତା ୨୪ରୁ ୪୮ ଘଣ୍ଟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ବିଶ୍ୱାସ କହିଛନ୍ତି।

## ରାଜ୍ୟପାଳ ହସ୍ତକ୍ଷେପ...

ଗଭୀର ବିଚଳିତ ଓ ମର୍ମାହତ କରିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର ଆଶୁ ଆରୋଗ୍ୟ ପାଇଁ ପ୍ରାର୍ଥନା କରୁଛି। ଜଣେ ଶିକ୍ଷକ ଛାତ୍ରୀଙ୍କୁ ବାରମ୍ବାର ଯୌନ ଅନୁଗ୍ରହ ଦାବି କରି ଯୌନ ନିର୍ଯାତନା ପ୍ରଦାନ କରିଥିବା ଅଭିଯୋଗ ହୋଇଛି। ଅଧ୍ୟକ୍ଷଙ୍କୁ ଲେଖିଥିବା ଚିଠିରେ ସେ ଏହା ବର୍ଣ୍ଣନା କରିଛନ୍ତି। ଏହା ପୂର୍ବରୁ ସେ ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଥିବା ଉଲ୍ଲେଖ କରିଛନ୍ତି। ମାସ ମାସ ଧରି ସେ ଭୟ ଏବଂ ଯନ୍ତ୍ରଣାରେ ରହୁଥିଲେ। ଜୁଲାଇ ୧ ତାରିଖରେ ସେ ଅନେକ ଉଚ୍ଚ ପଦାଧିକାରୀଙ୍କୁ ଟ୍ୟାଗ୍ କରି ସୋସିଆଲ ମିଡିଆରେ ତାଙ୍କର ଅଭିଯୋଗ ପୋଷ୍ଟ କରିଥିଲେ। ମାତ୍ର ଏହି ଘଟଣାକୁ କେହି ଶୁଣିଲେ ନାହିଁ କିମ୍ବା ସାହାଯ୍ୟ କଲେ ନାହିଁ। ଏଭଳି ସ୍ପର୍ଶକାତର ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ, ସେ ଦୁଃଖଦ ଭାବରେ କଲେଜ ଅଧ୍ୟକ୍ଷଙ୍କ ଚାମ୍ବର ବାହାରେ ନିଜକୁ ନିଆଁ ଲଗାଇ ଦେଲେ। ଏପରି ମର୍ମନ୍ତୁଦ ଘଟଣା ଅପ୍ରିୟ ବାସ୍ତବତାକୁ ଦର୍ଶାଉଛି ଯେ, କିପରି ସେ ଅଧ୍ୟକ୍ଷଙ୍କଠାରୁ ଆରମ୍ଭ କରି, ଉଚ୍ଚଶିକ୍ଷାମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ନିକଟରେ ବାରମ୍ବାର ଅଭିଯୋଗ କରି ମଧ୍ୟ ନ୍ୟାୟ ପାଇପାରିଲେ ନାହିଁ।

ସେ ପୁଣି କହିଛନ୍ତି ଯେ ଆମର ଉଚ୍ଚଶିକ୍ଷା ଢାଞ୍ଚାରେ ରାଜ୍ୟପାଳ ଏଫଏମ ବିଶ୍ୱବିଦ୍ୟାଳୟ ସମେତ ପ୍ରମୁଖ ସରକାରୀ ପରିଚାଳିତ ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳପତି ଭାବରେ କାର୍ଯ୍ୟ କରନ୍ତି। ଏଣୁ ନ୍ୟାୟ ପାଇଁ ଆପ୍ରାଣ ଉଦ୍ୟମ କରିଥିବା ପୀଡ଼ିତା ଛାତ୍ରୀ ଯେପରି ନ୍ୟାୟ ପାଇବେ ତାହା ସୁନିଶ୍ଚିତ କରିବା ପାଇଁ ଏହି ଘଟଣାରେ ରାଜ୍ୟପାଳଙ୍କ ତୁରନ୍ତ ହସ୍ତକ୍ଷେପ ଲୋଡ଼ା ବୋଲି ନବୀନ କହିଛନ୍ତି।

## ସାରା ଦେଶରେ...

ବାଂଲାଦେଶ ଓ ମିଆଁମାରରୁ ଆସିଥିବା ଲୋକଙ୍କର ନାମ ରହିଥିବାର ଜାଣିବାକୁ ପାଇଛୁ ବୋଲି ଅଧିକାରୀମାନେ କହିଛନ୍ତି। ଅଗଷ୍ଟ ୧ରେ ବାହରୁ ଆସିଥିବା ଏହିଭଳି ଲୋକଙ୍କୁ ଯାଞ୍ଚ କରାଯିବ। ସେପ୍ଟେମ୍ବର ୩୦ରେ ଅନ୍ତିମ ଭୋଟର ତାଲିକା ଜାରି କରାଯିବ ଓ ଏଥିରେ ଅବୈଧ ପ୍ରବାସୀଙ୍କ ନାମକୁ ସାମିଲ କରାଯିବ ନାହିଁ। ନିର୍ବାଚନ ପ୍ରକ୍ରିୟାକୁ ଆହୁରି ସ୍ୱଚ୍ଛ କରିବାକୁ ନିର୍ବାଚନ କମିଶନ ଏଭଳି ପ୍ରୟାସ ଆରମ୍ଭ କରିଛି ବୋଲି କୁହାଯାଉଛି।

## ପ୍ରଜାକୋର୍ଟରେ ପୁଣି...

ଉପସ୍ଥିତିରେ ପ୍ରେମୀଯୁଗଳ ବଳଦ ସାଜି ହଳ କରିଥିଲେ। ଏହା ପରେ ତାଙ୍କୁ ଘରେ ରହିବାକୁ ସ୍ୱୀକୃତି ମିଳିଥିଲା। କିଛି ଦିନ ପୂର୍ବେ ରାୟଗଡ଼ା ଜିଲ୍ଲା ଭଳି କୋରାପୁଟ ଜିଲ୍ଲାରେ ମଧ୍ୟ ଆଜି ଅନୁରୂପ ଘଟଣା ଦେଖିବାକୁ ମିଳିଛି। କୋରାପୁଟ ଜିଲ୍ଲା ନାରାୟପାଟଣା ବ୍ଲକ ବୋରିଗି ପଞ୍ଚାୟତ ଅନ୍ତର୍ଗତ ପେଦାଇଟିକି ଗାଁର ଏହି ଘଟଣା ପୁଣି ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ଆଜି ଅପରାହ୍ଣ ସମୟରେ ପେଦାଇଟିକି ଗାଁର ନରେନ୍ଦ୍ର ପିଡିକା (୨୨) ଓ ପାଖ ନାରୀମିଟିଂ ଗ୍ରାମର ଜଣେ ଯୁବତୀ ଆଶ ପୀଡ଼ିକା ରଥଯାତ୍ରାରେ ଉଭୟ ପରସ୍ପରକୁ ଭଲ ପାଇ ଗାଁ ଛାଡ଼ି ଆନ୍ଧ୍ରପ୍ରଦେଶକୁ ଚାଲି ଯାଇଥିଲେ। କିଛିଦିନ ପରେ ଘରକୁ ଫେରିଥିଲେ। ପରିବାର ଲୋକମାନେ ଏମାନଙ୍କର ଭଲପାଇବାକୁ ସ୍ୱୀକୃତି ଦେଇନଥିଲେ। ଦୁଇ ଗାଁର ଭଦ୍ରଲୋକ ଓ ପରିବାରର ଲୋକଙ୍କୁ ନେଇ ଏକ ବୈଠକ ବସିଥିଲା ଆଦିବାସୀ ପ୍ରଥା ପରମ୍ପରା ଅନୁସାରେ, ଧରଣୀ ପେନୁଙ୍କୁ ସନ୍ତୁଷ୍ଟ କରିବା ପାଇଁ ହଳ-ଲଙ୍ଗଳ ମଗା ଯାଇଥିଲା। ପରେ ଉଭୟ ପ୍ରେମିକ-ପ୍ରେମିକାଙ୍କ ବେକରେ ରଶି ଓ ହଳ-ଲଙ୍ଗଳ ଲଗାଇ ସାତ ଘେରା ବୁଲାଇଥିଲେ। ପରେ ଯୁବକଜଣଙ୍କ ତା'ର ପ୍ରେମିକାକୁ ଧରି ନିଜ ଘରକୁ ଆସି ଆଶ୍ରୟ ନେଇଛନ୍ତି। ତେବେ ଘଟଣା ସମ୍ପର୍କରେ ପ୍ରଚାରିତ ହେବା ପରେ ସ୍ଥାନୀୟ ପୁଲିସ ଗାଁକୁ ଯାଇ ଲୋକଙ୍କୁ ଏନେଇ ପଚରାଉଚରା କରିଛନ୍ତି। ପ୍ରେମୀଯୁଗଳଙ୍କୁ ଥାନାକୁ ଆଣି ପୁଲିସ୍ ପଚରାଉଚରା କରୁଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, କୋରାପୁଟ ଜିଲ୍ଲାରେ ଭିନ୍ନ ଏକ ଆଦିବାସୀ ପରମ୍ପରା ରହିଛି। ଯଦି ଗୋଟିଏ ବଂଶ, ଗୋଟିଏ ଜାତିରେ ପୁଅ-ଝିଅ ପ୍ରେମ ବିବାହ କରନ୍ତି, ଗ୍ରାମର ବିଭିନ୍ନ କ୍ଷତି ହୋଇଥାଏ। ଫସଲ ନଷ୍ଟ ହୁଏ, ଚାଷ ଉଜୁଡ଼ି ଯାଏ ଏବଂ ବର୍ଷା ହୁଏ ନାହିଁ। ତେଣୁ ଧରଣୀ ପେନୁଙ୍କୁ ସନ୍ତୁଷ୍ଟ ଏବଂ ଦମ୍ପତିଙ୍କ ଭଲ ପାଇଁ ଗାଁ ମୁଣ୍ଡରେ ଆଦିବାସୀ ରୀତିନୀତିରେ ପୁଅ-ଝିଅଙ୍କୁ ବଳଦ ସଜାଇ ଦାଣ୍ଡରେ ଜୁଆଳି ପକାଇ ଗାଁ ମୁଣ୍ଡରେ ୭ଘେରା ବୁଲାଯାଏ।

## ବାଲେଶ୍ୱରରେ ଖୋଳତାଡ଼...

ଉଦ୍ୟମ କଲେ, ସେ ନିର୍ଯାତନାର ଶିକାର ହେବା ପରେ କଲେଜ କର୍ତ୍ତୃପକ୍ଷ କାହିଁକି ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ ଆଦି ବିଭିନ୍ନ ଦିଗ ଉପରେ ଟିମ୍ ତଦନ୍ତ କରିଛି। ଏହାସହ ମହାବିଦ୍ୟାଳୟରେ ଗଠିତ ହୋଇଥିବା ଆଇସିସି ଟିମ୍‌କୁ ମଧ୍ୟ ପଚରାଉଚରା କରିଛନ୍ତି। ଏହି ଟିମ୍ ଦୀର୍ଘ ୪ ଘଣ୍ଟା ଧରି ତଦନ୍ତ କରିଥିବା ଜଣାଯାଇଛି। ତଦନ୍ତକାରୀ କମିଟି ପକ୍ଷରୁ କୁହାଯାଇଛି ଯେ ଆଜି ପ୍ରାଥମିକ ତଦନ୍ତ ହୋଇଛି। ପ୍ରଥମେ ନିଲମ୍ବିତ ଅଧ୍ୟକ୍ଷ ଓ ଆଇସିସି କମିଟିର ସଦସ୍ୟଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ସେମାନଙ୍କୁ ମାରାଥନ୍ ପଚରାଉଚରା କରାଯାଇଛି। ପୁନର୍ବାର ସମସ୍ତଙ୍କୁ ଡକାଯାଇ ତଦନ୍ତ କରାଯିବ। ତଦନ୍ତ ସମ୍ପୂର୍ଣ୍ଣ ହେବା ପରେ ରାଜ୍ୟ ସରକାରଙ୍କୁ ଏହାର ଏକ ବିସ୍ତୃତ ରିପୋର୍ଟ ପ୍ରଦାନ କରାଯିବ ବୋଲି ଟିମ୍‌ର ଅଧ୍ୟକ୍ଷ ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି।

ପରେ ଅପରାହ୍ଣରେ କ୍ରାଇମବ୍ରାଞ୍ଚର ଏକ ୱିମେନ ୱିଙ୍ଗ୍ ଆସି ଘଟଣାର ତଦନ୍ତ କରିଛନ୍ତି। ଏହି ଟିମ୍‌ରେ ଜଣେ ଅତିରିକ୍ତ ଏସ୍‌ପି ଓ ଜଣେ ଡିଏସ୍‌ପି ରହିଛନ୍ତି। ଏହି ଟିମ୍ ଅପରାହ୍ଣ ୫ଟା ପରେ ପହଞ୍ଚିବା ପରେ ପ୍ରଥମେ ନିଲମ୍ବିତ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷଙ୍କ ସହ ଆଲୋଚନା କରିଛନ୍ତି। ପରେ ସେମାନେ କଲେଜରେ ତଦନ୍ତ ପାଇଁ ହୋଇଥିବା କମିଟି ଓ ପୀଡ଼ିତାଙ୍କ ପରିବାର ସହ ଆଲୋଚନା କରିଥିବା ଜଣାଯାଇଛି।

ଅପରପକ୍ଷେ, ଏହି ତଦନ୍ତରେ ସାମିଲ ହେବା ପାଇଁ ପୀଡ଼ିତାଙ୍କ ଭାଇ ସୌମ୍ୟରଞ୍ଜନ ଆଜି କଲେଜକୁ ଆସିଥିଲେ। ହେଲେ ତାଙ୍କୁ ସେଠାରୁ ଫେରାଇ ଦିଆଯାଇଥିଲା ଏବଂ ପରେ ତାଙ୍କୁ ଡକାଯିବ ବୋଲି କୁହାଯାଇଥିଲା। ଏହି ଅବସରରେ ସେ ଗଣମାଧ୍ୟମକୁ କହିଛନ୍ତି ଯେ ସେ କଲେଜର ନିଲମ୍ବିତ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷଙ୍କୁ ଚାକିରରୁ ବହିଷ୍କାର କରାଯିବା ସହ ଗିରଫ କରାଯାଉ ବୋଲି ଥାନାରେ ଅଭିଯୋଗ କରିଛନ୍ତି। ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରୁ ବାହାରିବା ପରେ ଭଉଣୀ ଦେହରେ ପେଟ୍ରୋଲି ଢ଼ାଳି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏହି ଘଟଣାର ମୁଖ୍ୟ କାର୍ପଟଦାର ବିଭାଗୀୟ ଏଚ୍‌ଓଡି ଏବଂ କଲେଜର ନିଲମ୍ବିତ ଅଧ୍ୟକ୍ଷ। ୬ମାସ ଧରି ସେମାନେ ମୋ' ଭଉଣୀକୁ ନିର୍ଯାତନା ଦେଉଥିଲେ। ଗତକାଲି ବି ଭଉଣୀ ନ୍ୟାୟ ଆଶାରେ କଲେଜକୁ ଯାଇଥିଲା। ସେଠାରେ ତାଙ୍କୁ ବନ୍ଦ କୋଠରିରେ କିଛି ଏଭଳି କୁହାଯାଇଥିଲା ଯାହାଦ୍ୱାରା ଏଭଳି ଚରମ ନିଷ୍ପତ୍ତି ନେବାକୁ ସେ ବାଧ୍ୟ ହୋଇଥିଲା ବୋଲି ସୌମ୍ୟରଞ୍ଜନ କହିଛନ୍ତି।

**AFFIDAVIT**

By virtue of an affidavit sworn before The Notary Public, Sunabeda No. 275 dated 11/07/2025 I, Sri Sarat Talab, S/o - Ratnakar Talab, Village - Bahiripada, PO.- Nandapur, PS.- Nandapur, District- Koraput declare that, I have changed my son's name from **Udit Kumar Talab** to **Udaya Kumar Talab**. Henceforth, my son shall be known as **Udaya Kumar Talab** for all purposes.

Sd/- **Sarat Talab**

**AFFIDAVIT**

By virtue of an affidavit sworn before Executive Magistrate, PURI , dated 04/03/2025. I, RAMACHANDRA JENA , Address VTC - APITHI, P.S. - BHAMAGIRI, PURI declare that I have changed my name from SHRIRAM JENA to RAMACHANDRA JENA Henceforth, I shall be known as RAMACHANDRA JENA for all purposes.

RAMACHANDRA JENA

**PUBLIC NOTICE**

Notice is hereby given to the general public that the Partnership Firm under the name and style of "NALANDA PUBLICATION" having its principal place of business at Sukadev Bhawan, Holding No.348/8,Ward No.13, Masjid Lane, Nimchori, PO:- Chandini Chouk, Cuttack,PIN:-753002 has been dissolved as per the Dissolution Deed dated 24/05/ 2025 mutually executed by all the partners.

Sd/-
1.Smt.Arati Sahoo.
2.Smt.Rasmita Sahu.
3.Sri Subhashish Sahu.
4.Sri Soumya Prakash Sahoo

# ବିକାଶ ନକ୍ସାରେ ନାହିଁ ଝାପିଗୁଡା





ଥୁଆମୂଳ ରାମପୁର, ୧୩।୭ (ସମିସ)

କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଥୁଆମୂଳ ରାମପୁର ବ୍ଲକରେ ଏଭଳି ଅନେକ ଗ୍ରାମ ରହିଛି ଯେଉଁଠି ଗମନାଗମନ ପାଇଁ ରାସ୍ତା ନାହିଁ। ବର୍ଷା ଦିନେ ଏସବୁ ଗାଁଗୁଡ଼ିକରେ ସମସ୍ୟା ସଂଘାତିକ ହୋଇଥାଏ। ଗାଁକୁ ରୋଗୀ ଅବା ଗର୍ଭବତୀ ମହିଳାଙ୍କ ପାଇଁ ଜରୁରୀକାଳୀନ ଆମ୍ବୁଲାନ୍ସ ସେବା ଅପହଞ୍ଚ ହୋଇପଡ଼ିଥାଏ। ଜନ ପ୍ରତିନିଧିମାନଙ୍କ ବୈମାତୃକ ମନୋଭାବ ତଥା ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁଁ ଗାଁର ଉନ୍ନତି ହୋଇପାରୁନି। ଏଣୁ ଅବହେଳିତ ଅବସ୍ଥାରେ ରହୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବ୍ଲକର ତଳଝାପି ପଞ୍ଚାୟତ ଅଧୀନ ଆଦିବାସୀ ବହୁଳ ଝାପିଗୁଡା ଗାଁ ଏଭଳି ଏକ ଉଦାହରଣ।

ଏହି ଗାଁରେ ପ୍ରାୟ ୪୦ ପରିବାର ବସବାସ କରନ୍ତି। ରାଜସ୍ୱ ଗାଁ ହୋଇଥିଲେ ମଧ୍ୟ ସରକାରଙ୍କ ବିକାଶର ନକ୍ସାରେ ଆଜି ଯାଏଁ ଏହା ସ୍ଥାନ ପାଇପାରିନି। ସେଇଥିପାଇଁ ବୋଧେ ଏଇ ଗାଁକୁ ବିକାଶର ପାଦ ପଡ଼ିନି। ରାସ୍ତା ନାହିଁ ବୋଲି ଅଧବାଟରୁ ଫେରୁଛି ବିକାଶ। ତଳଝାପିଠାରୁ ଉପରଝାପି ଗାଁକୁ ପ୍ରଧାନମନ୍ତ୍ରୀ ସଡକ ନିର୍ମାଣ ହୋଇଛି। ଅଥଚ ଏହି ରାସ୍ତା ଠାରୁ ମାତ୍ର ୨ କିଲୋମିଟର ଦୂରରେ ଥିବା ଝାପିଗୁଡା ଗାଁକୁ ପକ୍କା ସଡକ ନିର୍ମାଣ ହେଇପାରିନି। ପିଡିଏସ୍ ଚାଉଳହେଉ ଅବା ବୃଦ୍ଧବୃଦ୍ଧା ଓ ଦିବ୍ୟାଙ୍ଗଙ୍କ ପାଇଁ ମିଳୁଥିବା ମାସିକ ଭତ୍ତା ଆଣିବାକୁ ହେଲେ ଚାଷଜମିର ହିଡରେ ପାଦରେ ଚାଲି ଚାଲି ଯିବାକୁ ପଡ଼ିଥାଏ। ଗାଁକୁ ରାସ୍ତା ଖଣ୍ଡେ ଲାଗି ନେତାମନ୍ତ୍ରୀ, ସରପଞ୍ଚ, ବିଡ଼ିଓ ଏବଂ ଜିଲ୍ଲାପାଳଙ୍କୁ ବାରମ୍ବାର ଜଣାଇଥିବା କହିଛନ୍ତି ଗ୍ରାମବାସୀ। ଆଜି ହେବ କାଲି ହେବ ଏଭଳି ପ୍ରତିଶ୍ରୁତିର ଜାଲରେ ଛନ୍ଦି ହୋଇଛନ୍ତି ଝାପିଗୁଡାବାସୀ।



ଗାଁରେ ଶିକ୍ଷା ବ୍ୟବସ୍ଥା ମଧ୍ୟ ବିପର୍ଯ୍ୟସ୍ତ। ଏଠାରେ ଏକ ପ୍ରାଥମିକ ବିଦ୍ୟାଳୟ ଚାଲୁଥିଲା। ଯାହା ଛାତ୍ରଛାତ୍ରୀ ସଂଖ୍ୟା କମିଥିବାରୁ ୨୦୧୯ ମସିହାରୁ ବନ୍ଦ ହୋଇ ପଡ଼ିରହିଛି। ବର୍ତ୍ତମାନ ବିଦ୍ୟାଳୟ କୋଠାଟି ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଛାତ୍ରଛାତ୍ରୀ ଉପରଝାପି ଏବଂ ବିଷମଗିରି ବିଦ୍ୟାଳୟକୁ ଚାଲି ଚାଲି ଯାଇଥାନ୍ତି। ବର୍ଷା ଦିନେ ବିଦ୍ୟାଳୟ ଯିବା କଷ୍ଟକର ହୋଇଥାଏ। ସେହିଭଳି ଅଙ୍ଗନବାଡି କେନ୍ଦ୍ର ମଧ୍ୟ ଅବହେଳିତ ଅବସ୍ଥା ଦେଇ ଗତି କରୁଥିବା ଗ୍ରାମବାସୀ କହିଛନ୍ତି। ଏହି ଗାଁରେ ପାନୀୟଜଳ ବ୍ୟବସ୍ଥା ମଧ୍ୟ ଦୟନୀୟ। ବସୁଧା ଯୋଜନାରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣରେ ଏହି ଗାଁକୁ ଅଣଦେଖା କରାଯାଇଥିବା ବେଳେ ଚାଷଜମିର ଦୂଷିତ ଝର ପାଣି ବ୍ୟବହାର କରୁଥିବା ଭଳି ଅଭିଯୋଗ ମଧ୍ୟ ଆଣିଛନ୍ତି ଗ୍ରାମବାସୀ। ବର୍ଷା ଦିନେ ପରିମଳ ବ୍ୟବସ୍ଥା ଠିକ୍ ନ ଥିବା

**ବାରମ୍ବାର ଅନୁରୋଧ ସତ୍ତ୍ୱେ ଗାଁକୁ ବିକାଶର ପାଦ ପଡୁନି**

**ରାସ୍ତା ନାହିଁ ବୋଲି ଅଧାବାଟରୁ ଫେରୁଛି ବିକାଶ**

**ଚାଷଜମି ହିଡ଼ରେ ଚାଲି ଚାଲି ଲୋକେ ଯିବା ଆସିବା କରୁଛନ୍ତି**

ଯୋଗୁଁ ଗାଁରେ ଏକପ୍ରକାର ଅସ୍ୱାସ୍ଥ୍ୟକର ତଥା ଦୂଷିତ ପରିବେଶ ସୃଷ୍ଟି ହୋଇଛି। ଏହା ଫଳରେ ମେଲେରିଆ, ଡେଙ୍ଗୁ ଏବଂ ଡାଇରିଆ ଭଳି ରୋଗର ଆଶଙ୍କା ରହିଛି। ଏହି ଗାଁକୁ ପକ୍କା ସଡକ ଖଣ୍ଡେ ନିର୍ମାଣ ହୋଇପାରିଲେ ଗ୍ରାମବାସୀଙ୍କ ଦୁଃଖ ଦୂର ହେବା ସହିତ ସମସ୍ତ ସମସ୍ୟାର ସମାଧାନ ହୋଇପାରିବ ବୋଲି ଗ୍ରାମବାସୀ ଜଣାଇଛନ୍ତ।

### ଯୋଗୀଭୋଗରା-ଓଲଣ୍ଡା ରାସ୍ତା ମରାମତିରେ ଡଙ୍କକତା

# ମାଟି ପକାଇଲେନି; କେବଳ ମୋରମ ଛିଞ୍ଚିଦେଲେ

**ବୌଦ୍ଧ, ୧୩।୭ (ସମିସ):** ମନରେଗା ଯୋଜନାରେ ଅନିୟମିତତା ଅଭିଯୋଗ ଥମିବାର ନାଁ ନେଉନି। ମେସିନରେ କାମ କରି ଶ୍ରମିକଙ୍କ ନାଁରେ ଟଙ୍କା ହଡପ କରିବାକୁ ଯୋଜନା କରାଯାଇଛି। ଖାଲି ଏତିକି ନୁହେଁ; ସୂଚନାଫଳକରେ ଅସମ୍ପୂର୍ଣ୍ଣ ସୂଚନା ଦେଇ ତଥ୍ୟ ଲୁଚାଇବାକୁ ପ୍ରୟାସ ଚାଲିଛି। ଶ୍ରମିକ ବଦଳରେ ଦିନ ରାତି ମେସିନ ଲଗାଇ ରାସ୍ତା କାମ ନିର୍ମାଣ ହୋଇଛି। ବାସ୍ତବରେ ମୁଲ ଲାଗି ଗୁଜୁରାଣ ମେଣ୍ଟାଇଥିବା ଶ୍ରମିକଙ୍କୁ କାମ ମିଳୁନି। କାଗଜପତ୍ରରେ କିଛି ଶ୍ରମିକଙ୍କୁ ଢାଲ କରାଯାଉଛି। କନିଷ୍ଠ ଯନ୍ତ୍ରୀ ଓ ଠିକାଦାର ନିଜ ପକେଟ ଗରମ କରୁଥିବା ଅଭିଯୋଗ ହେଉଛି। ବୌଦ୍ଧ ବ୍ଲକ ବଡ଼ିଗାଁ ପଞ୍ଚାୟତ ଯୋଗୀଭୋଗରାଠାରୁ ଓଲଣ୍ଡା ରାସ୍ତାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ମନରେଗା) ରେ ଏଭଳି ଦୁର୍ନୀତିର ଅଭିଯୋଗ ଆସିଛି। ଯୋଗୀଭୋଗରା-ଓଲଣ୍ଡା ରାସ୍ତା ମରାମତି ପାଇଁ ମନରେଗା ଯୋଜନାରୁ ୮ ଲକ୍ଷ ଟଙ୍କା ଆସିଛି। ଏହି ରାସ୍ତାରେ ପ୍ରଥମେ ମାଟି ଏବଂ ତା ପରେ ମୋରମ ପକାଇବା କଥା; କିନ୍ତୁ ମାଟି ନ ପକାଇ କେବଳ ମୋରମ ପକା ଯାଇଛି। ଏହା ବାବଦରେ ୨ ଲକ୍ଷ ୯୦ ହଜାର ଟଙ୍କା ବିଲ୍ କରାଯାଇଛି। ପ୍ରାୟ ସପ୍ତାହେରୁ ଅଧିକ ଦିନ ଜେସିବି ଏବଂ ଟ୍ରାକ୍ଟର ଲଗାଇ କାମ ଚାଲିଛି। ଅନ୍ୟପଟେ ଏହି ପ୍ରକଳ୍ପ ପାଇଁ କାର୍ଯ୍ୟାଦେଶ ବାହାରିଛି; ହେଲେ ଜଣେ ହେଲେ ଶ୍ରମିକଙ୍କ ନାଁରେ ମଷ୍ଟର୍ ରୋଲ୍ ବାହାର କରା ଯାଇନି। ଯେଉଁମାନେ ଶ୍ରମିକ ଶ୍ରେଣୀର ନୁହନ୍ତି କିଭଳି ତାଙ୍କ ନାମ ଏଣ୍ଟ୍ରି କରାଯାଇଛି ତାକୁ ନେଇ ପ୍ରଶ୍ନ ଉଠୁଛି। ଶ୍ରମିକଙ୍କୁ ୨୦୦/୩୦୦ ଟଙ୍କା ଦେଇ ବାକି ଟଙ୍କା ଠିକାଦାର ନେଇଥିବା ଅଭିଯୋଗ ହୋଇଛି। କେନ୍ଦ୍ର ସରକାର ଶ୍ରମିକଙ୍କୁ କର୍ମ ନିଯୁକ୍ତି ଯୋଗାଇ ଦେବା ପାଇଁ ମନରେଗା ଯୋଜନା କାର୍ଯ୍ୟ କରୁଛନ୍ତି। ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀଙ୍କ ବେପରୁଆ ମନୋଭାବ ଯୋଗୁଁ ଏହି ଯୋଜନା ବାଟବଣା ହେଉଛି। ଏ ନେଇ ବୌଦ୍ଧ ବିଡ଼ିଓ ଯୁଧିଷ୍ଠିର ମେହେରଙ୍କୁ ପଚାରିବାରୁ ଯଦି ମେସିନରେ କାମ ହୋଇଛି ତ୍ୱରିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ।



# ନାଁକୁ ମାତ୍ର ମରାମତି ହେଲା ଶିଶୁ ମନ୍ଦିର ରାସ୍ତା



**ବିନିକା, ୧୩।୭ (ସମିସ):** ବିନିକା ଶିଶୁ ମନ୍ଦିର ରାସ୍ତା ଉପରଠାଉରିଆ ଭାବେ ମରାମତି କରାଯାଇଛି। ସହର ମୁଖ୍ୟ ରାସ୍ତାକୁ ସଂଯୋଗ କରିଥିବା ଶିଶୁ ମନ୍ଦିର ରାସ୍ତାର ପ୍ରବେଶ ପଥରେ ଗାତ ଯୋଗୁଁ ବର୍ଷା ପାଣି ଭରି ରହିଥିଲା; ଯାହା ପୋଖରୀର ଭ୍ରମ ସୃଷ୍ଟି କରିଥିଲା। ଏହା ଦ୍ୱାରା ଲୋକଙ୍କୁ ପାଣି ଭିତର ଦେଇ ଦୈନନ୍ଦିନ ଯିବା ଆସିବାକୁ ପଡୁଥିଲା। ସେହି ପାଣି ଭର୍ତ୍ତି ଗାତ ଦେଇ ଯିବାରୁ ଅପେକ୍ଷା ମଧ୍ୟ କରିବାକୁ ପଡ଼ିଥିଲା। କାରଣ ଟିକିଏ ଅସାବଧାନ ହେଲେ ଦୁର୍ଘଟଣା ଘଟିବା ସହ କାଦୁଅ ପାଣିରେ ପଡ଼ିବାର ଭୟ ରହୁଥିଲା। ପ୍ରାୟ ୨୦ବର୍ଷ ପୂର୍ବରୁ ନିର୍ମାଣ ହୋଇଥିବା ଏହି କଂକ୍ରିଟ ରାସ୍ତାର ବିଭିନ୍ନ ସ୍ଥାନରେ ସିମେଣ୍ଟ ଫାଟି ଯାଇ ଛୋଟ ବଡ଼ ଗାତ ସୃଷ୍ଟି ହୋଇଛି। ସେହିପରି କେତେକ ସ୍ଥାନରେ ସିମେଣ୍ଟ ନ ଥିବାରୁ ରାସ୍ତାଟି ମାଟି ରାସ୍ତାରେ ପରିଣତ ହେଲାଣି। ପୁଣି ରାସ୍ତାର ଉଭୟ ପାର୍ଶ୍ୱରେ ଅନାବନା ଗଛଲତା ଭରି ରହିଥିବାରୁ ରାସ୍ତାଟି ଅତ୍ୟନ୍ତ ସଂକୀର୍ଣ୍ଣ ହୋଇପଡ଼ିଛି। ପ୍ରତିଦିନ ଏହି ରାସ୍ତାରେ ସ୍କୁଲ, କଲେଜକୁ ଛାତ୍ରଛାତ୍ରୀ ଅଧ୍ୟୟନ ପାଇଁ ଯାଉଥିବା ବେଳେ ୪/୫ଖଣ୍ଡ ଗ୍ରାମର ଲୋକେ ମଧ୍ୟ ଯିବା ଆସିବା କରୁଛନ୍ତି। ସେହିପରି କୃଷି, ଜଙ୍ଗଲ, ଗ୍ରାମ୍ୟ ଉନ୍ନୟନ ବିଭାଗ ରହିଥିବାରୁ ବିଭିନ୍ନ କାମ ନେଇ ଲୋକେ ଯିବା ଆସିବା କରୁଛନ୍ତି। ମା' ସନ୍ତୋଷ ମନ୍ଦିରକୁ ଭକ୍ତ ଦର୍ଶନ ପାଇଁ ଯିବା ଆସିବା କରୁଛନ୍ତି। ଏହାକୁ ନେଇ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଏହି ଖବର ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ରମେଶ ମେହେର ନାମକ ଜଣେ ସଚେତନ ବ୍ୟକ୍ତି ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ସ୍ଥାନୀୟ ଏନଏସି ପ୍ରଶାସନ ସହ ସମ୍ପୃକ୍ତ ବିଭାଗକୁ 'ଏକ୍ସ'ରେ ପୋଷ୍ଟ କରିଥିଲେ। ଏହାପରେ ସ୍ଥାୟୀ ମରାମତି ବଦଳରେ ରାସ୍ତାର ପ୍ରବେଶ ପଥରେ ଭରି ରହିଥିବା ପାଣିକୁ ନିଷ୍କାସନ କରାଯିବା ସହ ଆବୁଡା ଖାବୁଡ଼ାକୁ ଯେସିବି ଦ୍ୱାରା ସମତଳ କରାଯାଇଛି।

# ବସ୍‌ଷ୍ଟାଣ୍ଡରୁ ଥାନା ଛକ ମଝିରେ ରାସ୍ତା ନାହିଁ

**ବିନିକା, ୧୩।୭ (ସମିସ):** ବିନିକା ସହର ମୁଖ୍ୟ ରାସ୍ତା ପ୍ରଶସ୍ତିକରଣ ହେବାପରେ ଯୁଦ୍ଧକାଳୀନ ଭିତ୍ତିରେ କାମ ଚାଲୁ ରହିଛି। କାର୍ଯ୍ୟ ବିଳମ୍ବରେ ହେଲେ ମଧ୍ୟ ସମ୍ପୂର୍ଣ୍ଣ ହେବାକୁ ଯାଉଛି। ରାସ୍ତାର ନବକଳେବରକୁ ନେଇ ଅଞ୍ଚଳର ଜନସାଧାରଣରେ ଖୁସିର ଲହରୀ ଖେଳିଯାଇଛି। ରାସ୍ତା ଚଉଡା ହେବା ସହ ଦୁର୍ଘଟଣାରୁ ତ୍ରାହି ପାଇବା ପାଇଁ ରାସ୍ତା ମଝିରେ ଡିଭାଇଡର ଦିଆଯାଉଛି। ଏହା ଯୋଗୁଁ ଯାନବାହାନ ହେଉ କି ବାଇକ, ସାଇକଲ କିମ୍ବା ସାଧାରଣ ଲୋକେ ନିଜ ପଟରେ ଯିବାର ସୁବିଧା ପାଇ ପାରିବେ; ହେଲେ ଅତ୍ୟନ୍ତ ପରିତାପର ବିଷୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଛକରେ ଡିଭାଇଡର ଦେଇ ରାସ୍ତା ନ ଥିବାରୁ ଆର ପାରିକୁ ଯିବା ଲାଗି ଲୋକେ ଯନ୍ତ୍ରଣା ଭୋଗିବାର ଆଶଙ୍କା ରହିଛି। ବସଷ୍ଟାଣ୍ଡଠାରୁ ଥାନା ଛକର ଦୂରତା ପ୍ରାୟ ଅଧ କିମି ହେବ। ଏହି ଅଧ କିମି ରାସ୍ତାରେ ବସଷ୍ଟାଣ୍ଡ ପଟରୁ ବାମ ପଟରେ ବିଜୁ ମାର୍କେଟ କମ୍ପ୍ଲେକ୍ସ, ଟାଉନ ହଲ, ଦୁର୍ଗା ମନ୍ଦିର, ଆହାର କେନ୍ଦ୍ର, ଏନଏସି ଅଫିସ, ସହର ଭିତରକୁ ୨ଟି ରାସ୍ତା ରହିଛି; ହେଲେ ଯେଉଁମାନେ ଏସବୁ ଉପରେ ନିର୍ଭର ସେମାନଙ୍କୁ ବସଷ୍ଟାଣ୍ଡ କିମ୍ବା ଥାନା ଛକକୁ ଯାଇ ବୁଲିବାକୁ ପଡ଼ିବ; ଯାହା ଫଳରେ ସେମାନେ ହଇରାଣ ହରକତ ହେବେ। ବିଶେଷ କରି ଆହାର ଖାଇବାକୁ ଆସୁଥିବା ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଦୁର୍ଘଟଣା ଏଡାଇବା ପାଇଁ ରାସ୍ତା ମଝିରେ ଡିଭାଇଡର ନିର୍ମାଣ ସ୍ୱାଗତ ଯୋଗ୍ୟ ପଦକ୍ଷେପ; ହେଲେ ସାଧାରଣ ଲୋକେ ଯେପରି ଏ ପଟରୁ ସେପଟକୁ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ବିଭାଗୀୟ ଅଧିକାରୀ ଭୁଲି ଯାଇଛନ୍ତି।



## ନାରାୟଣନଗର-ଚଣ୍ଡୀତଳ ରାସ୍ତା ଅବସ୍ଥା ବେହାଲ



**ବୌଦ୍ଧ, ୧୩।୭ (ସମିସ):** ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଚଣ୍ଡିତଳ ଗ୍ରାମକୁ ନାରାୟଣ ନଗର ଗ୍ରାମରୁ ଯାଇଥିବା ରାସ୍ତାର ଅବସ୍ଥା ବେହାଲ ହୋଇ ପଡ଼ିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସାମାନ୍ୟ ବର୍ଷାରେ ଲୋକଙ୍କ ଯାତାୟାତ ବାଧାପ୍ରାପ୍ତ ହେଉଥିବା ଲୋକେ ପ୍ରତିକ୍ରିୟା ଦେଇଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟ, ସ୍କୁଲ୍, କଲେଜ, ଡାକ୍ତରଖାନା ଓ ବଜାର ଯିବାକୁ ଏହି ରାସ୍ତା ଯୋଗାଯୋଗର ମାଧ୍ୟମ ହୋଇଥିବା ବେଳେ ଲୋକେ ରାସ୍ତା ଅବସ୍ଥା ଖରାପ ଯୋଗୁଁ ସମସ୍ୟା ଭୋଗୁଥିବା ପ୍ରକାଶ କରିଛନ୍ତି। ସେହିପରି ଚଣ୍ଡିତଳ ଗ୍ରାମରେ ଥିବା ପ୍ରାଚୀନ ସପ୍ତ ମାତୃକା ପୀଠ ଓ ଶୈବ ପୀଠ ଗୁପ୍ତେଶ୍ୱରକୁ ଶ୍ରଦ୍ଧାଳୁଙ୍କ ଜାତାୟତାରେ ବାଧା ସୃଷ୍ଟି ହୋଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି।

## ଭଡ଼ା ଘରେ ଚାଲିଛି ଡାକ ସେବା

**ବୌଦ୍ଧ, ୧୩।୭ (ସମିସ):** ବୌଦ୍ଧ ଜିଲ୍ଲାରେ ଅନେକ ଡାକଘର ଆଜି ମଧ୍ୟ ଭଡ଼ାରେ ଚାଲିଛି। ଆଡ଼େଣିଗଡ଼, ଚାରିଛକ, ହରଭଙ୍ଗା, ପୁରୁଣାକଟକ, ତିଳେଶ୍ୱର ଡାକଘରର ନିଜସ୍ୱ ଘର ନାହିଁ। ଏ ସବୁ ଜାଗାରେ ଡାକଘରେ ଭଡ଼ାରେ ଚାଲିଛି।

## ଅର୍ଥ ଅଭାବରୁ ଯୁକ୍ତ ଦୁଇରେ ନାମ ଲେଖାଇ ପାରୁନାହାନ୍ତି

**ଧର୍ମଗଡ଼, ୧୩।୭ (ସମିସ):** ଗରିବତାର ଆଉ ଏକ କାହାଣୀ ଏବେ ପଦାକୁ ଆସିଛି। ଅର୍ଥ ଅଭାବରୁ ଇଛା ଥାଇ ବି ପାଠ ପଢ଼ିବାରେ ଡୋରି ଲାଗିଛି। ଦଣ୍ଡପାଟ ଅଞ୍ଚଳ ଛିଲିପାମାଲ ଗ୍ରାମର ସୋନାଲି ଜାଲ (୧୫)ଙ୍କ ଭଳି



ଜଣେ ଜଣେ ଗରିବ ଛାତ୍ରୀଙ୍କ କ୍ଷେତ୍ରରେ ଏହା ଦେଖା ଦେଇଛି। ଏଥର ସେ ମାଟ୍ରିକ ପରୀକ୍ଷାରେ ୪୧୩ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି; ହେଲେ ଅର୍ଥ ଅଭାବ କାରଣରୁ ଯୁକ୍ତ ଦୁଇରେ ନାମ ଲେଖାଇ ପାରି ନାହାନ୍ତି। ତାଙ୍କ ବାପା ରାଜେନ୍ଦ୍ର ପ୍ରସାଦ ଜାଲ କୁଲିମଜୁରୀ କରି ବହୁ କଷ୍ଟରେ ଝିଅକୁ ମାଟ୍ରିକ ପର୍ଯ୍ୟନ୍ତ ନେଲେ। ଏବେ ଆଉ ଝିଅର ନାମ ଲେଖାଇବା ତାଙ୍କ ପକ୍ଷେ ସମ୍ଭବ ହେଉ ନ ଥିବା ସେ ପ୍ରକାଶ କରିଛନ୍ତି।

# ଉପାନ୍ତବାସୀଙ୍କୁ ଭରସା ଗୋଳିଆ ଚୁଆ ପାଣି

ସିନାପାଲି, ୧୩।୭ (ସମିସ)

ଗ୍ରାମାଞ୍ଚଳର ଜନସାଧାରଣ ମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ଲକ୍ଷ୍ୟ ନେଇ ପୂର୍ବ ସରକାର ବସୁଧା ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ କରିଛନ୍ତି; ହେଲେ ପ୍ରଶାସନିକ ପରିଚାଳନାଗତ ତ୍ରୁଟି ସାଙ୍ଗକୁ ଦୂରଦୃଷ୍ଟିର ଅଭାବ ଯୋଗୁଁ ୧ ବର୍ଷ ଧରି ପ୍ରକଳ୍ପ ବନ୍ଦ ରହିଛି। ଏଣୁ ଉପାନ୍ତ ଅଞ୍ଚଳରେ ଲୋକେ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାଫଳରେ ଅଞ୍ଚଳର ଜନସାଧାରଣ ବାଧ ହୋଇ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଥିବା ଝରଣା ଓ ନାଳର ଗୋଳିଆ ପାଣି ସାଙ୍ଗକୁ ଫ୍ଲୋରାଇଡ଼ଯୁକ୍ତ ପାନୀୟ ଜଳ ବ୍ୟବହାର କରି ଜୀବନ ଧାରଣ କରୁଛନ୍ତି। ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଉପାନ୍ତ ତଥା ଦୁର୍ଗମ ଘାଟମାଳ ପଞ୍ଚାୟତରେ ଏଭଳି ଅବ୍ୟବସ୍ଥା ଦେଖା ଦେଇଛି। ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି।

ସିନାପାଲି ସଦର ମହକୁମାଠାରୁ ଦୀର୍ଘ ୩୦ କିଲୋମିଟର ଦୂରରେ ଏହି ପଞ୍ଚାୟତ ଅବସ୍ଥିତ। ତାଲାକୋଟ ରାଜସ୍ୱ ଗ୍ରାମ ଅଧୀନରେ ଥିବା ୧୪ଟି ପଡ଼ା ଗ୍ରାମ ଓ ସିନ୍ଦୂରଶିଳ ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଜାମବାହାଲିସ୍ଥିତ ଉଦନ୍ତୀ ନଦୀରେ ପମ୍ପ ହାଉସ ବସିଛି। ୧ ଲକ୍ଷ ଗ୍ୟାଲେନ୍ କ୍ଷମତା ବିଶିଷ୍ଟ ପାଣିଟାଙ୍କି ନିର୍ମାଣ କରଯାଇଛି; କିନ୍ତୁ ଦୀର୍ଘ ୧ ବର୍ଷ ବିତି ଯାଇଥିଲେ ମଧ୍ୟ ଜଳ ଯୋଗାଣ ହେଉ ନାହିଁ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଅସନ୍ତୋଷ ପ୍ରକାଶ ପାଇଛି। ସରକାର କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ପ୍ରକଳ୍ପ ନିର୍ମାଣ କରିଛନ୍ତି; ହେଲେ ଅଞ୍ଚଳର ଲୋକେ ଏହାର ସୁଫଳ ପାଇବାରୁ ବଞ୍ଚିତ ହେବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସମାଧାନ ପାଇଁ ପ୍ରଶାସନିକ ଅଧିକାରୀ, ସ୍ଥାନୀୟ ନିର୍ବାଚିତ ଜନପ୍ରତିନିଧି, ରାଜନୈତିକ ନେତାଠାରୁ ଆରମ୍ଭ କରି ଅନେକ ସମୟରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ମଧ୍ୟ ଅଭିଯୋଗ କରିଛନ୍ତି; ହେଲେ ସୁଫଳ ମିଳିନାହିଁ ବୋଲି ସମିତି ସଭ୍ୟ ତୁଳସୀରାମ ମାଝି ପ୍ରକାଶ କରିଛନ୍ତି।

ବର୍ତ୍ତମାନ ବର୍ଷା ଋତୁ ସମୟ। ନାଳ ଓ ଝରଣାରେ ବର୍ଷା ଜଳ ପ୍ରବାହିତ ହେଉଛି। ବର୍ଷା ଯୋଗୁଁ ଗୋଳିଆ ପାଣି ଆସୁଛି। ବାଲି ଚୁଆ ଖୋଳି ଲୋକେ ପାନୀୟ ଜଳ ସଂଗ୍ରହ କରୁଥିଲେ; କିନ୍ତୁ ଏବେ ବାଲି ଚୁଆରେ ମଧ୍ୟ ଗୋଳିଆ ପାଣି ଆସୁଛି। କୌଣସି ଉପାୟ ନ ଥିବାରୁ ଜଙ୍ଗଲର ଅସ୍ୱାସ୍ଥ୍ୟକର ପରିବେଶ ସାଙ୍ଗକୁ ମଶା, ମାଛି ଓ ଜଙ୍ଗଲର କୀଟ ପତଙ୍ଗ ଇତ୍ୟାଦି ପାଣିରେ ଭାସି ଆସୁଛନ୍ତି। ଏହି ପାଣି ବ୍ୟବହାର ଦ୍ୱାରା ବିଭିନ୍ନ ରୋଗର ଆଶଙ୍କା ରହିଛି ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।



ସେହିପରି ଏହି ପଞ୍ଚାୟତର ଆହୁରି ଅନେକ ଗ୍ରାମରେ ଏପରି ଅବ୍ୟବସ୍ଥା ଲାଗି ରହିଛି। ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ତରଫରୁ କୌଣସି ପ୍ରତିକାର ବ୍ୟବସ୍ଥା କରାଯାଉ ନାହିଁ ବୋଲି ଅଭିଯୋଗ କରିଛନ୍ତି। ଏହି ସମସ୍ୟାକୁ ନେଇ ବାରମ୍ବାର ଅଭିଯୋଗ କରୁଥଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି ଅଞ୍ଚଳର ଲୋକେ ପ୍ରକାଶ କରିଛନ୍ତି। ଭିତ୍ତିଭୂମି ଠିକ୍ ଥାଇ ମଧ୍ୟ ଜଳ ଯୋଗାଣ ହେଉ ନ ଥିବାରୁ ଅଞ୍ଚଳର ଜନସାଧାରଣ ମହଲରେ ଏହି ଅଞ୍ଚଳ ଗୁଡିକରେ ଥିବା ନଳକୂପରେ ମାତ୍ରାଧିକ ଭାବେ ଫ୍ଲୋରାଇଡଯୁକ୍ତ ପାଣି ବାହାରୁଛି। ସରକାର ଅଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଲକ୍ଷ୍ୟ ନେଇ ଯୋଜନା କାର୍ଯ୍ୟକାରୀ କରିଥିଲେ; ହେଲେ ପ୍ରଶାସନିକ ଅଧିକାରୀମାନଙ୍କ ଆନ୍ତରିକତା ଅଭାବ ସାଙ୍ଗକୁ ଠିକାଦାର ପୋଷା ନୀତି ଯୋଗୁଁ ତ୍ରୁଟି ପରିଲକ୍ଷିତ ହେଉଛି। କୋଟି କୋଟି ଟଙ୍କାର ପ୍ରକଳ୍ପ ନିର୍ମାଣ ହେଉଛି; ହେଲେ କୌଣସି କାମକୁ ଆସୁନି। କେଉଁଠି ପାଣି ପମ୍ପ ଅଚଳ ତ ଆଉ କେଉଁଠି ବିଦ୍ୟୁତ ସଂଯୋଗ ନାହିଁ। କେଉଁଠି ଟ୍ୟାପ୍ ଲାଗୁନି। ଏଭଳି ଅନେକ ସମସ୍ୟା ଦେଖାଦେଇଛି। ଅଞ୍ଚଳର ଲୋକେ ପାନୀୟ ଜଳ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର

ତେବେ ଏ ସମ୍ପର୍କରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗୀୟ କନିଷ୍ଠ ଯନ୍ତ୍ରୀ କେଶବ ସାହୁଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳିପାରି ନାହିଁ। ଅନ୍ୟପକ୍ଷେ ଘାଟମାଳ ପଞ୍ଚାୟତ ସରପଞ୍ଚ ଟେକରାମ ମାଝିଙ୍କୁ ପଚାରିବାରୁ ଏ ସମସ୍ୟାକୁ ପ୍ରଶାସନିକସ୍ତରରେ ସେ ବାରମ୍ବାର ଜଣାଇଛନ୍ତି; ହେଲେ କେହି ଶୁଣୁ ନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ଶେଷରେ ସମାଧାନ ନ ହେଲେ ଧାରଣାରେ ବସିବା ପାଇଁ ବାଧ ହେବେ ବୋଲି କହିଛନ୍ତି।

**ବର୍ଷେ ହେଲା ବସୁଧା ପ୍ରକଳ୍ପରୁ ମିଳୁନି ବିଶୁଦ୍ଧ ପାନୀୟ ଜଳ**

**ଫ୍ଲୋରାଇଡ଼ କବଳିତ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ଅବ୍ୟବସ୍ଥା**

**ଅଭିଯୋଗ ଶୁଣୁନି ପ୍ରଶାସନ, ସରପଞ୍ଚଙ୍କ ଆନ୍ଦୋଳନ ଚେତାବନୀ**

## ୧୨୨ ଛାତ୍ରଛାତ୍ରୀଙ୍କୁ ୩ ଶିକ୍ଷକ

### ଜଣେ ଅବସର, ଆଉ ଜଣେ ପଦୋନ୍ନତି


**ଶଗଡ଼ା, ୧୩।୭ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଗୁଡଭେଲି ପଦରର ସର୍ବପୁରାତନ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଙ୍କ ଅଭାବ ରହିଛି। ବିଦ୍ୟାଳୟରେ ୧୨୨ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ସେମାନଙ୍କ କିନ୍ତୁ ମାତ୍ର ୩ଜଣ ଶିକ୍ଷକ ଶିକ୍ଷାଦାନ କରିଛନ୍ତି। ପୂର୍ବରୁ ୫ ଜଣ ଶିକ୍ଷକ ଥିଲେ। ସେଥିମଧ୍ୟରୁ ଜଣେ ଶିକ୍ଷକ ଅବସର ନେଇଥିଲେ। ଆଉ ଜଣେ ଶିକ୍ଷୟିତ୍ରୀ ପଦୋନ୍ନତି ପାଇଛନ୍ତି। ବର୍ତ୍ତମାନ ମାତ୍ର ୩ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୧୨୨ ଜଣ ଛାତ୍ରଛାତ୍ରୀଙ୍କ ଲାଗି ମାତ୍ର ୩ଜଣ ଶିକ୍ଷକ ରହିଛନ୍ତି। ଏଣୁ ପାଠପଢ଼ାରେ ସମସ୍ୟା ଦେଖା ଦେଉଛି। ଠିକ୍ ସମୟରେ କ୍ଲାସ୍ ହୋଇପାରୁନି। ଛାତ୍ରଛାତ୍ରୀଙ୍କୁ ସମ୍ଭାଳିବା ମଧ୍ୟ କଷ୍ଟକର ହୋଇ ପଡୁଛି। ଏହି ବିଦ୍ୟାଳୟ ୧୯୦୪ ମସିହାରେ ପ୍ରତିଷ୍ଠା ହୋଇଥିବା ବେଳେ ୨୧ବର୍ଷ ପୂର୍ବରୁ ସୁବର୍ଣ୍ଣ ଜୟନ୍ତୀ ପାଳନ କରି ସାରିଛି। ଆଜି ପର୍ଯ୍ୟନ୍ତ କିନ୍ତୁ ବିଦ୍ୟାଳୟର ସ୍ଥିତିରେ ସେଭଳି କୌଣସି ସୁଧାର ଆସିନାହିଁ। ପ୍ରଧାନ ଶିକ୍ଷକ ଅଫିସ କାର୍ଯ୍ୟରେ ବ୍ୟସ୍ତ ରହୁଥିବା ବେଳେ ଅନ୍ୟ ୨ଜଣ ଶିକ୍ଷକ ପିଲାଙ୍କୁ ପାଠ ପଢ଼ାଇବା ତ ଦୂରର କଥା ନିୟନ୍ତ୍ରଣ କରିବାରେ ସମୟ ଯାଉଛି। ବିଦ୍ୟାଳୟରେ ଆଉ ୨ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦେବା ପାଇଁ ବିଦ୍ୟାଳୟ ପରିଚାଳନା କମିଟି ଦାବି କରିଛି।

**ଗୁଡଭେଲି ପଦର ବିଦ୍ୟାଳୟରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା**

## ଆଜି ପ୍ରଥମ ଶ୍ରାବଣ ସୋମବାର

# ହରିଶଙ୍କର ଶୈବପୀଠ ଚଳଚଞ୍ଚଳ





**ପାଟଣାଗଡ଼, ୧୩।୭ (ସମିସ)**

ଆସନ୍ତାକାଲି ଶ୍ରାବଣ ମାସର ପ୍ରଥମ ସୋମବାର। ଏଥିପାଇଁ ହରିଶଙ୍କର ପୀଠ ଚଳଚଞ୍ଚଳ ହୋଇ ଉଠିଛି। ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ବ୍ଲକ ଅଧୀନ ଗନ୍ଧମାର୍ଦ୍ଦନ ପର୍ବତର ପାଦଦେଶରେ ଅବସ୍ଥିତ ହରିଶଙ୍କର ଶୈବପୀଠ। ଏହି ପୀଠ ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ପ୍ରସିଦ୍ଧ। ଏହାର ଦୂରତା ସଦର ମହକୁମାରୁ ପ୍ରାୟ ୮୦ କି.ମି ହେବ। ଗନ୍ଧମାର୍ଦ୍ଦନ ପର୍ବତର ଦକ୍ଷିଣରେ ଅବସ୍ଥିତ ହରିଶଙ୍କର ପୀଠ। ଏହି ପୀଠରେ ହରି ଓ ଶଙ୍କର ଏକାଠି ପୂଜା ପାଉଥିବାରୁ ଏହି ପୀଠର ସ୍ୱତନ୍ତ୍ରତା ରହିଛି। ହରିଶଙ୍କର ମନ୍ଦିର ମଧ୍ୟରେ ଅବସ୍ଥିତ ମାଳଭୂମିରେ ବୌଦ୍ଧ ଧର୍ମାଲମ୍ବୀଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ଧ୍ୱସ୍ତବିଧ୍ୱସ୍ତ ଏକ ପ୍ରାଚୀନ ପରିମଳଗିରି ବିଶ୍ୱବିଦ୍ୟାଳୟ ରହିଛି। ୧୪ଶହ ଶତାବ୍ଦୀରେ ପଶ୍ଚିମ ଓଡ଼ିଶାର ଚୌହାନ ରାଜବଂଶର ରାଜାଙ୍କୁ ହରିଶଙ୍କର ପ୍ରତିମୂର୍ତ୍ତୀ ବିଷୟରେ ସୂଚନା ମିଳିଥିଲା। ଏହା ପରଠାରୁ ସେହି ସ୍ଥାନରେ ହରିଶଙ୍କରଙ୍କର ପୂଜା ହୋଇଆସୁଛି। ଏଥିସହ ନୃତ୍ୟ କରୁଥିବା ଏକ ଗଣେଶଙ୍କ ଛବି ମଧ୍ୟ ମିଳିଥିଲା, ଯାହାକି ୧୨ଶହ ଶତାବ୍ଦୀର ପ୍ରାରମ୍ଭର ବୋଲି ଅନୁମାନ କରାଯାଏ। ଏହାପରେ ମହାରାଜ ବିଜଳ ଦେବ ଚୌହାନଙ୍କର ପତ୍ନୀ ଦୁର୍ଲଭା ଦେବୀଙ୍କ ନିର୍ଦ୍ଦେଶରେ ସେହି ସ୍ଥାନରେ ମନ୍ଦିରଟି ନିର୍ମାଣ ହୋଇଥିଲା। ଏହି ମନ୍ଦିରର ଆକର୍ଷଣୀୟ ରୂପରେଖ ଏବଂ ଉତ୍ତମ ନିର୍ମାଣଶୈଳୀ ପାଇଁ ଅନେକଙ୍କର ଦୃଷ୍ଟି ଆକର୍ଷଣ କରିଛି। ଏହି ମନ୍ଦିରଟିର ନିର୍ମାଣ ଶୈଳୀ ଓଡ଼ିଶାର ଅନ୍ୟାନ୍ୟ ମନ୍ଦିର ଅପେକ୍ଷା କିଛି ଭିନ୍ନ ପରିଲକ୍ଷିତ ହୋଇଥାଏ। ପ୍ରଥମେ ଯମୁନା ନାମକ ଜଣେ କନ୍ଧ ମହିଳା ହରି-ଶଙ୍କରଙ୍କୁ ଦର୍ଶନ କରିଥିଲେ। ଏଠାରେ ପୂଜକମାନେ ହେଉଛନ୍ତି କନ୍ଧ-ଆଦିବାସୀ ସମ୍ପ୍ରଦାୟର। ଆଦିବାସୀ ସଂସ୍କୃତି ଅନୁଯାୟୀ ଏଠାରେ ପୂଜାର୍ଚ୍ଚନା କରାଯାଏ। ବୈଶାଖ ମାସର ନରସିଂହ ଚତୁର୍ଦ୍ଦଶୀ ମେଳା ହେଉଛି ହରି-ଶଙ୍କରଙ୍କର ମୁଖ୍ୟ ପର୍ବ। ସେହି ଦିନକ ପାଇଁ ସନ୍ଧ୍ୟା ଆଳତୀରେ ଗନ୍ଧମାର୍ଦ୍ଦନ ପାହାଡ଼ରୁ ସଂଗ୍ରହ କରାଯାଇଥିବା ପିଟକନ୍ଦା ଭୋଗ ଲାଗି ହୁଏ। ମନ୍ଦିରର ଡାହାଣ ପାର୍ଶ୍ୱରେ ଥିବା ସେଳାପଥର ପର୍ଯ୍ୟଟକଙ୍କ ମୁଖ୍ୟ ଆକର୍ଷଣ ପାଲଟିଥାଏ। ଏହି ପୀଠକୁ ଦେଶ ତଥା ଦେଶ ବାହାରୁ ପର୍ଯ୍ୟଟକ ମାନେ ଆସିଥାନ୍ତି। ତେବେ ଚଳିତବର୍ଷ ପାଇଁ ଶ୍ରାବଣ ମାସର ପ୍ରଥମ ସୋମବାର ହେଉଥିବାରୁ ହରିଶଙ୍କରପୀଠ ଚଳଚଞ୍ଚଳ ହୋଇପଡ଼ିଛି। ବୋଲବମ ଭକ୍ତ ଏହି ପୀଠରେ ମହାପ୍ରଭୁ ଶିବଙ୍କ ଲିଙ୍ଗରେ ପାଣିଢାଳି ନିଜନିଜର ମନୋସ୍କାମନା ପୂର୍ଣ୍ଣ କରିଥାନ୍ତି। ଏହି ପୀଠକୁ ଶ୍ରାବଣ ମାସରେ ଜିଲ୍ଲା ତଥା ଦେଶରୁ ବୋଲବମ ଭକ୍ତଙ୍କ ସୁଅ ଛୁଟିଥାଏ। ଆସୁଥିବା ଭକ୍ତଙ୍କ ସୁବ୍ୟବସ୍ଥା ତଥା ଶାନ୍ତିଶୃଙ୍ଖଳା ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥାଏ। ଶ୍ରାବଣ ମାସରେ ଅନ୍ୟ ମନ୍ଦିର ଅପେକ୍ଷା ଏହି ପୀଠ ପ୍ରତି ଭକ୍ତଙ୍କ ଦୃଢ଼ ଆସ୍ଥା ଓ ବିଶ୍ୱାସ ରହିଛି। ବୋଲବମ ସମୟରେ ଏହି ପୀଠରେ ପାଣି ଢ଼ାଳିଲେ ମନୋସ୍କାମନା ପୂର୍ଣ୍ଣ ହୁଏ ବୋଲି ଭକ୍ତ ଙ୍କ ବିଶ୍ୱାସ ରହିଛି। ଶାନ୍ତି ଶୃଙ୍ଖଳା ରକ୍ଷାପାଇଁ ପୁଲିସ ପ୍ରଶାସନ ତରଫରୁ ପୁଲିସ ଫୋର୍ସ ମୁତୟନ ହୋଇଥାନ୍ତି।

## ଝରିଆଲ ପଞ୍ଚାୟତରେ ମନରେଗା କାମରେ ଅନିୟମିତତା ଘଟଣା

# ସିମେଣ୍ଟ ବିକ୍ରି କରୁ ନ ଥିବା ଭେଣ୍ଡରର ନାମରେ ପଡ଼ିଛି ଟଙ୍କା

**କଣ୍ଟାବାଞ୍ଜି, ୧୩।୭ (ସମିସ):** ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଝରିଆଲ ପଞ୍ଚାୟତରେ ମନରେଗା ଯୋଜନାର ମେଟ୍ରିଆଲ କାମରେ ବ୍ୟାପକ ଅନ୍ୟମିତତା ହେବାସହ କୌଣସି କାମ ନ କରି ଲକ୍ଷାଧିକ ଟଙ୍କା ଭେଣ୍ଡର ଆକାଉଣ୍ଟରେ ପକାଇ ହଡ଼ପ କରିଥିବାବେଳେ ଯେଉଁ ଭେଣ୍ଡରଙ୍କ ଠାରୁ ସିମେଣ୍ଟ କିଣିଛନ୍ତି କହି ଟଙ୍କା ପକାଇଛନ୍ତି ସେହି ଭେଣ୍ଡର ସିମେଣ୍ଟ ବିକ୍ରି କରୁନାହାଁନ୍ତି ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଝରିଆଲ ପଞ୍ଚାୟତ ବାସୀଙ୍କ ଅଭିଯୋଗ ଅନୁସାରେ ମନରେଗା ଯୋଜନାରେ ମେଟ୍ରିଆଲ କାମ ହୋଇଥିବା ତଲରବନ୍ଧ ଟେଙ୍କ ରାଣୀପୁର, ବେହେରାବନ୍ଧ ଟେଙ୍କ ରାଣୀପୁର, ଉପରବନ୍ଧ ଟେଙ୍କ ରାଣୀପୁର, ଝରିଆଲରୁ ଝାକରପଡ଼ା ରାସ୍ତା, ନର୍ଲାବନ୍ଦରୁ ବାଲିଖମାର ରାସ୍ତା, ରାଣୀପୁର ଝରିଆଲ ଆରଡି ରାସ୍ତାଠାରୁ ରୁରାଲ ପାର୍କ, ପ୍ଲେଗ୍ରାଉଣ୍ଡ ଝରିଆଲ, ନୂଆବନ୍ଧ ଟେଙ୍କ ଝରିଆଲ ଏହି ୮ ଟି କାମ ପଞ୍ଚାୟତରୁ ଚଳିତ ୨୦୨୪-୨୫ ଓ ୨୦୨୫-୨୬ରେ ମନରେଗାର ଯୋଜନାରେ ୨୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମେଟ୍ରିଆଲ କାମ ନ କରି ଭେଣ୍ଡର ଆକାଉଣ୍ଟରେ ଟଙ୍କା ପକାଯାଇଥିବା ଅଭିଯୋଗ ଆଣିଛନ୍ତି। ହେଲେ ଏବେ ଭେଣ୍ଡର ତାହାକୁ ଖଣ୍ଡନ କରିଛନ୍ତି।

ସୂଚନା ଅନୁସାରରେ ଝରିଆଲ ପଞ୍ଚାୟତରେ ମନରେଗା ଯୋଜନା ୨୦୨୪-୨୦୨୫ ଓ ୨୦୨୫-୨୦୨୬ରେ ଏହି ପଞ୍ଚାୟତରେ ହେବାକୁ ଥିବା ମେଟ୍ରିଆଲ କାମରେ ଭେଣ୍ଡର ଅଶୋକ କୁମାର ସାହୁ ମେଟ୍ରିଆଲ ସାମଗ୍ରୀ ଯୋଗାଥିବା ନେଇ ଦଲିଲ୍‌ରେ ଦର୍ଶାଯାଇଛି। ଏହି ଭେଣ୍ଡର ଅଶୋକ କୁମାର ସାହୁ ମେଟ୍ରିଆଲ ସାମଗ୍ରୀରେ ବାଲି, ମେଟାଲ, ଚିପ୍ସ, ସିମେଣ୍ଟ ସହ ଅନ୍ୟ ସାମଗ୍ରୀ ଯୋଗାଇ ଦିଆଯାଇଛି ବୋଲି ତାଙ୍କ ଆକାଉଣ୍ଟରେ ଟଙ୍କା ଜମା କରାଯାଇଛି। କିନ୍ତୁ ଭେଣ୍ଡର ଜଣକ କହିଛନ୍ତି ସେ ବାଲି, ମେଟାଲ, ଚିପ୍ସ ଭଳି ସାମଗ୍ରୀ ତାଙ୍କ ଟ୍ରାକ୍ଟର ଥିବା ଯୋଗୁଁ ସେ ଟ୍ରାକ୍ଟର ଭେଣ୍ଡର ଯୋଗାଇଛନ୍ତି। ହେଲେ ସେ କୌଣସି ପ୍ରକାଶ ସିମେଣ୍ଟ ବିକ୍ରି କରନ୍ତି ନାହିଁ। ଖାଲି ସେତିକି ନୁହେଁ ଗତ ମାସରେ ମେଟ୍ରିଆଲ କାମପାଇଁ ଭେଣ୍ଡର ଜଣକ ବାଲି, ମେଟାଲ ସହ ଅନ୍ୟ ସାମଗ୍ରୀ ଟ୍ରାକ୍ଟରରେ ଯୋଗାଇଥିବା ଭେଣ୍ଡର ଅଶୋକ କୁମାର ସାହୁ କହିଛନ୍ତି। ଯଦି ଭେଣ୍ଡର ଜଣକ ମେଟ୍ରିଆଲ ସାମଗ୍ରୀ ଗତ ମାସରେ ଯୋଗାଇ ଥିଲେ ତେବେ କାମ କାହିଁକି ହେଲାନାହିଁ, ଯାହାଦ୍ୱାରା କାମ ନ କରି ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ ସାମ୍ନାକୁ ଆସିଛି। ଏନେଇ ପ୍ରଶାସନ କୁ ଜଣାଇବେ ବୋଲି ଭେଣ୍ଡର କହିଛନ୍ତି।

# ପାର୍ବତୀ ଗିରି ସେବା ସମ୍ମାନ ପାଇବେ ଜଗଦାନନ୍ଦ ଛୁରିଆ



**ବଲାଙ୍ଗିର, ୧୩।୭ (ସମିସ):** ସ୍ୱେଚ୍ଛାସେବୀ ସଂଗଠନ ପୂଜ୍ୟପୂଜା ସେବା ସଂଗଠନ ତରଫରୁ ସନାତନ ମନ୍ଦିର ଠାରେ ମାଆ ପାର୍ବତୀ ଗିରିଙ୍କ ଶ୍ରାଦ୍ଧ ଦିବସ ଓ ସଂଗଠନର ବିଂଶତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହ ଏହି ଅବସରରେ ବିଶିଷ୍ଟ ଶିକ୍ଷାବିତ କପିଳ ପତିଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ପାଇଁ ନାଟକ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆଙ୍କୁ ମର୍ଯ୍ୟାଦାଜନକ ପାର୍ବତୀ ଗିରି ସେବାସମ୍ମାନ ପ୍ରଦାନ ପାଇଁ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ବିଶେଷ ଯୋଗଦାନ ପାଇଁ ଅନ୍ୟ କୋଡିଏ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। 'ପୂଜ୍ୟପୂଜା ସମ୍ମାନ ୨୦୨୫' ପୁସ୍ତକ ପ୍ରକାଶନ ପାଇଁ ମଧ୍ୟ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ସଭାରେ ବିଶିଷ୍ଟ ଶିକ୍ଷାବିତ ଗିରିଜା ଶଙ୍କର ରଥ, ଡ.ଅଶୋକ କୁମାର ସେଠୀ, ଡ. ପ୍ରେମଚାନ୍ଦ ମହାନ୍ତି, ଉପଦେଷ୍ଟା ଜୟରାମ ମିଶ୍ର, ଡ. ଭବାନୀ ଶଙ୍କର ପଟେଲ, ସଭାପତି କେଶବ ଚନ୍ଦ୍ର ମିଶ୍ର, ସମ୍ପାଦକ ସୁନାଧର ବନଛୋର, କସ୍ତୁରୀ ରଥ, ଅରୁଣ ଖୁଆ ଓ ମଦନମୋହନ ରଥ ଆଲୋଚନାରେ ଭାଗ ନେଇଥିଲେ। ଏହି ସଭାରେ ହୃଷିକେଶ ପୁରୋହିତ, ପ୍ରଦୀପ ପଶାୟତ, ରାମଶଙ୍କର ଶତପଥୀ, ବଳିଷ୍ଠ ପ୍ରଧାନ, ଦୁର୍ଗାଚରଣ ସାହୁ, ତପସ୍ୱିନୀ ପସାୟତ, କହ୍ନାଇ ଭରାସାଗର, କଲ୍ଲୋଳିନୀ ମିଶ୍ର, ଦେବରାଜ ପାଣିଗ୍ରାହୀ, ସିତାଂଶୁ ଶେଖର ନାୟକ, ଆରତୀ ମିଶ୍ର, ସଂଯୁକ୍ତା ମିଶ୍ର, ନିହାରିକା ମିଶ୍ର, ରାଜଶ୍ରୀ ତ୍ରିପାଠୀ, ଭୀମସେନେ ସାହୁ ଓ ସୁରଥ ସାହୁ ଉପସ୍ଥିତ ଥିଲେ। ଉପସଭାପତି ମଧୁସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## 'ସଂକଳ୍ପ' ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

# ପ୍ରଶିକ୍ଷଣ ନେଲେ ୮୫ ଜଣ ପ୍ରଶିକ୍ଷାର୍ଥୀ

**ବଲାଙ୍ଗିର, ୧୩।୭ (ସମିସ):** ସ୍ଥାନୀୟ ପିଏମଶ୍ରୀ ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟ ଠାରେ ପୂର୍ଣ୍ଣଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟରେ ନୂତନ ଭାବେ ଯୋଗଦେଇଥିବା ଶିକ୍ଷକ ଶିକ୍ଷୟତ୍ରୀଙ୍କ ପାଞ୍ଚ ଦିନଧରି ଦିଆଯାଉଥିବା 'ସଂକଳ୍ପ' ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ସମଗ୍ର ଶିକ୍ଷା ଅଭିଯାନ ପେଡ଼ାଗୋଜି ବିଭାଗର ସଂଯୋଜିକା ମଧୁସ୍ମିତା ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରର ଉଦ୍‌ଘାଟନୀ ସଭାରେ ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ ନାଗ ଯୋଗଦେଇ ଥିଲେ। ଶିବିରରେ ବଲାଙ୍ଗିର ଜିଲ୍ଲାର ୬୫ଜଣ ଓ ସୋନପୁର ଜିଲ୍ଲାରୁ ୧୯ଜଣ ପ୍ରଶିକ୍ଷାର୍ଥୀ ଯୋଗଦେଇଥିଲେ। ଶିକ୍ଷକ ରାମଗୋପାଲ ଖମାରୀ ଶର୍ମା, ଜନତା ନାଗ, ଅମ୍ବୁଜ ପଟେଲ, ଯଦୁମଣି ବଗର୍ତ୍ତି, ଅଚ୍ୟୁତାନନ୍ଦ ସାହୁ, ସତ୍ୟ କୁମ୍ଭାର, ସୁନୀଲ ବେହେରା ଓ ସୁନୀଲ ପାତ୍ର ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ପ୍ରଶିକ୍ଷଣ ଶିବିରରେ ବିଦ୍ୟାଳୟରେ ପିଲାମାନଙ୍କୁ କିପରି ଉନ୍ନତମାନର ଶିକ୍ଷା ଦିଆଯାଇପାରିବ ସେଥିପାଇଁ ୧୯ଟି ମୋଡାଲର ଧାରଣା ଦିଆଯାଇଥିଲା। ତନ୍ମଧ୍ୟରେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା, ଶ୍ରେଣୀ ଶିକ୍ଷାରେ ଶିକ୍ଷକଙ୍କ ଭୂମିକା, ଜାତୀୟ ଶିକ୍ଷାନୀତି -୨୦୨୦, ପଞ୍ଚସଖା ସେତୁର କାର୍ଯ୍ୟ, ବିଦ୍ୟାଳୟର ଭିଜନ ପ୍ରସ୍ତୁତି, କ୍ୟାରିଅର କାଉନସିଲିଂ ଆଦି ବିଷୟରେ ପୂର୍ଣ୍ଣାଙ୍ଗ ତଥ୍ୟ ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ସଭାରେ ଏଡିଇଓ ସେବାଶ୍ରୀ ଭୋଇ, ବିଇଓ ସଇଁତଳା ଦିଲୀପ ଯୋଶୀ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ନବଘନ ସାହୁ, ଏବିଇଓ ସନ୍ଧ୍ୟା ରାଣୀ ଧରୁଆ, ପିଏମଶ୍ରୀ ପି.ଆର ହାଇସ୍କୁଲର ପ୍ରଧାନ ଶିକ୍ଷକ ସନ୍ତୋଷିନୀ ସେଠୀ ଉପସ୍ଥିତ ଥିଲେ।



# ଆନ୍ଦୋଳନରୁ ଓହରିଲା କଣ୍ଟାବାଞ୍ଜି ଓ ତୁରେକେଲା ଡ୍ରାଇଭର ସଂଘ



**କଣ୍ଟାବାଞ୍ଜି, ୧୩।୭ (ସମିସ):** ଆନ୍ଦୋଳନରୁ ଓହରିଲା ଡ୍ରାଇଭର ସଙ୍ଘ। ଏନେଇ କଣ୍ଟାବାଞ୍ଜି ସ୍ଥିତ ଡ୍ରାଇଭର ସଙ୍ଘ କାର୍ଯ୍ୟାଳୟଠାରେ ଜିଲ୍ଲାର ଡ୍ରାଇଭର ସଙ୍ଘ ସଭାପତି ଇଷାକ ସଗାରଙ୍କ ଉପସ୍ଥିତି ରେ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। ଗତ ୮ ତାରିଖରୁ ରାଜ୍ୟବ୍ୟାପୀ ଡ୍ରାଇଭର ସଙ୍ଘ ଧର୍ମଘଟରେ ରହିଥିଲେ। ୭ ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇ ଥିବା ଡ୍ରାଇଭର ସେଘ ଆଜି ଓହରି ଯାଇଛନ୍ତି। କିଛି ଦିନ ମଧ୍ୟରେ ଓଡ଼ିଶାକୁ ମହାମହିମ ରାଷ୍ଟ୍ରପତି ଦ୍ରୌପଦି ମୁର୍ମୁ ଓଡ଼ିଶା ଗସ୍ତରେ ଆସୁଛନ୍ତି, ତେଣୁ ସମସ୍ତଙ୍କ ସୁବିଧା ପାଇଁ ଆନ୍ଦୋଳନରୁ ଓହରି ଯାଇଥିବା କହିଛନ୍ତି ବଲାଙ୍ଗିର ଡ୍ରାଇଭର ସଂଘ ସଭାପତି। ତେବେ ଆଗାମୀ ଦିନରେ ଡ୍ରାଇଭର ସଂଘର ଦାବିଗୁଡ଼ିକ ସରକାର ଶୀଘ୍ର ପୂରଣ କରନ୍ତୁ ବୋଲି ମଧ୍ୟ ନିବେଦନ କରିଛନ୍ତି। ଏହି ବୈଠକରେ ସଭାପତି କାର୍ତ୍ତିକ ବରିହା ଉପସଭାପତି ନନ୍ଦଲାଲ କୁମ୍ଭାର, ଓଡିଏମ ସଭାପତି ଜିତ ଧରୁଆ, ଉପ ସଭାପତି ସମ୍ଭୁ ତାଣ୍ଡି, ପ୍ରସାଦବାଗ, ଆର୍ତ୍ତ ମହାନନ୍ଦ, ଡାନିଏଲ ନାଗ ସହ ଅନ୍ୟମାନେ ସାମିଲ ଥିଲେ।

# ବ୍ରାହ୍ମଣ ସମାଜ ପକ୍ଷରୁ ଫଳବଣ୍ଟନ



**କଣ୍ଟାବାଞ୍ଜି, ୧୩।୭ (ସମିସ):** କଣ୍ଟାବାଞ୍ଜି ବ୍ରାହ୍ମଣ ସମାଜ ପକ୍ଷରୁ ରବିବାର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଫଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡାକ୍ତରଖାନାର ମହିଳା ଓ ପୁରୁଷ ୱାର୍ଡ ଥିବା ରୋଗୀ ମାନଙ୍କୁ ପ୍ରଥମେ ଫଳ ବଣ୍ଟନ କରାଯାଇଥିଲା। ପରେ ସ୍ତ୍ରୀ ଓ ପ୍ରସୁତି ବିଭାଗରେ ଥିବା ଗର୍ଭବତୀ ଙ୍କୁ ମଧ୍ୟ ଫଳ ବଣ୍ଟନ କରାଯାଇଥିଲା। ଏହି ଅବସରରେ ବ୍ରାହ୍ମଣ ସମାଜ ସଭାପତି ଚିନ୍ମୟ କୁମାର ଯୋଷୀ, ଉପସଭାପତି ବିଜୟ ମିଶ୍ର, ସମ୍ପାଦକ ସରୋଜ ପଣ୍ଡା, ସହସମ୍ପାଦକ ଜୟବ୍ରତ ସାହୁ, କୋଷାଧ୍ୟକ୍ଷ ଜନାର୍ଦ୍ଦନ ଠାକୁର, ସହ କୋଷାଧ୍ୟକ୍ଷ ପ୍ରତ୍ୟୁଷ ପାଣିଗ୍ରାହୀ ଏବଂ ସମାଜ ର କାହ୍ନୁଚରଣ ମିଶ୍ର, ଜଗନ୍ନାଥ ଠାକୁର, ଦଣ୍ଡପାଣି ହୋତା, ନରୋତ୍ତମ ପଣ୍ଡା, ମନୋଜ ଠାକୁର, ସଞ୍ଜୟ ପଣ୍ଡା, ଦେବେନ୍ଦ୍ର ପଣ୍ଡା, ପ୍ରଭୂଦତ୍ତ ହୋତା, ସହସ୍ରାଂସୁ ହୋତା, ମୋହନ ଖମାରୀ ସହ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଜେଏସ୍‌ଏମ୍ କଲେଜର ସ୍ନାତକ ଦିବସ ପାଳିତ

# ଗୋଲ୍ଡ ମେଡାଲ ପାଇଥିବା ଶିକ୍ଷାର୍ଥୀ ସମ୍ବର୍ଦ୍ଧିତ



**ବଲାଙ୍ଗିର, ୧୩।୭ (ସମିସ):** ବଲାଙ୍ଗିର ପତିତପାବନ ଏକାଡେମୀ ଠାରେ ଜେଏସ୍‌ଏମ୍ କମର୍ସ ଡିଗ୍ରୀ କଲେଜ ପକ୍ଷରୁ ସ୍ନାତକ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଯୋଗ ଦେଇ ନିଜ ଅଭିଭାଷଣରେ ଛାତ୍ରଛାତ୍ରୀ ମାନଙ୍କ ନମ୍ର ରହିବା, ନିଜ ଉପରେ ବିଶ୍ୱାସ, କଠିନ ପରିଶ୍ରମ ଓ କେବେ ବି ଶିଖିବା ବନ୍ଦ କରନ୍ତୁ ନାହିଁ ବୋଲି ପରାମର୍ଶ ଦେଇଥିଲେ। ଜୀବନର ପରବର୍ତ୍ତୀ ଅଧ୍ୟାୟରେ ପାଦ ଦେବା ସମୟରେ ମନେ ରଖନ୍ତୁ, ଏହା ଶେଷ ନୁହେଁ ବଂର ଆହୁରି କିଛି ବଡ କରିବାର ଆରମ୍ଭ ବୋଲି ସମାବେତ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ଇନକମ୍ ଟ୍ୟାକ୍ସ କମିଶନର ଶ୍ରୀକାନ୍ତ ଚାଟାର୍ଜୀ ଯୋଗଦେଇ ନିଜ ଜୀବନରେ ଲକ୍ଷ ପ୍ରତି ଏକାଗ୍ର ଓ ଦୃଢ଼ ହେବା ସହ ସଫଳତା ପାଇଁ ନିଜ ଭିତରେ ଥିବା ଜିଜ୍ଞାସାକୁ ବୃଦ୍ଧି କରିବା ଉପରେ ଜୋର୍ ଦେଇଥିଲେ। ଛାତ୍ରଛାତ୍ରୀମାନଙ୍କୁ ଆଗକୁ ବଢ଼ିବା ଓ ଦେଶ ଗଠନରେ ଭାଗ ନେବାକୁ କହି ଉତ୍ସାହିତ କରିଥିଲା। ସମ୍ମାନିତ ଅତିଥି ଭାବରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନର ପ୍ରଫେସର ଡ.ମନୋଜ କୁମାର ନାଗ ମଞ୍ଚାସୀନ ରହି କମର୍ସ ପାଠ୍ୟକ୍ରମରେ ଶିକ୍ଷାର୍ଥୀ ମାନଙ୍କ କ୍ୟାରିଅର ସୃଷ୍ଟି କରିବାର ଅନେକ ସୁଯୋଗ ରହିଛି। ତେବେ ଅଧ୍ୟବସାୟ ଓ ନିଷ୍ଠା ବଳରେ ସଫଳତାର ଶିଖରକୁ ଛୁଇଁ ହେବ ବୋଲି ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। କଲେଜର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ସିଏ ଶ୍ରୀକାନ୍ତ ଶର୍ମାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନଶିକ୍ଷୟିତ୍ରୀ ଡ. ମନସ୍ମିତା ମିଶ୍ର, ନିର୍ଦ୍ଦେଶକ ପୀତବାସ ପଣ୍ଡା, ମୁଖ୍ୟ ଉପଦେଷ୍ଟା ମନୋରଞ୍ଜନ ସାହୁ, ବାଣିଜ୍ୟ ବିଭାଗର ମୁଖ୍ୟ ଅଙ୍କିତା ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଜେଏସ୍‌ଏମ୍ କଲେଜରୁ ସଫଳତାର ସହ ଗ୍ରାଜୁଏସନ ସାର୍ଟିଫିକେଟ୍ ହାସଲ କରିଥିବା ୧୫ ଜଣ ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ଡଗ୍ରୀ, ପ୍ରଶଂସା ପତ୍ର ଓ ସ୍ମୃତିଚିହ୍ନ ପ୍ରଦାନ କରାଯାଇଥିଲା। ଜେଏସ୍‌ଏମ୍ କଲେଜର ବାଣିଜ୍ୟ ବିଭାଗର ଛାତ୍ର ଅର୍ଚ୍ଚିସ୍ମାନ ମିଶ୍ର ବାଣିଜ୍ୟ ପରୀକ୍ଷାରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ପ୍ରଥମସ୍ଥାନ ଅଧିକାର କରିଥିବାରୁ ତାଙ୍କୁ ମଧ୍ୟ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ଜେଏସ୍‌ଏମ୍ କଲେଜର ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକ, ଅଭିଭାବିକା ମାନେ ଉପସ୍ଥିତ ଥିଲେ।

# ଭୀମ୍‌ଆର୍ମୀ ତରଫରୁ ସମ୍ବିଧାନ ସଚେତନତା କାର୍ଯ୍ୟକ୍ରମ



**ବଲାଙ୍ଗିର, ୧୩।୭ (ସମିସ):** ଭୀମ୍‌ଆର୍ମୀ ତରଫରୁ ବଲାଙ୍ଗିର ରେ ସମ୍ବିଧାନ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ଟାଉନ ମହିଳା ବିଦ୍ୟଳୟ ଠାରେ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ବ୍ଲକ, ପଞ୍ଚାୟତରୁ କୋଣ ଅନୁକୋଣ ରୁ ଶତାଧିକ କର୍ମୀମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଧିମାନ ପ୍ରସାନ୍ତ ବୌଦ୍ଧ ଯୋଗ ଦେଇ ପ୍ରତ୍ୟେକ ଭାଇମାନଙ୍କୁ ସମ୍ବିଧାନ ବିଚାର ଉପରେ ଉପସ୍ଥାପନା କରିଥିଲେ। ସମ୍ବିଧାନର ବିଚାରରେ କେମିତି ଏକ ସମତାମୂଳକ ସମାଜ ନିର୍ମାଣ ସହିତ ଘରେଘରେ ସମ୍ବିଧାନର ବିଚାର ପହଞ୍ଚିବ ତାହା ଉପରେ ଆଲୋକପାତ କରିଥିଲେ। ଏହି ସମ୍ବିଧାନର ବିଚାର ଶୁଣି ଆସିଥିବା ଶ୍ରୋତାମାନେ ନିଜକୁ ଧନ୍ୟ ମନେକରି ନିଜକୁ ଗର୍ବିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଧିମାନ ସୁଶାନ୍ତ ମଲ୍ଲିକ, ଇନ୍ଦ୍ରଜିତ ଜାଲ, ଚିନ୍ମୟ ହରପାଲ, ଭୀମ ଆର୍ମି ଜିଲ୍ଲା ଇନ୍‌ଚାର୍ଯ୍ୟ ଧୀମାନ ରଜନୀକାନ୍ତ ବୌଦ୍ଧ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସାଧାରଣ ସମ୍ପାଦକ ଧୀମାନ ସୁଶାନ୍ତ ବୌଦ୍ଧ ପରିଚାଳନା କରିଥିଲେ। ସଭା ସମିତି ଶେଷ ଆଡ଼କୁ ଧୀମାନ ସୁଶାନ୍ତ ଭାଇ ଏବଂ ରଜନୀଙ୍କ ଜରିଆରେ କିଛି ଭୀମ ଆର୍ମି ପଦପୂରଣ କରାଯାଇଥିଲା ଏବଂ ଜିଲ୍ଲା ସାଧାରଣ ସମ୍ପାଦକ ସୁଶାନ୍ତ ବୌଦ୍ଧଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା। ଭୀମଆର୍ମି ତରଫରୁ ଜିଲ୍ଲା ସଭାପତି ଭାବେ ଅନୀଲ ମୁଗ୍ରୀ ଓ ନଗର ସଭାପତି ଯଶୋବନ୍ତ ବଡ଼ିଆଙ୍କୁ ମନୋନୀତ କରାଯାଇଥିଲା।

## ଆଦିବାସୀ କଲ୍ୟାଣ ସଂଘର ପ୍ରସ୍ତୁତି ବୈଠକ

# ଆଦିବାସୀ ମାରଣନୀତି ପ୍ରତିବାଦରେ ସଚେତନ କରାଯିବ

**ପାଟଣାଗଡ଼, ୧୩।୭ (ସମିସ)**

ସ୍ଥାନୀୟ ଆଦିବାସୀ ଭବନ ବ୍ରହ୍ମପୁରାଠାରେ ଅଗଷ୍ଟ ୯ ତାରିଖରେ ହେବାକୁ ଥିବା ବିଶ୍ୱ ଆଦିବାସୀ ଦିବସ ପାଳନ ପାଇଁ ସଂଘର ସଭାପତି ଭୁବନେଶ୍ୱର କୁଅଁରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଦିବାସୀମାନଙ୍କ ବିଭିନ୍ନ ସମସ୍ୟା ସାଲେପାଲି ଗ୍ରାଫାଇଟ ମାଇନିଂ ବ୍ଲକ ଖଣି ଖନନକୁ ଦୃଢ଼ ବିରୋଧ, ରାଜ୍ୟରେ ମୁଖ୍ୟମନ୍ତ୍ରୀ ଆଦିବାସୀ ଏବଂ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଦିବାସୀ ସାମ୍ପ୍ରଦାୟର ଥାଇ ସୁଦ୍ଧା ଦେଶ ଓ ରାଜ୍ୟର ଆଦିବାସୀ ମହାଶଙ୍କଟରେ ଅଛନ୍ତି। ଆଦିବାସୀମାନଙ୍କୁ ନ୍ୟାୟ ମିଳିବା ବଦଳରେ



ଆଦିବାସୀମାନଙ୍କୁ ସମୂଳେ ମୂଳପୋଛ କରିବା ପାଇଁ ଆଦିବାସୀଙ୍କ ଜଙ୍ଗଲ, ଜମିକୁ ହଡ଼ପ କରି କମ୍ପାନୀ ହାତରେ ଟେକି ଦେବାକୁ ସରକାର ମସୁଧା କରୁଛନ୍ତି। ରାଜ୍ୟର ଏକ କୋଟି ପନ୍ଦର ଲକ୍ଷ ଆଦିବାସୀ ବସବାସ କରୁଥିବାବେଳେ ଜଣେ ଆଦିବାସୀକୁ ମୁଖ୍ୟମନ୍ତ୍ରୀ କରି ନିରୀହ ଆଦିବାସୀଙ୍କ କାନ୍ଧରେ ବନ୍ଧୁକ ରଖି ଗୁଳି ଚଳେଇବାର ଯୋଜନା କରୁଛନ୍ତି ସରକାର। ସରକାର କୃଷିଭିତ୍ତିକ ଶିଳ୍ପ ନକରି ଖଣିଜ ଭିତ୍ତିକ ଶିଳ୍ପକରି ଆଦିବାସୀମାନଙ୍କୁ ବିସ୍ଥାପିତ କରିବାକୁ ଯୋଜନା କରୁଛନ୍ତି। ଆଗାମୀ ଦିନରେ ସମସ୍ତ ଗାଁ ଗୁଡିକରେ, ପଞ୍ଚାୟତ, ଜୋନ୍‌ରେ ସଚେତନ ସଭା କରିବା କାର୍ଯ୍ୟକ୍ରମ ହାତକୁ ନିଆଯିବ। ସରକାରର ଆଦିବାସୀ ମାରଣନିତୀ ପ୍ରତିବାଦରେ ଲୋକଙ୍କୁ ସଚେତନ କରାଯିବ। ଗାଁଗୁଡିକୁ ସମ୍ପୂର୍ଣ୍ଣ ମଦମୁକ୍ତ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଉପସ୍ଥିତ କର୍ମକର୍ତ୍ତା ମତ ରଖିଥିଲେ। ସେହିପରି ଅଗଷ୍ଟ ୯ ତାରିଖରେ ପାଟଣାଗଡ଼ଠାରେ ବିଶ୍ୱ ଆଦିବାସୀ ଦିବସ ପାଳନ କରାଯିବ। ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ଗ୍ରାମରୁ ଆଦିବାସୀମାନେ ଯୋଗଦେବାକୁ ଆହ୍ୱାନ ଦିଆଯାଇଥିଲା। ଏହି ବୈଠକରେ ପାଟଣାଗଡ଼ ବ୍ଲକର ପଞ୍ଚାୟତସ୍ତରୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଆଇପିଏସ୍ ସୋନାଲି ମିଶ୍ରା ଆର୍‌ପିଏଫ୍‌ର ପ୍ରଥମ ମହିଳା ଡିଜି



ନୂଆଦିଲ୍ଲୀ,୧୩।୭(ଏଜେନ୍ସି): ବରିଷ୍ଠ ଆଇପିଏସ୍ ଅଫିସର ସୋନାଲି ମିଶ୍ରା ରେଲୱେ ପ୍ରୋଟେକସନ ଫୋର୍ସ (ଆରପିଏଫ୍)ର ପ୍ରଥମ ମହିଳା ମହା ନିର୍ଦ୍ଦେଶକ (ଡିଜି) ଭାବେ ନିଯୁକ୍ତି ପାଇଛନ୍ତି। ଜୁଲାଇ ୩୧ରୁ ସେ ମନୋଜ ଯାଦବଙ୍କଠାରୁ ଏହି ଗୁରୁଦାୟିତ୍ୱ ବହନ କରିବେ। ଏହାକୁ ଆପଏଣ୍ଟମେଣ୍ଟ କମିଟି ଅଫ୍ ଦି କ୍ୟାବିନେଟ ଅନୁମୋଦନ ଦେଇଛି। ସୋନାଲି ହେଉଛନ୍ତି ମଧ୍ୟପ୍ରଦେଶ କ୍ୟାଡରର ୧୯୯୩ ବ୍ୟାଚ୍‌ର ଆଇପିଏସ୍ ଅଫିସର। ଭାରତର ପ୍ରଥମ ମହିଳା ଭାବେ ସେ ଏହି ଦାୟିତ୍ୱ ବହନ କରିବେ। ସେ ଏବେ ମଧ୍ୟପ୍ରଦେଶ ପୁଲିସରେ ଆଡିସନାଲ ଡାଇରେକ୍ଟର ଜେନେରାଲ (ସିଲେକସନ) ଭାବେ କାର୍ଯ୍ୟରତ ଅଛନ୍ତି। ସୋନାଲି ପୂର୍ବରୁ ୨୦୨୧ ଜୁଲାଇରେ ବର୍ଡର ସିକ୍ୟୁରିଟି ଫୋର୍ସ (ବିଏସ୍ଏଫ୍)ର ପ୍ରଥମ ମହିଳା କମାଣ୍ଡର ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ପଞ୍ଜାବର ଭାରତ- ପାକିସ୍ତାନୀ ସୀମାରେ ନିୟୋଜିତ ଥିଲେ। କଶ୍ମୀର ଉପତ୍ୟକାରେ ମଧ୍ୟ ସେ ଇନ୍ସପେକ୍ଟର ଜେନେରାଲ (ଆଇଜି) ଭାବେ ବିଏସ୍ଏଫ୍ ଗୁଇନ୍ଦା ବିଭାଗର ମୁଖ୍ୟ ଭାବେ ସଫଳତାର ସହ କାର୍ଯ୍ୟ କରିଥିଲେ। ସେ ମଧ୍ୟ ପିପିଏମ୍‌ଡିଏସ୍ (ପ୍ରେସିଡେଣ୍ଟ ପୁଲିସ ମେଡାଲ ଫର ଡିଷ୍ଟିଙ୍ଗୁଇସ୍ ସର୍ଭିସ) ଓ ପିଏମ୍‌ଏମ୍‌ଏସ୍ (ପୁଲିସ ମେଡାଲ ଫର୍ ମେରିଟୋରିୟସ ସର୍ଭିସ) ପୁରସ୍କାର ହାସଲ କରିଛନ୍ତି।

# ଆମେରିକାରେ ଗିରଫ ହେଲେ ୮ ଖଲିସ୍ତାନୀ ଆତଙ୍କବାଦୀ




ଜଳନ୍ଧର,୧୩।୭(ଏଜେନ୍ସି): ଭାରତରୁ ଫେରାର ହୋଇ ଆମେରିକା ଯାଇଥିବା କେତେଜଣ ଖଲିସ୍ତାନୀ ଆତଙ୍କବାଦୀଙ୍କୁ ଦେଶର ଗୋଇନ୍ଦା ସଂସ୍ଥା ଏଫ୍‌ବିଆଇ ଗିରଫ କରିଛି। ଏଫ୍‌ବିଆଇ ଓ କେତେକ ସ୍ଥାନୀୟ ଏଜେନ୍ସି ଜୁଲାଇ ୧୧ରେ କାର୍ଲିଫର୍ଣ୍ଣିଆର ସେନ୍ ଜୋକ୍ୱିନ କାଉଣ୍ଟିରେ ବଡ଼ ଧରଣର ଚଢ଼ାଉ କରି ୮ ଜଣ ଖଲିସ୍ତାନୀ ଆତଙ୍କୀଙ୍କୁ ଗିରଫ କରିଛି। ଏହି ଆତଙ୍କୀମାନେ ହେଲେ ଦିଲପ୍ରୀତ ସିଂହ, ଅର୍ଶପ୍ରୀତ ସିଂହ, ଅମୃତପାଲ ସିଂହ, ବିଶାଳ, ପବିତ୍ର ସିଂହ ଓର୍ଫ ପବିତ୍ର ବାଟ୍‌ଲା, ଗୁରତାଜ ସିଂହ, ମନପ୍ରୀତ ରାନ୍ଧୱା ଓ ସରବଜିତ ସିଂହ। ଏମାନଙ୍କ ବିରୋଧରେ ଭିନ୍ନ ଭିନ୍ନ ଅପରାଧିକ ମାମଲା ରୁଜୁ କରାଯାଇଛି। ଖଲିସ୍ତାନ ନେଟ୍‌ୱର୍କକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗିରଫ୍ କରାଯିବା ପରେ ସମସ୍ତଙ୍କୁ ପଚରାଉଚରା କରାଯାଇଥିଲା ଓ ପରେ ସେମାନଙ୍କୁ ଜେଲ୍ ପଠାଇ ଦିଆଯାଇଛି। ଏମାନଙ୍କ ବିରୋଧରେ ଅପହରଣ, ନିର୍ଯାତନା, ଅପରାଧିକ ଷଡ଼ଯନ୍ତ୍ର, ସାକ୍ଷୀଙ୍କୁ ଭୟଭିତ କରାଇବା ଓ ଅନ୍ୟ ମାମଲା ରୁଜୁ କରାଯାଇଛି। ପବିତ୍ର ବାଟଲାକୁ ଗିରଫ କରାଯିବା ସବୁଠାରୁ ବଡ଼ ଘଟଣା ବୋଲି କୁହାଯାଇଛି। ସେ ବାବର ଖାଲସା ଇଣ୍ଟରନ୍ୟାସନାଲ ସହିତ ଜଡିତ ରହିଛି। ଏମାନେ ସବୁ ଅବୈଧ ଉପାୟରେ ଭାରତରୁ ଯାଇ ଆମେରିକାରେ ପ୍ରବେଶ କରିଥିଲେ ବୋଲି ଭାରତୀୟ ଏଜେନ୍ସିଗୁଡିକ ତରଫରୁ କୁହାଯାଇଛି।

■ ଇଣ୍ଡୋନେସିଆରେ ଅବୈଧ ଡ୍ରଗ୍ସ ଚାଲାଣ

# ୩ ଭାରତୀୟଙ୍କ ମୃତ୍ୟୁଦଣ୍ଡ ହାଇକୋର୍ଟରେ କାଏମ

ଜାକର୍ତ୍ତା,୧୩।୭(ଏଜେନ୍ସି): ଡ୍ରଗ୍ ତଥା ନିଶାଦ୍ରବ୍ୟ ଅବୈଧ ଚାଲାଣ ଅଭିଯୋଗରେ ୩ ଜଣ ଭାରତୀୟଙ୍କୁ ମିଳିଥିବା ମୃତ୍ୟୁ ଦଣ୍ଡାଦେଶକୁ ଇଣ୍ଡୋନେସିଆ ହାଇକୋର୍ଟ ବଜାୟ ରଖିଛନ୍ତି। ଏହି ୩ ଜଣ ଭାରତୀୟ ହେଲେ ରାଜୁ ମୁଥୁକୁମାରନ, ସେଲବଦୁରାଇ ଦିନାକରନ ଓ ଗୋବିନ୍ଦସ୍ୱାମୀ ବିମଲକନ୍ଦନ। ପୂର୍ବରୁ ଏହି ୩ ଜଣଙ୍କୁ ଗତ ଜୁନ୍ ୨୦ରେ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯାଇଥିଲା। ୨୦୨୪ ଜୁଲାଇ ୪ରେ ଏହି ୩ ଜଣଙ୍କୁ ଇଣ୍ଡୋନେସିଆର ରିୟାଉ ଦୀପରେ ଗିରଫ୍ କରାଯାଇଥିଲା। ତାଞ୍ଜୁଂ ବାଲାଇ କରିମୁନ ଡିଷ୍ଟ୍ରିକ୍ କୋର୍ଟ ଏମାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ମୃତ୍ୟୁଦଣ୍ଡ ଆଦେଶ ଦେଇଥିଲା। ଏବେ ଏହାକୁ ହାଇକୋର୍ଟ ବଜାୟ ରଖିଛନ୍ତି। ଅବଶ୍ୟ ଭାରତ ଏହି ମାମଲାରେ ଆପତ୍ତି ଉଠାଇଛି। ଇଣ୍ଡୋନେସିଆରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ସନ୍ଦୀପ ଚକ୍ରବର୍ତ୍ତୀ ଏ ନେଇ ନିଜର ମତ ରଖିଛନ୍ତି। ଇଣ୍ଡୋନେସିଆର ନ୍ୟାୟ ବ୍ୟବସ୍ଥା ଉପରେ ଆମର ବିଶ୍ୱାସ ଓ ଭରସା ରହିଛି। କିନ୍ତୁ ଏହି ମାମଲାରେ ପ୍ରମାଣଗୁଡିକୁ ଭଲ ଭାବେ ଯାଞ୍ଚ କରାଯାଇନାହିଁ। ରେୟାର ଅଫ୍ ଦି ରେୟାରେଷ୍ଟ କେସ୍‌ରେ ମୃତ୍ୟୁଦଣ୍ଡ ଦିଆଯାଇଥାଏ। ତେଣୁ ଏ ନେଇ ପୁନର୍ବିଚାର କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

ଅମରନାଥ ଯାତ୍ରାରେ ଅଘଟଣ

# ପରସ୍ପରକୁ ଧକ୍କାଦେଲେ ୩ ବସ୍; ୧୦ ଆହତ



ପହଲଗାମ,୧୩।୭(ଏଜେନ୍ସି): ଅମରନାଥ ଯାତ୍ରା ୧୦ମ ଦିବସରେ ପହଞ୍ଚିଛି। ଯାତ୍ରା ବେଳେ ୩ଟି ବସ୍ ପରସ୍ପରକୁ ଧକ୍କା ଦେବା ଫଳରେ ୧୦ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ବାଲଟାଲକୁ ଯାଉଥିବା ଥିବା ବେଳେ ୩ଟି ବସ ପରସ୍ପରକୁ ଧକ୍କା ଦେଇଥିଲେ। ଫଳରେ ତାଚଲୁ କ୍ରସିଂ ନିକଟ୍‌ରେ ଦୁର୍ଘଟଣା ହୋଇଥିଲା। ରବିବାର ଦଶମ ଦିବସରେ ମୋଟ୍ ୧୯,୦୨୦ ଶ୍ରଦ୍ଧାଳୁ ଅମରନାଥର ପବିତ୍ର ଗୁମ୍ଫାରେ ହିମ ଶିବଲିଙ୍ଗ ଦର୍ଶନ କରିଛନ୍ତି। ଏପର୍ଯ୍ୟନ୍ତ ଏକ ଲକ୍ଷ ୮୩ ହଜାର ଭକ୍ତ ଅମରନାଥ ଦର୍ଶନ କରିସାରିଛନ୍ତି। ଏହି ପବିତ୍ର ଯାତ୍ରା ଜୁଲାଇ ୩ରୁ ଆରମ୍ଭ ହୋଇଥିଲା ଓ ଏହା ଅଗଷ୍ଟ ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ରବିବାର ୭,୦୪୯ ଯାତ୍ରୀଙ୍କୁ ନେଇ ଦ୍ୱାଦଶ ପର୍ଯ୍ୟାୟର ଯାତ୍ରା ଭଗବତୀ ନଗର ବେସ୍ କ୍ୟାମ୍ପରୁ ଆରମ୍ଭ ହୋଇଥିଲା। ଯାତ୍ରାର ପ୍ରଥମ ଦିନ ଗୁରୁବାରରେ ୧୨୩୪୮, ଶୁକ୍ରବାର ୧୪୫୧୫, ଶନିବାର ୨୧୧୦୯, ରବିବାର ୨୧୫୧୨, ସୋମବାର ୨୩୮୫୭ ଭକ୍ତ ଦର୍ଶନ ପାଇଁ ଅମରନାଥ ପହଞ୍ଚିଥିଲେ।

କୋଟାରେ ଟ୍ରକ୍‌କୁ ପିଟିଲା ଟ୍ରାଭେଲର

# ଗୋଟିଏ ପରିବାରର ୪ ମୃତ, ୧୦ ଆହତ



କୋଟା,୧୩।୭(ଏଜେନ୍ସି): ରବିବାର ସକାଳେ ଦିଲ୍ଲୀ-ମୁମ୍ବଇ ଏକ୍ସପ୍ରେସ୍ ୱେରେ ଏକ ମର୍ମନ୍ତୁଦ ଦୁର୍ଘଟଣା ହୋଇଛି। ଠିଆ ହୋଇଥିବା ଏକ ଟ୍ରକ୍‌କୁ ଦ୍ରୁତଗତିରେ ଆସି ଏକ ମିନିବସ ତଥା ଟ୍ରାଭେଲର ଧକ୍କା ଦେଇଥିଲା। ଗ୍ରାମୀଣ କୋଟାର ବୁଦ୍ଧାଦିତ ଅଞ୍ଚଳରେ ଭୋର ୫ଟାରେ ଏହି ଦୁର୍ଘଟଣା ହୋଇଥିଲା। ଏଥିରେ ଗୋଟିଏ ପରିବାରର ୪ ଜଣ ସଦସ୍ୟ ଘଟଣାସ୍ଥଳେ ମୃତ୍ୟୁବରଣ କରିଥିବା ବେଳେ ୧୦ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୭ଜଣଙ୍କ ସ୍ଥିତି ଅତି ଗମ୍ଭୀର ବୋଲି କୁହାଯାଇଛି। ଚମ୍ବଲ ବ୍ରିଜ୍ ଉପରେ ଏହି ଟ୍ରକ୍ ଠିଆ ହୋଇଥିଲା। ଆହତଙ୍କୁ କୋଟାର ଏମ୍‌ବିଏସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତଦେହ ଗୁଡିକୁ ମଧ୍ୟ ଏହି ହସ୍ପିଟାଲରେ ରଖାଯାଇଛି। ମଧ୍ୟପ୍ରଦେଶରୁ ଇନ୍ଦୋରୁ ବସ୍‌ରେ ଏହି ପରିବାର ରାଜସ୍ଥାନର କାରୁଲି ଯାଉଥିଲେ। ଏକ ନିର୍ବନ୍ଧ ସମାରୋହରେ ଅଂଶଗ୍ରହଣ କରି ଏମାନେ ଘରକୁ ଫେରୁଥିଲେ। ରାତି ୯ଟାରେ ଏହି ବସ୍ ଇନ୍ଦୋରରୁ ବାହାରି ଥିଲା।

## ପାଟନାରେ ସ୍ପଷ୍ଟ ଦିବାଲୋକରେ ଓକିଲଙ୍କୁ ଗୁଳି

# ୨୪ ଘଣ୍ଟାରେ ୪ ହତ୍ୟା

ପଟନା,୧୩।୭(ଏଜେନ୍ସି): ଅପରାଧୀଙ୍କ ଚରାଭୂଇଁ କୁହାଯାଉଥିବା ବିହାରରେ ଗତ ୨୪ ଘଣ୍ଟା ମଧ୍ୟରେ ୪ଜଣଙ୍କୁ ହତ୍ୟା କରାଯାଇଛି। ବିଧାନସଭା ନିର୍ବାଚନ ଆଉ କିଛି ମାସ ବାକିଥିବା ବେଳେ ଏଭଳି ଆଇନ ଶୃଙ୍ଖଳା ବିପର୍ଯ୍ୟୟକୁ ନେଇ ପ୍ରଶ୍ନ ଉଠିଛି ଓ ସାଧରଣରେ ଭୟର ବାତାବରଣ ସୃଷ୍ଟି ହୋଇଛି।

ସ୍ପଷ୍ଟ ଦିବାଲୋକରେ ଜିତେନ୍ଦ୍ର କୁମାର ମାହତୋ ନାମକ ଜଣେ ଓକିଲଙ୍କୁ କେତେଜଣ ଅଜଣା ବନ୍ଧୁକଧାରୀ ଅତି ନିକଟରୁ ଗୁଳିକରି ହତ୍ୟା କରିଛନ୍ତି। ପାଟନା ଥାନାଠାରୁ ମାତ୍ର ୩୦୦ ମିଟର ଦୂରରେ ଏହି ହତ୍ୟାକାଣ୍ଡ ହୋଇଛି। ୫୮ ବର୍ଷୀୟ ଜିତେନ୍ଦ୍ର ଚା' ପିଇ ଫେରୁଥିବା ବେଳେ ତାଙ୍କୁ ଗୁଳି ହୋଇଥିଲା। ସଙ୍ଗେସଙ୍ଗେ ହସ୍ପିଟାଲକୁ ନିଆଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରତିଦିନ ସେହି ସ୍ଥାନକୁ ଚା ପିଇବାକୁ ଯାଉଥିବା ଜିତେନ୍ଦ୍ରଙ୍କୁ କିଏ ଓ କାହିଁକି ହତ୍ୟା କଲା ତାହା ଜଣାପଡ଼ିନାହିଁ। ପାଟନା ସିଟି ଏଏସ୍‌ପି ଅତୁଲେଶ ଝା ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ସୁଲତାନପୁର ପୁଲିସ ଏହି ଘଟଣା ତଦନ୍ତ ଭାର ହାତକୁ ନେଇଛି। ତଦନ୍ତ ପାଇଁ ଫୋରେନସିକ ସାଇନ୍ସ ଲାବୋରେଟୋରୀକୁ ସୂଚନା ଦିଆଯାଇଛି। ସିସିଟିଭି ଫୁଟେଜକୁ ଆଧାର କରି ପୁଲିସ ଅପରାଧୀମାନଙ୍କୁ ଚିହ୍ନଟ କରିବାକୁ ପ୍ରୟାସ ଜାରି ରଖିଛି।

**ଦୁର୍ବୃତ୍ତଙ୍କ ଶୀକାର ହେଲେ ପଶୁ ଡାକ୍ତର, ବ୍ୟବସାୟୀ**

ଏହାପୂର୍ବରୁ ଶନିବାର ସୀତାମାରି ଜିଲ୍ଲାର ବ୍ୟସ୍ତବହୁଳ ମେହସାଉଲ ଛକରେ ବ୍ୟବସାୟୀ ପୁଟୁ ଖାନ୍‌ଙ୍କୁ ଅତି ନିକଟରୁ ମୁଣ୍ଡକୁ ଗୁଳିକରି ହତ୍ୟା କରାଯାଇଛି।

ସେହିପରି ପାଟନା ଜିଲ୍ଲାର ଶେଖପୁରା ଗାଁରେ ପଶୁ ଡାକ୍ତର ସୁରେନ୍ଦ୍ର କୁମାରଙ୍କୁ ଗୁଳି କରି ହତ୍ୟା କରାଯାଇଛି। ଚାଷ ଜମିରେ ପାଣି ଦେବା ବେଳେ ତାଙ୍କୁ ଦୁର୍ବୃତ୍ତମାନେ ଗୁଳି କରିଥିଲେ।

ଅନ୍ୟଏକ ଘଟଣାରେ ପାଟନାର ବିକ୍ରମ ଝା ନାମକ ଜଣେ ତେଜରାତି ଦୋକାନୀଙ୍କୁ ଅଜଣା ବନ୍ଧୁକଧାରୀ ଗୁଳିକରି ହତ୍ୟା କରିଛନ୍ତି। ରାମକୃଷ୍ଣ ନଗର ଅଞ୍ଚଳରେ ଏହି ଘଟଣା ଘଟିଛି। ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ୨୪ ଘଣ୍ଟାରେ ଏଭଳି ୪ଟି ହତ୍ୟାକାଣ୍ଡ ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ରାଜ୍ୟସଭାକୁ ୪ ସଦସ୍ୟଙ୍କୁ ମନୋନୀତ କଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ,୧୩।୭(ଏଜେନ୍ସି): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଜ୍ୟସଭାକୁ ୪ ଜଣ ସଦସ୍ୟଙ୍କୁ ପଠାଇବାକୁ ସୁପାରିସ କରିଛନ୍ତି। ଏମାନଙ୍କ ମଧ୍ୟରେ ପୂର୍ବତନ ସରକାରୀ ଓକିଲ ତଥା ଲୋକସଭା ନିର୍ବାଚନରେ ବିଜେପିର ପ୍ରାର୍ଥୀ ଉଜ୍ଜ୍ୱଳ ନିକମ୍ ସାମିଲ ରହିଛନ୍ତି। ନିକମ୍ ମୁମ୍ବଇ ୨୬/୧୧ ଆତଙ୍କବାଦୀ ଆକ୍ରମଣ ସମେତ ଏକାଧିକ ମାମଲାରେ ପବ୍ଲିକ ପ୍ରସିକ୍ୟୁଟର ଥିଲେ। ସେହିପରି କେରଳର ବରିଷ୍ଠ ସମାଜସେବୀ ତଥା ଶିକ୍ଷାବିତ୍ ସି. ଚିଦାନନ୍ଦ ମାଷ୍ଟର, ଭାରତର ପୂର୍ବତନ ବୈଦେଶିକ ସଚିବ ମୁମ୍ବଇର ହର୍ଷବର୍ଦ୍ଧନ ଶୃଙ୍ଗଳା ଏବଂ ଦିଲ୍ଲୀର ଇତିହାସକାର ତଥା ଶିକ୍ଷାବିତ୍ ମିନାକ୍ଷୀ ଜୈନ୍ ମଧ୍ୟ ରାଷ୍ଟ୍ରପତିଙ୍କ ସୁପାରିସ କ୍ରମେ ରାଜ୍ୟସଭା ଯିବା ନିଶ୍ଚିତ ହୋଇଛି। ଭାରତୀୟ ସମ୍ବିଧାନର ଧାରା ୮୦ (୩) ଅନୁସାରେ ରାଷ୍ଟ୍ରପତି ୧୨ଜଣଙ୍କୁ ରାଜ୍ୟସଭା ସଦସ୍ୟ ମନୋନୀତ କରିବାର ବ୍ୟବସ୍ଥା ରହିଛି।

# ଲଣ୍ଡନରେ ବିମାନ ଦୁର୍ଘଟଣା



ଲଣ୍ଡନ,୧୩।୭(ଏଜେନ୍ସି): ଲଣ୍ଡନର ଏସେକ୍ସସ୍ଥିତ ସାଉଥ୍‌ଏଣ୍ଡ ବିମାନ ବନ୍ଦରରେ ରବିବାର ଏକ ପ୍ୟାସେଞ୍ଜର ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଉଡ଼ାଣ ଭରିବାର କିଛି ସେକେଣ୍ଡ ମଧ୍ୟରେ ଏହି ଦୁର୍ଘଟଣା ଘଟିଛି। ବିମାନଟି ବିଚ୍ ବି-୨୦୦ ମଡେଲର ଥିଲା ଓ ଏହା ନେଦରଲାଣ୍ଡସର ଲେଲିଷ୍ଟାଡକୁ ଯାତ୍ରା କରୁଥିଲା। ଦୁର୍ଘଟଣାଗ୍ରସ୍ତ ହେବା ପରେ ବିମାନଟି ଆକାଶରେ ଏକ ନିଆଁଗୋଳା ଭଳି ଦେଖାଯାଉଥିଲା। ଦୁର୍ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଦୁର୍ଘଟଣାର କାରଣ ନେଇ କିଛି ସୂଚନା ମିଳିନାହିଁ। ସ୍ଥାନୀୟ ସମୟ ଅପରାହ୍ଣ ୪ ଟା ପୂର୍ବରୁ ହିଁ ଏହି ଦୁର୍ଘଟଣା ଘଟିଥିଲା।

ତୈଳବାହୀ ଟ୍ରେନ୍ ଲାଇନ୍‌ଚ୍ୟୁତ

# ଜଳିଗଲା ୧୮ ବଗି



ଚେନ୍ନଇ,୧୩।୭(ଏଜେନ୍ସି): ତାମିଲନାଡୁର ଥିରୁଭାଲୁର ରେଳ ଷ୍ଟେସନ ନିକଟ୍‌ରେ ଏକ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ ହୋଇଛି। ଏହି ଟ୍ରେନ୍ ମନାଲୀରୁ ଜୋଲାରକେଟ ବାଟ ଦେଇ କର୍ଣ୍ଣାଟକ ଯାଉଥିଲା। ଡିଜେଲକୁ ନେଇ ଯାଉଥିବା ଏହି ମାଲଗାଡି ଲାଇନଚ୍ୟୁତ ହେବା ଫଳରେ ୧୮ଟି ବଗି ଜଳିଯାଇଛି। ୫୨ଟି ବଗିରେ ଡିଜେଲ ଥିଲା। ସେଥିମଧ୍ୟରୁ ୪୦ଟି ଅଲଗା କରାଯାଇଛି। ଷ୍ଟେଶନ ଓ ଆଖପାଖ ଅଞ୍ଚଳକୁ ଖାଲି କରାଯାଇଛି ଓ ଏଲ୍‌ପିଜି ସିଲିଣ୍ଡରଗୁଡିକୁ ଦୂରକୁ ନିଆଯାଇଛି। ସୌଭାଗ୍ୟବଶତଃ ଏଥିରେ କେହି ମୃତାହତ ହୋଇନାହାନ୍ତି। ରବିବାର ସକାଳ ୫.୩୦ରେ ଏହି ଦୁର୍ଘଟଣା ଘଟିଛି। ନିଆଁ ଲାଗିବା ନେଇ କାରଣ ସମ୍ପର୍କରେ ଏବେ କିଛି ସୂଚନା ମିଳିନାହିଁ। ଦମକଳର ଏକାଧିକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଛି। ଅପରାହ୍ଣ ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ୧୦ଟି ଦମକଳ ଗାଡି ସହାୟତାରେ ନିଆଁକୁ ନିୟନ୍ତ୍ରଣକୁ ଅଣାଯାଇଛି। ରେଳବାଇ ଓ ପୁଲିସ ରେଳ ଲାଇନ୍‌ରେ ଥିବା ଫାଟ ନେଇ ଯାଞ୍ଚ୍ କରୁଛି।

ଅପରେସନ କାଳନେମୀ

# ୨୫୯ ନକଲି ବାବା ଗିରଫ



ଡେରାଡୁନ,୧୩।୭(ଏଜେନ୍ସି): ଅପରେସନ କାଳନେମୀ ଦ୍ୱାର ଉତ୍ତରାଖଣ୍ଡ ପୁଲିସ୍ ରାଜ୍ୟରେ ୨୫୯ ଜଣ ନକଲି ବାବାଙ୍କୁ ଗିରଫ କରିଛି। ଧର୍ମନାମରେ ଲୋକଙ୍କ ଧାର୍ମିକ ଭାବନା ଓ ବିଶ୍ୱାସ ସହ ଖେଳିବା ଅଭିଯୋଗରେ ଏମାନଙ୍କୁ ଗିରଫ କରାଯାଇଛି ବୋଲି ପୁଲିସ କହିଛି। ଉତ୍ତରାଖଣ୍ଡକୁ ଦେବଭୂମି ବୋଲି ଅଭିହିତ କରାଯାଇଥାଏ। ଏବେ ଶ୍ରାବଣ ମାସ ଚାଲିଥିବା ବେଳେ କାଉଡିଆଙ୍କୁ ଭ୍ରମିତ କରିବାକୁ ଏହି ବାବାମାନେ ପ୍ରୟାସ କରୁଥିଲେ। ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ ସାରା ରାଜ୍ୟରେ ଲୋକଙ୍କୁ ଠକୁଥିବା ଏହି ନକଲି ସାଧୁବାବାମାନଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଅପରେସନ କାଳନେମୀ ବୋଲି କୁହାଯାଉଛି। ଗିରଫ ହୋଇଥିବା ବାବାମାନଙ୍କ ମଧ୍ୟରୁ ଏକାଧିକ ରାଜ୍ୟ ବାହରର ଓ ଜଣେ ବାଂଲାଦେଶର ବୋଲି କୁହାଯାଇଛି। ଉଲ୍ଲେଖଥାଉ କି, କାଳନେମୀ ହେଉଛି ହିନ୍ଦୁ ପୁରାଣର ଏକ ଅସୁର ତଥା ରାକ୍ଷସର ନାମ। ରାମାୟଣ ଓ ମହାଭାରତ ଭଳି ଗ୍ରନ୍ଥରେ ସେ ବିଭିନ୍ନ ରୂପରେ ଦେଖା ଦେଇଛି। ରାମାୟଣରେ ସେ ମାରିଚର ପୁଅ ଓ ରାବଣର ମାମୁଁ ଥିଲା। ହନୁମାନଙ୍କୁ ରୋକିବା ପାଇ ତାକୁ ପଠାଯାଇଥିଲା। ମହାଭାରତରେ ସେ ଜଣେ ଶକ୍ତଶାଳୀ ଅସୁର ଥିଲା ଓ ତାକୁ ଭଗବାନ ବିଷ୍ଣୁ ତାରକାମୟ ଯୁଦ୍ଧରେ ବଧ କରିଥିଲେ। ପରେ ସେ କଂସ ରୂପରେ ଜନ୍ମ ନେଇଥିଲା ଓ କୃଷ୍ଣ ତାକୁ ମାରିଥିଲେ।

■ ସ୍ୱଚ୍ଛତା ସର୍ବେକ୍ଷଣ ରିପୋର୍ଟ ୨୦୨୪

# ସୁପର୍ ଲିଗ୍‌ରେ ୧୫ ସହର

ନୂଆଦିଲ୍ଲୀ,୧୩।୭(ଏଜେନ୍ସି): ସ୍ୱଚ୍ଛତା ସର୍ବେକ୍ଷଣ ୨୦୨୪ର ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ଶ୍ରେଷ୍ଠ ୧୫ଟି ସ୍ୱଚ୍ଛ ସହରକୁ 'ସ୍ୱଚ୍ଛତା ସୁପର ଲିଗ୍'ରେ ସାମଲ କରାଯାଇଛି। ମଧ୍ୟପ୍ରଦେଶର ଇନ୍ଦୋର, ସୁରତ, ନବୀ ମୁମ୍ବଇ ସମେତ ୧୫ଟି ସହରକୁ ସୁପର ଲିଗ୍‌ରେ ସାମିଲ କରାଯାଇଛି। ଜୁଲାଇ ୧୭ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସ୍ୱଚ୍ଛତା ସର୍ଭେ ପୁରସ୍କାର ପ୍ରଦାନ କରିବେ। ତେଣୁ ଖୁବ୍‌ଶୀଘ୍ର ଏ ନେଇ ଆନୁଷ୍ଠାନିକ ଘୋଷଣା କରାଯିବ। ଏହି ଲିଗ୍‌ରେ ସାମିଲ ହୋଇଥିବା ସହରଗୁଡିକର ର୍‍ୟାଙ୍କିଙ୍ଗ୍ ତଥା ମାନ୍ୟତା ପ୍ରଦାନ କରାଯାଇନଥାଏ। କିନ୍ତୁ ସହରଗୁଡିକୁ ୧୨,୫୦୦ ଅଙ୍କର ସ୍କିମ୍ ବାବଦରେ ଅଙ୍କ ମିଳିବ। ସ୍ୱଚ୍ଛତା ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଏଥର ଗୁଜରାଟର ଅହମଦାବାଦ୍ ପ୍ରଥମ ଓ ଲକ୍ଷ୍ନୌ ଦ୍ୱିତୀୟ ସ୍ଥାନରେ ରହିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ସର୍ଭେ କମିଟିରେ ସ୍ଥାନ ପାଇଥିବା ଅଧିକାରୀ କହିଛନ୍ତି। ତେବେ ଏ ନେଇ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇନାହିଁ। ରାଷ୍ଟ୍ରପତି ପୁରସ୍କାର ଦେବା ଅବସରରେ ହିଁ ତାଲିକା ଘୋଷଣା କରାଯିବ ବୋଲି କୁହାଯାଇଛି।

# ସାମରିକ ମେଣ୍ଟ ନ କରିବାକୁ ଆମେରିକା, ଦ. କୋରିଆ ଓ ଜାପାନକୁ ରୁଷ୍‌ର ଚେତାବନୀ

ପୋଙ୍ଗୟାଙ୍ଗ୍,୧୩।୭(ଏଜେନ୍ସି): ରୁଷିଆ ବୈଦେଶିକ ମନ୍ତ୍ରୀ ସେର୍ଗେ ଲାଭରୋଭ ଶନିବାର ଆମେରିକା, ଦକ୍ଷିଣ କୋରିଆ ଓ ଜାପାନକୁ କଡ଼ା ଚେତାବନୀ ଦେଇଛନ୍ତି। ଉତ୍ତର କୋରିଆ ବିରୋଧରେ କୌଣସି ସାମରିକ ମେଣ୍ଟ ନ କରିବାକୁ ସେ ସତର୍କ କରାଇଦେଇଛନ୍ତି। ଲାଭରୋଭ ଉତ୍ତର କୋରିଆ ଯାତ୍ରା କରିଛନ୍ତି। ସେଠାରେ ସେ ରାଷ୍ଟ୍ରପତି କିମ୍ ଜଙ୍ଗଙ୍କୁ ସାକ୍ଷାତ କରି ତାଙ୍କୁ ଭ୍ଲାଡିମୀର ପୁତିନଙ୍କ ତରଫରୁ ଶୁଭେଚ୍ଛା ଜଣାଇଛନ୍ତି। ଗତ କେତେବର୍ଷ ମଧ୍ୟରେ ରୁଷିଆ ଓ ଉତ୍ତର କୋରିଆ ମଧ୍ୟରେ ସମ୍ପର୍କ ବେଶ୍ ଦୃଢ଼ ହୋଇଛି। ୟୁକ୍ରେନ ବିରୋଧରେ ଯୁଦ୍ଧ ଚାଲିଥିବା ବେଳେ ଉତ୍ତର କୋରିଆ ରୁଷିଆକୁ ଅସ୍ତ୍ରଶସ୍ତ୍ର ଯୋଗାଉଛି। ବଦଳରେ ରୁଷିଆ ମଧ୍ୟ ଉତ୍ତର କୋରିଆକୁ ଅର୍ଥନୈତିକ ଓ ସାମରିକ ସହାୟତା ଯୋଗାଇ ଦେଉଛି। ଲାଭରୋଭ ଉତ୍ତର କୋରିଆ ବୈଦେଶିକ ମନ୍ତ୍ରୀ ଚୋଇ ସୋନଙ୍କୁ ମଧ୍ୟ ଭେଟିଛନ୍ତି। ଉତ୍ତର କୋରିଆର ଚାରିପଟେ ଜାପାନ, ଆମେରିକା ଓ ଦକ୍ଷିଣ କୋରିଆ ସେନା ଉପସ୍ଥିତିକୁ ଜୋରଦାର କରିଛି ଓ ସୈନ୍ୟ ସଂଖ୍ୟା ବଢାଇବାରେ ଲାଗିଛି ବୋଲି ସେ କହିଛନ୍ତି। ତେଣୁ ଏଥିରୁ ନିବୃତ୍ତ ରହିବାକୁ ସେ ଏହି ୩ଟି ଦେଶକୁ ସତର୍କ କରାଇଛନ୍ତି। ଇତିମଧ୍ୟରେ ୟୁକ୍ରେନ୍ ବିପକ୍ଷରେ ଚାଲିଥିବା ଯୁଦ୍ଧରେ ରୁଷିଆର ସମର୍ଥନ କରିବା ପାଇଁ ଉତ୍ତର କୋରିଆ ସୈନ୍ୟ ପଠାଇବାକୁ ନିଷ୍ପତ୍ତି ନେଇଛି। ରୁଷ ଓ ଉତ୍ତର କୋରିଆ ମଧ୍ୟରେ ଗତବର୍ଷ ଏକ ସାମରିକ ଚୁକ୍ତି ହୋଇଥିଲା।

# ଯମୁନା ନଦୀରୁ ନିଖୋଜ ତ୍ରିପୁରା ଛାତ୍ରୀଙ୍କ ମୃତଦେହ ଉଦ୍ଧାର



ନୂଆଦିଲ୍ଲୀ,୧୩।୭(ଏଜେନ୍ସି): ତ୍ରିପୁରାର ଜଣେ ୧୯ ବର୍ଷୀୟ ଝିଅ ଦିଲ୍ଲୀରେ ନିଖୋଜ ହେବା ୬ ଦିନପରେ ତାଙ୍କ ମୃତଦେହ ଯମୁନା ନଦୀରେ ମିଳିଛି। ଏହି ଝିଅ ହେଉଛନ୍ତି ଦକ୍ଷିଣ ତ୍ରିପୁରା ଜିଲ୍ଲାର ୧୯ ବର୍ଷୀୟା ସ୍ନେହା ଦେବନାଥ। ଉତ୍ତର ଦିଲ୍ଲୀର ଗୀତା କଲୋନ ଫ୍ଲାଏ ଓଭର ନିକଟରେ ଯମୁନା ନଦୀରୁ ତାଙ୍କୁ ମୃତହେହ ଉଦ୍ଧାର କରାଯାଇଛି ବୋଲି ପୁଲିସ କହିଛି। ସେ ଦକ୍ଷିଣ ଦିଲ୍ଲୀର ପର୍ଯ୍ୟାବରଣ କମ୍ପ୍ଲେକ୍ସରେ ରହୁଥିଲେ। ସ୍ନେହା ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଆତ୍ମାରାମ୍ ସନାତନ ଧର୍ମ କଲେଜରେ ପଢୁଥିଲେ ଓ ଜୁଲାଇ ୭ରେ ଶେଷଥର ପାଇଁ ନିଜ ପରିବାର ସହ ଫୋନ୍‌ରେ କଥା ହୋଇଥିଲେ। ସେ ପିତୁଆନ ନାମକ ଜଣେ ବନ୍ଧୁ ସହ ସରାଇ ରୋହିଲା ରେଳ ଷ୍ଟେସନକୁ ଯାଉଛନ୍ତି ବୋଲି ଭୋର ୫.୫୬ରେ ମାଙ୍କୁ ଫୋନ କରି ଜଣାଇଥିଲେ। କିନ୍ତୁ ୮.୪୫ରେ ସ୍ନେହାଙ୍କ ମୋବାଇଲ ସ୍ୱିଚ୍‌ଅଫ୍ ହୋଇଥିଲା। କିନ୍ତୁ ସେ ପିତୁଆନାଙ୍କୁ ଦେଖା କରି ନଥିବା ପରେ ଜଣା ପଡିଥିଲା। ତେବେ ଜଣେ କ୍ୟାବ ଡ୍ରାଇଭର ସ୍ନେହାଙ୍କୁ ଦିଲ୍ଲୀର ସିଗ୍‌ନେଚର ବ୍ରିଜ୍‌ଠାରେ ଛାଡିଦେଇଥିବା କଥା ତାଙ୍କ ପରିବାର ଦାବି କରିଛନ୍ତି। କିନ୍ତୁ ଏହାପରେ ତାଙ୍କର କୌଣସି ଖବର ମିଳି ନ ଥିଲା। ଘଟଣାର ତଦନ୍ତ ଚାଲୁରହିଛି।

# ପ୍ରେମିକ ସହ ବାରମ୍ବାର ପଳାଉଥିଲେ ପତ୍ନୀ

**ବିବାହ ବିଚ୍ଛେଦ ପରେ ଖୁସିରେ ୪ ବାଲ୍ଟି କ୍ଷୀରରେ ଗାଧୋଇଲେ ଯୁବକ**



ଗୌହାଟୀ,୧୩।୭(ଏଜେନ୍ସି): ଉତ୍ତରପୂର୍ବ ରାଜ୍ୟ ଆସାମରୁ ଏକ ଅଜବ ଘଟଣା ସାମ୍ନାକୁ ଆସିଛି। ବିବାହ ବିଚ୍ଛେଦ ପରେ ଜଣେ ଯୁବକ ଖୁସିରେ ଆତ୍ମହରା ହୋଇ ୪ ବାଲ୍ଟି କ୍ଷୀରରେ ସ୍ନାନ କରିବା ସହ ସାରା ରାଜ୍ୟରେ ଚର୍ଚ୍ଚା ସୃଷ୍ଟି କରିଛନ୍ତି। ଏବେ ମୁଁ ସମ୍ପୂର୍ଣ୍ଣ ରୂପେ ସ୍ୱାଧୀନ ଓ ବହୁତ ଆନନ୍ଦିତ ଅଛି ବୋଲି ସେ କହିଛନ୍ତି। ଏହି ଘଟଣାକୁ ସେ କ୍ୟାମେରାରେ ରେକର୍ଡିଂ କରିଛନ୍ତି ଓ ଏହାର ଭିଡିଓ ସୋସିଆଲ ମିଡିଆରେ ବେଶ ଭାଇରାଲ ହୋଇଛି। ତାଙ୍କ ପତ୍ନୀ ବାରମ୍ବାର ତା'ର ପ୍ରେମିକ ସହ ପଳାଇ ଯାଇଥିଲେ। କିନ୍ତୁ ପରିବାରରେ ଶାନ୍ତି ବଜାୟ ରଖିବା ପାଇଁ ଚୁପ୍ ରହୁଥିଲେ ବୋଲି ସେ କହିଛନ୍ତି। ଏହି ଯୁବକଙ୍କ ନାମ ହେଉଛି ମାନିକ ଅଲି। ତାଙ୍କ ପତ୍ନୀ ପୂର୍ବରୁ ମଧ୍ୟ ଦୁଇଥର ଘରଛାଡି ଚାଲିଯାଇଥିଲେ ବୋଲି ସ୍ଥାନୀୟ ଲୋକେ କୁହନ୍ତି। ଶେଷରେ ଆପୋସ ବୁଝାମଣାରେ ଦୁହେଁ ପରସ୍ପରକୁ ଛାଡପତ୍ର ଦେଇଛନ୍ତି। ଗତକାଲି ମୋ ଓକିଲ ଛାଡ଼ପତ୍ର ଫାଇନାଲ ହୋଇଛି ବୋଲି କହିଥିଲେ। ତେଣୁ ଆଜି କ୍ଷୀରରେ ସ୍ନାନ କରି ଖୁସି ମନାଉଛି ବୋଲି ମାନିକ କହିଛନ୍ତି। ଭାଇରାଲ ଭିଡିଓରେ ମାନିକ ନିଜ ଘର ବାହାରେ ଏକ ପ୍ଲାଷ୍ଟିକ୍ ସିଟ୍ ଉପରେ ଠିଆ ହୋଇଥିବାର ଦେଖାଯାଇଛି। ତାଙ୍କ ପାଖରେ ୪ ବାଲ୍ଟି କ୍ଷୀର ରଖାଯାଇଛି। ସେ ଗୋଟିଏ ପରେ ଗୋଟିଏ ବାଲ୍ଟିରୁ କ୍ଷୀର ଆଣି ଭିଡିଓରେ ସ୍ନାନ କରୁଥିବାର ଦେଖାଯାଇଛି। ସୋସିଆଲ ମିଡିଆରେ କେତେକ ୟୁଜର୍ସ ଏହାକୁ 'ସ୍ୱତନ୍ତ୍ରତା ଅର୍ଥାତ ସ୍ୱାଧୀନତା ଘୋଷଣା' କହୁଥିବା ବେଳେ ଆଉ କେତେକ ଏହାକୁ ନାଟକ ବୋଲି କହିଛନ୍ତି। ତେବେ ଏହି ଘଟଣାକୁ ନେଇ ରାଜ୍ୟ ଓ ଦେଶରେ ଚର୍ଚ୍ଚା ସୃଷ୍ଟି କରିଛି।

## ଆଜିର ରାଶିଫଳ

**ମେଷ:** ଚାକିରିରେ ସଫଳତା ମିଳିବ। ଅର୍ଥ ନିବେଶ କରିବା ପାଇଁ ଭଲ ସମୟ। ଭବିଷ୍ୟତ ପାଇଁ ଅର୍ଥ ସଞ୍ଚୟ କରିବେ। ଧାର୍ମିକ ଯାତ୍ରା ଯୋଗ ଅଛି। କର୍ମ ଅନୁସାରେ ଫଳ ମିଳିପାରେ। ଆୟ ଓ ବ୍ୟୟ ସମାନ ରହିବ।

**ବୃଷ:** ଦିନଟିରେ ସଫଳତା ପ୍ରାପ୍ତି ହେବ। ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ। ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ଆଶା କରିଥିବା ଦିଗରୁ ଧନ ପ୍ରାପ୍ତି ହେବ। ବନ୍ଧୁଙ୍କ ସହଯୋଗ ମିଳିବ। ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେବେ।

**ମିଥୁନ:** ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ରାଜନୀତିରେ ସକ୍ରିୟ ହେବେ। ଅତିଥି ସତ୍କାରରେ ସମୟ ବିତିବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି କରିବେ।

**କର୍କଟ:** ବ୍ୟବସାୟରୁ ଲାଭ ମିଳିବ। ଅର୍ଥ ନିବେଶରୁ ଦୂରେଇ ରୁହନ୍ତୁ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଅଚାନକ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଆଣ୍ଠୁଗଣ୍ଠି ସମସ୍ୟା ବଢ଼ିପାରେ।

**ସିଂହ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ସମ୍ବନ୍ଧିତ ନୂଆ ଯୋଜନାରୁ ବଞ୍ଚିତ ରହିବେ। ମନ ଖୁସି ରହିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ପିତାମାତା ଚିନ୍ତାରେ ରହିବେ।

**କନ୍ୟା:** ଆର୍ଥିକ ସ୍ଥିତି ଭଲ ରହିବ। ସୁଖଦ ଯାତ୍ରା ଯୋଗ ଅଛି। ବହୁ ଦିନର ଆଶା ପୂରଣ ହେବ। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଭାଇ, ଭଉଣୀଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**ତୁଳା:** ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ। ଛାତ୍ରଛାତ୍ରୀ କର୍ମଚଞ୍ଚଳ ହେବେ। ଆଇନଜୀବୀଙ୍କୁ ସଫଳତା ମିଳିବ। ଘରକୁ ଅତିଥି ଆଗମନ ହେବ। ଜୀବନସାଥୀଙ୍କ ନୂଆ କାମକୁ ନେଇ ଖୁସି ଅନୁଭବ କରିବେ।

**ବିଛା:** ଘରେ ଧନଧାନ୍ୟ ବୃଦ୍ଧି ହେବ। ବିବାହ ପ୍ରସ୍ତାବ ସ୍ଥିର ହେବ। ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ ହେବ। ପରିବାର ସଦସ୍ୟଙ୍କ ମଧ୍ୟରେ ତିକ୍ତତା ଦୂର ହେବ। ପତି-ପତ୍ନୀଙ୍କ ମଧ୍ୟରେ ମନୋମାଳିନ୍ୟ ହୋଇପାରେ।

**ଧନୁ:** ଅଫିସ୍‌ରେ ମାନସମ୍ମାନ ବଢ଼ିବ। ଅନ୍‌ଲାଇନ କାର୍ଯ୍ୟରୁ ଲାଭ ମିଳିବ। ନିବେଶ ପୂର୍ବରୁ ଅଭିଜ୍ଞ ଲୋକଙ୍କ ପରାମର୍ଶ ନିଅନ୍ତୁ। ନୂତନ ବ୍ୟବସାୟ ଆରମ୍ଭ କରିବାକୁ ଅନୁକୂଳ ସମୟ। ପ୍ରେମ ବ୍ୟାପାରରେ ସଫଳ ହେବେ।

**ମକର:** ଚାକିରି ନିଷ୍ପତ୍ତି ପାଇଁ ଦ୍ୱନ୍ଦ୍ୱରେ ରହିବେ। ଛାତ୍ରଛାତ୍ରୀ ଅଧିକ ପରିଶ୍ରମ କରିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାନ ଧର୍ମ କରନ୍ତୁ।

**କୁମ୍ଭ:** କାର୍ଯ୍ୟରେ ବାଧା ଆସିବ। ବ୍ୟବହାରରେ ନିୟନ୍ତ୍ରଣ ରକ୍ଷା କରିବେ। ଭାବିଚିନ୍ତି ଖର୍ଚ୍ଚ କରନ୍ତୁ। କିଛି କଥାକୁ ନେଇ ଚିନ୍ତାରେ ରହିପାରନ୍ତି। ହଜିଯାଇଥିବା ଜିନିଷ ଫେରିପାଇବେ। ମାନସମ୍ମାନ ବୃଦ୍ଧି ପାଇବ।

**ମୀନ:** ଘରେ ପୂଜାପାଠ ଆୟୋଜନ କରିବେ। ନିଜ ପସନ୍ଦର କାର୍ଯ୍ୟ କରି ଖୁସି ହେବେ। ପାରିବାରିକ ଜୀବନ ସୁଖମୟ ହେବ। ନିଜ ଲୋକ ଶତ୍ରୁ ସାଜିପାରନ୍ତି। ସଫଳତା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ।

## ଆଜିର ଇତିହାସ

- ୧୭୮୯- ଫ୍ରାନ୍ସ ବିପ୍ଳବ ଆରମ୍ଭ।
- ୧୮୫୦- ମେସିନ୍ ଦ୍ୱାରା ସୃଷ୍ଟି କରାଯାଇଥିବା ବରଫକୁ ସର୍ବସାଧାରଣରେ ପ୍ରଦର୍ଶନ କରାଗଲା।
- ୧୯୬୯- ଜୟପୁରରେ ମାଲବାହୀ ଓ ଯାତ୍ରୀବାହୀ ଟ୍ରେନ୍ ପରସ୍ପରକୁ ଧକ୍କା ଦେବାରୁ ପାଖାପାଖି ୮୫ ଲୋକଙ୍କ ମୃତ୍ୟୁ।
- ୧୯୭୬-କାନାଡ଼ାରେ ମୃତ୍ୟୁଦଣ୍ଡକୁ ଉଚ୍ଛେଦ କରାଗଲା।
- ୧୯୮୭- ତାଇୱାନ୍‌ରେ ଦୀର୍ଘ ୩୭ ବର୍ଷ ଧରି ଚାଲିଥିବା ମିଲିଟାରୀ ଶାସନର ଅନ୍ତ ଘଟିଲା।

## ରାଜ୍‌ଙ୍କ ସହ ସମ୍ପର୍କକୁ ସ୍ୱୀକାର କଲେ ସାମନ୍ଥା



ସାଉଥ୍ ସିନେମା ଇଣ୍ଡଷ୍ଟ୍ରୀର ଆଗଧାଡ଼ିର ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ ତାଙ୍କ ବୃତ୍ତିଗତ ଜୀବନ ସହ ବ୍ୟକ୍ତିଗତ ଜୀବନକୁ ନେଇ ସବୁବେଳେ ଚର୍ଚ୍ଚାରେ ଥାଆନ୍ତି। ସେ ସୋସିଆଲ ମିଡିଆରେ ମଧ୍ୟ ବେଶ୍ ସକ୍ରିୟ। ସେ ଏବେ ତାଙ୍କର ଏକ ସୋସିଆଲ ମିଡିଆ ପୋଷ୍ଟ ଯୋଗୁଁ ପୁଣି ଥରେ ଚର୍ଚ୍ଚାରେ। ନିକଟରେ ସେ ଆମେରିକାରେ ଛୁଟି କାଟୁଥିବାର ଫଟୋ ସେୟାର୍ କରିଥିଲେ। ଏହି ଫଟୋଗୁଡ଼ିକରେ ସେ ରାଜ୍ ଓ ଅନ୍ୟ ସାଙ୍ଗମାନଙ୍କ ସହ ମଜାମସ୍ତି କରୁଥିବାର ନଜର ଆସିଛନ୍ତି। କିନ୍ତୁ ଏହି ଫଟୋ ମଧ୍ୟରେ ଗୋଟିଏ ଫଟୋ ସୋସିଆଲ ମିଡିଆ ୟୁଜର୍ସଙ୍କ ଧ୍ୟାନ ଆକର୍ଷଣ କରିଥିଲା। ଏହି ଫଟୋରେ ସାମନ୍ଥା ରାଜ୍ ନିଦିମୋରୁଙ୍କ ସହ ଆମେରିକାର ଏକ ରାସ୍ତାରେ ବୁଲୁଥିବାର ଦେଖାଯାଇଥିଲେ। ତେବେ ଏହି ଫଟୋ ମାଧ୍ୟମରେ ସାମନ୍ଥା ରାଜ୍‌ଙ୍କ ସହ ତାଙ୍କ ସମ୍ପର୍କକୁ ଆଉ ଲୁଚାଇବାକୁ ଚାହୁଁ ନଥିବା ଚର୍ଚ୍ଚା ହେଉଛି। ଅବଶ୍ୟ ଏନେଇ ସାମନ୍ଥା କି ରାଜ୍ ଏଯାଏଁ କିଛି କହି ନାହାନ୍ତି। ସାମନ୍ଥାଙ୍କ କାମ କଥା କହିବାକୁ ଗଲେ ସେ ଶେଷ ଥର ପାଇଁ 'ସିଟାଡେଲ: ହନିବନି'ରେ ଦେଖାଯାଇଥିଲେ।

## ଜନସଂଖ୍ୟା ପ୍ରତି ବିପଦ ଏଆଇ

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତା ଚାକିରି ପ୍ରତି ବିପଦ ସୃଷ୍ଟି କରିବା ସମସ୍ତେ ଜାଣନ୍ତି। ତେବେ ଆଗାମୀ ଦିନରେ ଏଆଇର ପ୍ରଭାବ ମଣିଷ ଅସ୍ତିତ୍ୱ ଉପରେ ପଡ଼ିପାରେ ବୋଲି କୁହାଯାଉଛି। ଓକଲାହୋମା ଷ୍ଟେଟ୍ ୟୁନିଭର୍ସିଟିର କମ୍ପ୍ୟୁଟର ସାଇନ୍ସ ପ୍ରଫେସର ସୁଭାଷ କାକଙ୍କ ମତରେ, ଯଦି କୃତ୍ରିମ ବୁଦ୍ଧିମତ୍ତାର ଅଭିବୃଦ୍ଧି ଏହି ଗତିରେ ଜାରି ରହିବ, ତେବେ ୨୩୦୦ ମସିହା ସୁଦ୍ଧା ବିଶ୍ୱ ଜନସଂଖ୍ୟା ୧୦ କୋଟିକୁ ହ୍ରାସ ପାଇପାରେ। ସେହିପରି ଏହି ଧାରା ଯଦି ବଳବତ୍ତର ରହିବ, ଆଗାମୀ ଦିନରେ ଦୁନିଆର ବଡ଼ ବଡ଼ ସହର ନିଶ୍ଚିହ୍ନ ବା ଜନଶୂନ୍ୟ ହୋଇପାରେ। କାକ ଏହାକୁ ଅତ୍ୟନ୍ତ ଭୟାନକ ବୋଲି କହିଛନ୍ତି। ଏହାବାଦ୍ ଲୋକ ଏକଥା ବି ଜାଣିପାରୁ ନାହାନ୍ତି, ଏଆଇ କିଭଳି ଭାବେ ପ୍ରଭାବ ପକାଇବାକୁ ଯାଉଛି। ଏଆଇ ଆସିବା ଦ୍ୱାରା



କାମଧନ୍ଦା ସ୍ୱୟଂଚାଳିତ ହୋଇଯିବ। ଫଳରେ ଲୋକଙ୍କ ଆବଶ୍ୟକତା କମିବ। ଚାକିରି ସଂଖ୍ୟା ହ୍ରାସ ପାଇବ ଏବଂ ଲୋକେ ପରିବାରକୁ ଆଗକୁ ବଢ଼ାଇବାକୁ ପଛଘୁଞ୍ଚା ଦେବେ। ଯେତେବେଳେ ଏଆଇ ଲୋକଙ୍କ ସ୍ଥାନରେ କାମ କରିବା ଆରମ୍ଭ କରିବ, ସେତେବେଳେ ମଣିଷର ଆବଶ୍ୟକତା କେତେ ରହିବ ବୋଲି କାକ କହିଛନ୍ତି। ସେହିପରି ବିଶ୍ୱର କେତେକ ସ୍ଥାନରେ ଜନ୍ମସଂଖ୍ୟା ପୂର୍ବତୁଳନାରେ ହ୍ରାସ ପାଇବାରେ ଲାଗିଛି। ବିଶେଷକରି ଜାପାନ, ଚୀନ୍, ୟୁରୋପ ଏବଂ ଦକ୍ଷିଣ କୋରିଆରେ ଜନସଂଖ୍ୟା ହ୍ରାସ ପାଇ ଚାଲିଛି। ଯଦି ସାରା ବିଶ୍ୱର ଜନସଂଖ୍ୟା ୧୦ କୋଟି ହୋଇଯିବ, ତେବେ ଲଣ୍ଡନ, ନ୍ୟୁୟର୍କ ଭଳି ସହର ଖାଲି ହୋଇଯିବ ଏବଂ ଧାତୁ ଓ ଯନ୍ତ୍ରପାତିରେ ପରିପୂର୍ଣ୍ଣ ହୋଇଯିବ। ଅନ୍ୟପଟେ କାକଙ୍କ କହିବାର ଅର୍ଥ ହେଉଛି, ଏଆଇର ପ୍ରଭାବ କେବଳ କାମ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ, ଏହା ସମାଜ, ପରିବାର, ମାନବ ଅସ୍ତିତ୍ୱ ଉପରେ ମଧ୍ୟ ପ୍ରଭାବ ପକାଇବ। ଏଆଇର ପ୍ରଭାବ ଆରମ୍ଭ ହୋଇଯାଇଥିଲେ ସୁଦ୍ଧା ଆମେ କିନ୍ତୁ ଏହାକୁ ଧ୍ୟାନ ଦେଉ ନାହାନ୍ତି।

## ୩୦ କୋଟି ଟଙ୍କା ଚାକିରି ପାଇଁ ମିଳୁନାହାନ୍ତି କର୍ମଚାରୀ

ସାଧାରଣତଃ ଅଧିକାଂଶ ଲୋକ ଏମିତି ଚାକିରି ଚାହାନ୍ତି, ଯେଉଁଥିରେ ସେମାନଙ୍କୁ କମ୍ ପରିଶ୍ରମ କରିବାକୁ ପଡୁଥିବ ଏବଂ ଅଧିକ ଦରମା ମିଳୁଥିବ। ଏହି କ୍ରମରେ ଏମିତି ବି ଏକ ଚାକିରି ଅଛି, ଯେଉଁଥିରେ ଲୋକଙ୍କୁ ବର୍ଷକୁ ୩୦ କୋଟି ଟଙ୍କା ମିଳିବ। ହେଲେ ବିଡମ୍ବନାର ବିଷୟ ହେଉଛି, ଚାକିରି ପାଇଁ ଲୋକ ମିଳୁ ନାହାନ୍ତି। ଅବଶ୍ୟ ଏହା ଏମିତି ଏକ ଚାକିରି ଯେଉଁଥିରେ କର୍ମଚାରୀଙ୍କୁ ବେଶୀ କିଛି କରିବାକୁ ପଡ଼ିବ ନାହିଁ। ଏହା ସତ୍ତ୍ୱେ ବି ଏହାକୁ ବିଶ୍ୱର ସବୁଠୁ କଷ୍ଟକର କାମ ବୋଲି କୁହାଯାଉଛି। ଏହି ଚାକିରିଟି ଇଜିପ୍ଟର ଫାରୋସ୍



ଦ୍ୱୀପରେ ଥିବା ଆଲେକଜାଣ୍ଡ୍ରିଆ ଲାଇଟ୍ ହାଉସ୍‌ରେ ଅଛି। ଏଠାରେ ବତିଘରର କିପର୍ ଭାବେ କାମ କରିବାକୁ ହେବ। ଏହି ଚାକିରି ଲାଗି ବର୍ଷକୁ ୩୦ କୋଟି ଟଙ୍କା ମିଳିବ। ଚାକିରିର ବିଶେଷତ୍ୱ ହେଉଛି, ଏଠାରେ ନିଯୁକ୍ତ କର୍ମଚାରୀ ଜଣକ ନିଜ ଇଚ୍ଛା ଅନୁସାରେ ଶୋଇପାରିବେ। କିନ୍ତୁ ଗୋଟିଏ କଥା ଉପରେ ଦୃଷ୍ଟି ଦେବାକୁ ହେବ ଯେ, ଲାଇଟ୍ ହାଉସ୍‌ର ଲାଇଟ୍ ଯେମିତି ଜଳୁଥିବ। ସେହିପରି ବତିଘରେ କାମ କରୁଥିବା କର୍ମଚାରୀଙ୍କୁ ଏଠାରେ ଏକୁଟିଆ ହିଁ ରହିବାକୁ ପଡ଼ିବ। କାରଣ ଏହି ବତିଘର ସମୁଦ୍ର ମଝିରେ ରହିଛି। ତେଣୁ ଏଠାରେ ଦୂର ଦୂରାନ୍ତରୁ କୌଣସି ଲୋକ ନଜର ଆସନ୍ତି ନାହିଁ। ଏହାବାଦ୍ ଏଠାରେ ବଡ଼ ଧରଣର ଝଡ଼ ତୋଫାନ ଆସିଲେ କିପର୍‌ଙ୍କ ଜୀବନକୁ ବିପଦ ମଧ୍ୟ ରହିଛି। ଏହି ଚାକିରି ଲାଗି ଶିକ୍ଷାଗତ ଯୋଗ୍ୟତା ଦଶମ ହୋଇଥିଲେ ହେଁ, ଯାନ୍ତ୍ରିକ ଜ୍ଞାନ କୌଶଳ ଜାଣିଥିବା ଦରକାର। ଅନ୍ୟପକ୍ଷରେ ବଡ଼ ବଡ଼ ଜାହାଜକୁ ବାଟ ଦେଖାଇବା ପାଇଁ ଏହି ବତିଘରକୁ ନିର୍ମାଣ କରାଯାଇଥିଲା।

## ଶ୍ରାବଣରେ ଶିବ ଉପାସନା



**ଆଜି ହେଉଛି ଶ୍ରାବଣ ମାସର ପ୍ରଥମ ସୋମବାର। ଭଗବାନ ଶିବଙ୍କ ପୂଜା ଆରାଧନା କରିବା ଲାଗି ଏହା ହେଉଛି ଉତ୍କୃଷ୍ଟ ସମୟ। ଏହି ମାସରେ ଶିବଙ୍କ କୃପା ଲାଭ ପାଇଁ ଶିବଭକ୍ତମାନେ ବ୍ରତ ରଖି ବୋଲବମ୍ ଯାତ୍ରା କରିଥାନ୍ତି।**

**ମାତା ପାର୍ବତୀ ରଖିଥିଲେ ବ୍ରତ:** ହିନ୍ଦୁ ପଞ୍ଜିକାରେ ପଞ୍ଚମ ମାସ ହେଉଛି ଶ୍ରାବଣ। ତେବେ ପୂର୍ଣ୍ଣିମା ଦିନ ଚନ୍ଦ୍ର ଯେଉଁ ନକ୍ଷତ୍ରରେ ରହନ୍ତି, ସେହି ଅନୁସାରେ ମାସର ନାଁ ରଖାଯାଏ। ଏହିପ୍ରକାରେ ଏହି ମାସ ଯେତେବେଳେ ଆରମ୍ଭ ହୁଏ, ସେତେବେଳେ ପୂର୍ଣ୍ଣିମା ଦିନ ଚନ୍ଦ୍ର ଶ୍ରବଣା ନକ୍ଷତ୍ରରେ ବିରାଜମାନ ହୋଇଥାନ୍ତି। ସେଥିପାଇଁ ଏହି ମାସ ଶ୍ରାବଣ ନାଁରେ ପରିଚିତ। ଭଗବାନ ଶିବଙ୍କୁ ବିଭିନ୍ନ କାରଣ ପାଇଁ ଶ୍ରାବଣ ମାସ ବେଶ୍ ପ୍ରିୟ। କୁହାଯାଏ, ଏହି ମାସରେ ମାତା ପାର୍ବତୀ ବର ଭାବେ ଶିବଙ୍କୁ ପାଇବା ପାଇଁ ବ୍ରତ ରଖିଥିଲେ ଓ ତପସ୍ୟା ବି କରିଥିଲେ। ସେଥିପାଇଁ ଏହି ମାସ ଭଗବାନ ଶିବଙ୍କର ଅତି ପ୍ରିୟ।

**ଜଳବର୍ଷା:** ସମୁଦ୍ର ମନ୍ଥନରୁ ବାହାରିଥିବା ହଳାହଳ ବିଷକୁ ଯେତେବେଳେ ମହାଦେବ ପାନ କଲେ ସେତେବେଳେ ତାଙ୍କ ଶରୀରର ତାପ ବଢ଼ିଲା ଏବଂ ଏହି ତାପକୁ କମ୍ କରିବା ପାଇଁ ଭଗବାନ ଶିବଙ୍କ ଉପରେ ଦେବତାମାନେ ଜଳ ବର୍ଷା କଲେ। ଏହଦ୍ୱାରା ଶିବଙ୍କୁ ଶୀତଳତା ମିଳିଥିଲା। ସେହିପରି ଶ୍ରାବଣ ମାସରେ ବର୍ଷା ହୁଏ। ଏ ଦୃଷ୍ଟିରୁ ଏହା ହେଉଛି ଭଗବାନ ଶିବଙ୍କ ପ୍ରିୟ।

**ପ୍ରସନ୍ନ ମୁଦ୍ରାରେ ମହାଦେବ :** ଅନ୍ୟପଟେ ଏହି ମାସରେ ଭଗବାନ ବିଷ୍ଣୁ ଯୋଗନିଦ୍ରାରେ ଥିବାରୁ ସୃଷ୍ଟିର କାର୍ଯ୍ୟଭାର ଭଗବାନ ଶିବ ସମ୍ଭାଳିଥାନ୍ତି। ଏହି ତମାମ ମାସ ଶିବ ପ୍ରସନ୍ନ ମୁଦ୍ରାରେ ରହନ୍ତି। ଏଣୁ ଏହି ସମୟରେ ରୁଦ୍ରାଭିଷେକ କରିବା ଶୁଭ ବୋଲି ବିବେଚନା କରାଯାଏ। ଶିବଙ୍କୁ ପ୍ରସନ୍ନ କରିବା ପାଇଁ ସରଳ ଜୀବନ ଅତିବାହିତ କରିବା ଭଲ। ଏହି ମାସରେ ତାମସିକ ଭୋଜନକୁ ତ୍ୟାଗ କରି ଶିବ ମନ୍ତ୍ରକୁ ଜପ କରିବା ଦରକାର। ସୋମବାର ବ୍ରତ ରଖିବା ଉତ୍ତମ। ଶ୍ରାବଣ ମାସରେ ଶିବଲିଙ୍ଗରେ କ୍ଷୀର, ବେଲପତ୍ର, କେତକୀ ଫୁଲ ଅର୍ପଣ କଲେ ସମସ୍ତ ମନସ୍କାମନା ପୂରଣ ହୁଏ।

## ଜାଣନ୍ତୁ

**ଶ୍ରୀମନ୍ଦିର ରୀତିନୀତିରେ ଅନେକ ନିଆରା ଶବ୍ଦ ବ୍ୟବହାର ହୁଏ। ସେମିତି ଏକ ଶବ୍ଦ ହେଉଛି 'ଡାକୁଆ'। ମନ୍ଦିରରେ ପାଳି ଖଟୁଥିବା ସେବକମାନଙ୍କୁ ଡାକି ସେମାନଙ୍କୁ ନିଜ କାର୍ଯ୍ୟରେ ହାଜର କରାଉଥିବା ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ। ଅର୍ଥାତ୍ ସେବକମାନଙ୍କୁ ଡାକି କାର୍ଯ୍ୟରେ ମୁତୟନ କରାଉଥିବା ବ୍ୟକ୍ତିଙ୍କୁ ଡାକୁଆ କୁହାଯାଏ।**



## ସ୍ୱସ୍ତି

## ରୁପା କଇଁଛ ମୁଦି ଧାରଣର ଲାଭ



**ବାସ୍ତୁ ଶାସ୍ତ୍ର ଏବଂ ଫେଙ୍ଗସୁଇରେ କଇଁଛକୁ ସୁଖ-ସମୃଦ୍ଧିର ପ୍ରତୀକ ଭାବେ ବିବେଚନା କରାଯାଇଛି। କିଛି ଲୋକେ ଘରେ କଇଁଛ ମୂର୍ତ୍ତି ରଖୁଥିବା ବେଳେ ଆଉ କେହି କେହି କଇଁଛ ମୁଦି ହାତରେ ପିନ୍ଧୁଛନ୍ତି। ହିନ୍ଦୁ ଧାର୍ମିକ ମାନ୍ୟତାନୁସାରେ, କଇଁଛ ମୁଦି ପିନ୍ଧୁଥିବା ଲୋକଙ୍କ ଉପରେ ମା' ଲକ୍ଷ୍ମୀଙ୍କ କୃପା ପ୍ରାପ୍ତ ହୁଏ। ତେବେ ରୁପା କଇଁଛ ମୁଦି ଧାରଣର କ'ଣ ରହିଛି ନିୟମ ଓ କେଉଁ ରାଶିଙ୍କ ପାଇଁ ଏହା ଶୁଭ, ସେ ସମ୍ପର୍କରେ ଜାଣିବା।**

### ଧାରଣର ନିୟମ

- ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ସବୁବେଳେ ରୁପା କଇଁଛ ମୁଦି ଧାରଣ କରିବା ଉଚିତ।
- କଇଁଛ ପିଠିରେ 'ଶ୍ରୀ' ଚିହ୍ନ ଥିବା ଭଲ।
- ଧାରଣ ପୂର୍ବରୁ ଏହାକୁ ଗଙ୍ଗାଜଳ କିମ୍ବା ପଞ୍ଚାମୃତରେ ବିଶୁଦ୍ଧ କରନ୍ତୁ।
- ହାତର ମଝି ଅଙ୍ଗୁଳିରେ ଏହାକୁ ପିନ୍ଧିବା ଦରକାର।
- କଇଁଛ ମୁଦିକୁ ସବୁବେଳେ ସଫା କରିବା ଉଚିତ।
- ଶୌଚାଳୟ ଯିବା ପୂର୍ବରୁ ଏହାକୁ ଅଙ୍ଗୁଳିରୁ ବାହାର କରିବା ଉଚିତ।
- କୌଣସି ଅଶୁଦ୍ଧ ସ୍ଥାନକୁ ଏହାକୁ ପିନ୍ଧିକି ଯାଆନ୍ତୁ ନାହିଁ।

**କେଉଁ ରାଶି ପାଇଁ ଶୁଭ:** ରତ୍ନ ଶାସ୍ତ୍ର ଅନୁସାରେ, ବୃଷ ଓ ମକର ରାଶି ବ୍ୟକ୍ତିବିଶେଷଙ୍କ ପାଇଁ କଇଁଛ ମୁଦି ପିନ୍ଧିବା ଶୁଭ। ଏହାକୁ ଧାରଣ କରିବା ଦ୍ୱାରା ଅନେକ ଲାଭ ଏହି ରାଶି ଦ୍ୱୟକୁ ମିଳେ। ଧନ, ସୁଖ, ସମୃଦ୍ଧି, ଆତ୍ମବିଶ୍ୱାସ ବୃଦ୍ଧି ପାଏ। ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ମେଷ, ମୀନ, କନ୍ୟା ଏବଂ ବିଛା ରାଶି ଲୋକେ କଇଁଛ ମୁଦି ପିନ୍ଧିବା ଅନୁଚିତ। ଏହା ସେମାନଙ୍କ ଆର୍ଥିକ ସ୍ଥିତି ଉପରେ ପ୍ରଭାବ ପକାଏ।

## ବାସି ରୁଟି ଦାନ କରୁଥିଲେ...

**ଜ୍ୟୋତିଷ ଶାସ୍ତ୍ରରେ ଦାନର ଖୁବ୍ ମହତ୍ତ୍ୱ ଅଛି। ଏହି କ୍ରମରେ ଅନେକ ବାସି ଖାଦ୍ୟ ମଧ୍ୟ ଦାନ କରନ୍ତି। ତେବେ ବାସି ରୁଟି ଦାନ କରିବା ଠିକ୍ ନା ଭୁଲ, ସେ ସମ୍ପର୍କରେ ନିମ୍ନରେ ପ୍ରଦତ୍ତ କରାଗଲା।**

- ଖାଦ୍ୟ ଦାନ କରିବା ଶୁଭ କଥା। ହେଲେ କାହାକୁ ଅଇଁଠା କିମ୍ବା ବାସି ଖାଦ୍ୟ ଦାନ କରିବା ଅନୁଚିତ। ଏହାଦ୍ୱାରା ପୁଣ୍ୟ ପ୍ରାପ୍ତି ହୋଇ ନ ଥାଏ
- ବାସି ରୁଟି ଦାନ କରିବା ଦ୍ୱାରା ଜୀବନରେ ସକାରାତ୍ମକ ଶକ୍ତି ନାଶ ହୁଏ।
- ବାସି ରୁଟି ଦାନ ଦ୍ୱାରା ଆର୍ଥିକ ସମସ୍ୟା ଦେଖା ଦିଏ। ଘରର ସଦସ୍ୟ ଅସୁସ୍ଥ ରହନ୍ତି।
- ଅଇଁଠା ବା ବାସି ଖାଦ୍ୟ ଦାନ କରନ୍ତୁ ନାହିଁ କି ଏହାକୁ ଫିଙ୍ଗନ୍ତୁ ନାହିଁ। ଏଭଳି କରିବା ଦ୍ୱାରା ଅନ୍ନ ପ୍ରତି ଅପମାନ ହୁଏ।
- ବାସି ରୁଟିରେ ଚିନି ମିଶାଇ ପିମ୍ପୁଡ଼ିକୁ ଖାଇବାକୁ ଦିଅନ୍ତୁ। ପିମ୍ପୁଡ଼ିକୁ ଖାଇବାକୁ ଦେବା ଦ୍ୱାରା ପୁଣ୍ୟ ପ୍ରାପ୍ତି ହୁଏ।
- ବାସି ରୁଟିକୁ ଗାଈକୁ ଦିଅନ୍ତୁ। ଗୋ ସେବା ଦ୍ୱାରା ଜୀବନରେ ସୁଖ-ସମୃଦ୍ଧି ଆସେ। ବାସି ରୁଟିରେ ତେଲ ଲଗାଇ କୁକୁରକୁ ଖାଇବାକୁ ଦିଅନ୍ତୁ। ଶନି ଦୋଷ ଦୂର ହେବ।
- ବାସି ରୁଟି ଖଣ୍ଡକୁ ପକ୍ଷୀ ଦାନ କରିବା ବି ଶୁଭ।



# ସିରିଜ୍ ଜିତିଲେ ମହିଳା




**ବର୍ମିଂହାମ୍, ୧୩।୭ (ଏଜେନ୍ସି):** ଭ୍ରମଣକାରୀ ଭାରତ ବିପକ୍ଷରେ ଅନୁଷ୍ଠିତ ଅନ୍ତିମ ତଥା ୫ମ ଟି-୨୦ ମ୍ୟାଚ୍‌କୁ ଇଂଲଣ୍ଡ ମହିଳା କ୍ରିକେଟ୍ ଦଳ ରୋମାଞ୍ଚକ ଭାବେ ଶେଷ ବଲ୍‌ରେ ଜିତିନେଇଛି। ଭାରତୀୟ ମହିଳା ଦଳ ଏହି ମ୍ୟାଚରେ ପରାଜିତ ହୋଇଥିଲେ ମଧ୍ୟ ଟି-୨୦ ସିରିଜ ୩-୨ରେ ବିଜୟୀ ହୋଇଛି। ପୂର୍ବରୁ ଭାରତ ପ୍ରଥମ ଦୁଇ ମ୍ୟାଚକୁ ଯଥାକ୍ରମେ ୯୭ ରନ ଓ ୨୪ ରନ ଏବଂ ୪ର୍ଥ ମ୍ୟାଚକୁ ୬ ୱିକେଟ୍‌ରେ ଜିତିଥିଲା। ସେହିଭଳି ଇଂଲଣ୍ଡ ମଧ୍ୟ ୩ୟ ଟି-୨୦କୁ ୫ ରନରେ ଜିତିଥିଲା। ଶନିବାର ରାତିରେ ଖେଳାଯାଇଥିବା ୫ମ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଓପନର୍ ଶେଫାଳି ବର୍ମାଙ୍କ ଦ୍ରୁତ ଅର୍ଦ୍ଧଶତକ ବଳରେ ୭ ୱିକେଟ୍‌ରେ ୧୬୭ ରନ କରିଥିଲା। ଶେଫାଳି ୪୧ ବଲରେ ୭୫ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରିଚା ଘୋଷ ୨୪, ଅଧିନାୟିକା ହରମନପ୍ରୀତ୍ କୌର ୧୫, ରାଧା ଯାଦବ ୧୪, ସ୍ମୃତି ମନ୍ଧାନା ୮ ରନ କରିଥିଲେ। ଇଂଲଣ୍ଡର ଚାର୍ଲି ଡିନ ୩ ଓ ସୋଫି ଇକଲେଷ୍ଟୋନ ୨ଟି ୱିକେଟ୍ ନେଇଥିଲେ। ଜବାବରେ ଇଂଲଣ୍ଡ ଦୁଇ ଓପନର୍ ସୋଫି ଡଙ୍କଲେ (୪୬), ଡାନିଏଲ୍ ୱେଟ୍ (୫୬) ଓ ଅଧିନାୟିକା ଟାମି ବିଉମଣ୍ଟ (୩୦)ଙ୍କ ଉପଯୋଗୀ ବ୍ୟାଟିଂ ବଳରେ ୫ ୱିକେଟ୍ ହରାଇ ୨୦ ଓଭରର ଶେଷ ବଲରେ ବିଜୟୀ ହୋଇଥିଲା। ଶେଷ ଓଭରରେ ଜିତିବାକୁ ୬ ରନ ଆବଶ୍ୟକ ହେଉଥିବାବେଳେ ଅରୁନ୍ଧତୀ ରେଡ୍ଡୀ ୨ଟି ୱିକେଟ୍ ନେଇ ମ୍ୟାଚରେ ରୋମାଞ୍ଚ ଆଣିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ଦୁଇ ଦଳ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ବୁଧବାରଠାରୁ ଆରମ୍ଭ ହେବ।

**୫ମ ଟି-୨୦ରେ ଇଂଲଣ୍ଡର ରୋମାଞ୍ଚକ ବିଜୟ**

**ଘାତକ ସାଜିଲା ପିଚ୍; ଗୋଟିଏ ଦିନରେ ୧୪ ୱିକେଟର ପତନ**

# ଟାର୍ଗେଟ୍ ୧୯୩; ଭାରତ ୫୮/୪

**ଲର୍ଡ୍ସ,୧୩।୭ (ଏଜେନ୍ସି):** ଅଫ୍‌ସ୍ପିନର ୱାଶିଂଟନ ସୁନ୍ଦର (୪/୨୨)ଙ୍କ ସୁନ୍ଦର ବୋଲିଂ ବଳରେ ଏଠାରେ ଚାଲିଥିବା ଭାରତ ବିପକ୍ଷ ତୃତୀୟ ଟେଷ୍ଟରେ ଇଂଲଣ୍ଡର ଦ୍ୱିତୀୟ ଇନିଂସ ୧୯୨ ରନ୍‌ରେ ଶେଷ ହୋଇଛି। ପୂର୍ବରୁ ଉଭୟ ଦଳ ପ୍ରଥମ ଇନିଂସରେ ସମାନ ୩୮୭ ରନ୍ ସଂଗ୍ରହ କରିଥିଲେ। ଏହା ଫଳରେ ତୃତୀୟ ଟେଷ୍ଟ ଜିତିବାକୁ ଭାରତ ଆଗରେ ୧୯୩ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହି ଲକ୍ଷ୍ୟକୁ ପିଛା କରି ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ଭାରତ ଦ୍ୱିତୀୟ ଇନିଂସରେ ୪ ୱିକେଟ ହରାଇ ମାତ୍ର ୫୮ ରନ୍ ଭରଣା କରିଛି। ଏହା ଫଳରେ ଆସନ୍ତାକାଲି ଶେଷ ଦିନରେ ଭାରତକୁ ମ୍ୟାଚ୍ ଜିତିବା ଲାଗି ବାକିଥିବା ୬ ୱିକେଟ ବିନିମୟରେ ଆଉ ୧୩୫ ରନ୍ ଆବଶ୍ୟକ ହେଉଛି। ଷ୍ଟମ୍ପ୍ ଅପସାରଣ ବେଳକୁ ଲୋକେଶ ରାହୁଲ ୩୩ ରନ୍‌ରେ ବ୍ୟାଟିଂ କରୁଥିଲେ। ଆଉଟ ହୋଇଥିବା ଖେଳାଳିଙ୍କ ମଧ୍ୟରେ ଯଶସ୍ୱୀ ଜୟସ୍ୱାଲ ୦, କରୁନ ନାୟାର ୧୬, ଅଧିନାୟକ ଶୁବମନ ଗିଲ୍ ୬ ଓ ନାଇଟ୍‌ୱାଚ୍‌ମ୍ୟାନ୍ ଆକାଶଦୀପ ୧ ରନ୍ କରି ଭାରତକୁ ବିପଦ ମଧ୍ୟକୁ ଠେଲି ଦେଇଛନ୍ତି। ଇଂଲଣ୍ଡର ଯୁବ ଫାଷ୍ଟ ବୋଲର ବ୍ରାଇଡନ କାର୍ସ ୨ଟି, ଜୋଫ୍ରା ଆର୍ଚର ଓ ବେନ୍ ଷ୍ଟୋକ୍ସ ଗୋଟିଏ ଲେଖାଏଁ ୱିକେଟ ପାଇଛନ୍ତି। ଲର୍ଡ୍ସ ପିଚ୍ ଘାତକ ସାଜିବା ଫଳରେ ମ୍ୟାଚ୍‌ର ଚତୁର୍ଥ ଦିନରେ ୧୪ ୱିକେଟର ପତନ ଘଟିଛି। ଏହା ମଧ୍ୟରୁ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ସମସ୍ତ ୧୦ଟି ଓ ଭାରତ ଦ୍ୱିତୀୟ ଇନିଂସରେ ୪ ୱିକେଟ ହରାଇଛି। ପୂର୍ବରୁ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ସୁନ୍ଦର ୪ଟି, ସିରାଜ ଓ ବୁମ୍‌ରା ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିବା ଫଳରେ ଦଳ ୧୯୨ ରନ୍ କରିଥିଲା। ଘରୋଇ ଦଳପକ୍ଷରୁ ଜୋ ରୁଟ୍ ସର୍ବାଧିକ ୪୦, ଅଧିନାୟକ ବେନ୍ ଷ୍ଟୋକ୍ସ ୩୩, ହ୍ୟାରୀ ବ୍ରୁକ୍ ୨୩ ଓ ଜ୍ୟାକ୍ କ୍ରାଉଲୀ ୨୨ ରନ୍ କରିଥିଲେ। ଏହି ସିରିଜ୍‌ର ହେଡିଂଲେରେ ଖେଳାଯାଇଥିବା ପ୍ରଥମ ଟେଷ୍ଟକୁ ଇଂଲଣ୍ଡ ଓ ଏଜ୍‌ବାଷ୍ଟନରେ ଭାରତ ବିଜୟ ହାସଲ କରିଥିଲା। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ୧-୧ ବରାବର ସ୍ଥିତିରେ ରହିଛି।




**ରୁଟ୍-ଷ୍ଟୋକ୍ସଙ୍କ ଲଢୁଆ ପାର୍ଟନରସିପ୍**

ଏହି ମ୍ୟାଚ୍‌ର ଚତୁର୍ଥ ଦିନ ସକାଳେ ଇଂଲଣ୍ଡ ତାହାର ଦ୍ୱିତୀୟ ଇନିଂସ ଅତି ସତର୍କତାର ସହ ଖେଳିଥିଲା। କିନ୍ତୁ ଭାରତୀୟ ଫାଷ୍ଟ ବୋଲରଙ୍କ ସଫଳତା ବଳରେ ଇଂଲଣ୍ଡ ୮୭ ରନ୍‌ରେ ୪ ୱିକେଟ ହରାଇ ବିପଦରେ ପଡ଼ିଥିଲା। କିନ୍ତୁ ୫ମ ୱିକେଟ ଭାଗୀଦାରିରେ ୧୨୮ ବଲ୍‌ରୁ ୬୭ ରନ୍ କରି ଇଂଲଣ୍ଡର ସମ୍ମାନ ରଖିଥିଲେ। ରୁଟ୍‌ଙ୍କୁ ୪୦ ରନ୍‌ରେ ବୋଲ୍ଡ କରି ସୁନ୍ଦର ଏହି ଯୋଡିକୁ ଭାଙ୍ଗିଦେଇଥିଲେ। ଏହି ସମୟରେ ସେ ଚମତ୍କାର ବୋଲିଂ କରି ଜେମି ସ୍ମିଥ୍ (୮) ଓ ଅଧିନାୟକ ବେନ୍ ଷ୍ଟୋକ୍ସ (୩୩)ଙ୍କୁ ବୋଲ୍ଡ ଆଉଟ କରିଥିଲେ। ଏହା ଫଳରେ ଦଳର ଶେଷ ୫ ୱିକେଟ ମାତ୍ର ୩୮ ରନ୍‌ରେ ହରାଇଥିଲା। ଶେଷ ଖେଳାଳି ସୋଏବ ବସିରଙ୍କୁ ବୋଲ୍ଡ କରି ସୁନ୍ଦର ଇଂଲଣ୍ଡ ଇନିଂସ ଶେଷ କରିଥିଲେ। ଇନିଂସ ଆରମ୍ଭରେ ମହମ୍ମଦ୍ ସିରାଜ ଓ ଶେଷ ଭାଗରେ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୧୦ଜଣଙ୍କ ମଧ୍ୟରୁ ୮ଜଣ ବୋଲ୍ଡ ହୋଇଥିଲେ। ଭାରତ ଅତିରିକ୍ତରୁ ୩୨ ରନ୍ ବ୍ୟୟ କରିଥିଲା। ଏହା ମଧ୍ୟରେ ବାଇରୁ ୨୫ ରନ୍ ଦେଇଥିଲା। ନିୟମିତ ୱିକେଟ ରକ୍ଷକ ପନ୍ତଙ୍କ ସ୍ଥାନରେ ଧ୍ରୁବ ଜୁରେଲ ୨ଟି କ୍ୟାଚ୍ ହାତଛଡ଼ା କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ଇଂଲଣ୍ଡ ପ୍ରଥମ ଇନିଂସ : ୩୮୭/୧୦, ୧୧୨.୩ ଓଭର** (ରୁଟ୍- ୧୦୪, କାର୍ସ-୫୮, ସ୍ମିଥ-୫୧, କାର୍ସ-୫୬, ଷ୍ଟୋକ୍ସ- ୪୪, ପୋପ୍-୪୪, ବୁମ୍‌ରା-୫/୭୪, ସିରାଜ-୨/୮୫, ରେଡ୍ଡୀ-୨/୬୨)।

**ଭାରତ ପ୍ରଥମ ଇନିଂସ : ୩୮୭/୧୦, ୧୧୯.୨ ଓଭର** (ରାହୁଲ-୧୦୦, ପନ୍ତ-୭୪, ଜାଡେଜା-୭୨, ନାୟାର-୪୦, ରେଡ୍ଡି-୩୧, ସୁନ୍ଦର-୨୩, ଓକ୍ସ-୩/୮୪, ଷ୍ଟୋକ୍ସ-୨/୬୩, ଆର୍ଚର-୨/୫୨)।

**ଇଂଲଣ୍ଡ ଦ୍ୱିତୀୟ ଇନିଂସ : ୧୯୨/୧୦, ୬୨.୧ ଓଭର** (ରୁଟ୍- ୪୦, ଷ୍ଟୋକ୍ସ-୩୩, ବ୍ରୁକ୍-୨୩, କ୍ରାଉଲୀ-୨୨, ସୁନ୍ଦର-୪/୨୨, ସିରାଜ-୨/୩୧, ବୁମ୍‌ରା-୨/୩୮)।

**ଭାରତ ଦ୍ୱିତୀୟ ଇନିଂସ : ୫୮/୪, ୧୭.୪ ଓଭର** (ରାହୁଲ-୩୩*, ଗିଲ୍-୬, ନାୟାର-୧୪, ଜୟସ୍ୱାଲ-୦, କାର୍ସ-୧/୭, ଷ୍ଟୋକ୍ସ-୧/୧୫, ଆର୍ଚର-୧/୧୮)।

**୧୮ ବର୍ଷରୁ କମ୍ ଜାତୀୟ ରଗବୀ**

# ଓଡ଼ିଶା ବାଳକ ରନର୍ସ ଅପ୍



**ଭୁବନେଶ୍ୱର,୧୩।୭ (ସମିସ):** ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ବାଳକ ଦଳ ଉତ୍ତରାଖଣ୍ଡରେ ଆଜି ଶେଷ ହୋଇଥିବା ୧୮ ବର୍ଷରୁ କମ୍ ଜାତୀୟ ରଗ୍‌ବୀ ଚାମ୍ପିଅନସିପ୍‌ରେ ରନର୍ସ ଅପ୍ ହୋଇଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ବିହାର ୧୭-୧୫ରେ ଓଡ଼ିଶାକୁ ପରାସ୍ତ କରି ଜାତୀୟ ରଗ୍‌ବୀରେ ପ୍ରାଧାନ୍ୟ ବିସ୍ତାର ଆରମ୍ଭ କରିଛି। ବାଳିକା ବିଭାଗରେ ମଧ୍ୟ ଓଡ଼ିଶା ରନର୍ସ ଅପ୍ ହୋଇଥିଲାବେଳେ ବିହାର ଚାମ୍ପିଅନ ହୋଇଥିଲା। କ୍ରମାଗତ ଭାବେ ବିହାର ଦଳ ରଗ୍‌ବୀରେ ଉନ୍ନତି କରି ଚାଲିଛି। ପୂର୍ବରୁ ଖେଳାଯାଇଥିବା ବାଳକ ବିଭାଗ ସେମିଫାଇନାଲରେ ଓଡ଼ିଶାଠାରୁ ୨୨-୦ ଗୋଲରେ ଦିଲ୍ଲୀ ଓ ସେମିଫାଇନାଲରେ ୫୯-୦ ପଏଣ୍ଟରେ ତେଲଙ୍ଗାନା ପରାସ୍ତ ହୋଇଥିଲା। ଦୁର୍ବଳ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ଭଲ ଖେଳିଥିଲେ ମଧ୍ୟ ଟାଣୁଆ ଦଳକୁ ହରାଇବାରେ ଓଡ଼ିଶା ବିଫଳ ହୋଇଥିଲା। ରନର୍ସ ଅପ୍ ଓଡ଼ିଶା ଦଳରେ ବିଦ୍ୟାଧର ମାଝୀ, ଚରଣ ହେମ୍ବ୍ରମ୍, ରାହୁଲ ମାଝୀ, ଚିନ୍ମୟ କୁମାର ନାୟକ, ସୁରଜ କୁମାର ଦୋରା, ଈଶ୍ୱର ପୂଝାରୀ, ମଣ୍ଟୁ ଟୁଡୁ, ଶିବ ସୋରେନ୍, ଭରତ କିସାନ, ଆମ୍ରା ମୁର୍ମୁ, ସୁଭାଷ ହାଁସ୍‌ଦା ଓ ଶୁଭପତି ନାଏକ ସାମିଲ ଥିଲେ। ଧୀରେନ ରାଉତ ଏହି ଟିମ୍‌ର ମ୍ୟାନେଜର ଓ ମୁନା ମୁର୍ମୁ ମ୍ୟାନେଜର ରହିଥିଲେ। ଓଡ଼ିଶା ଦଳକୁ ରାଜ୍ୟ ସଂଘ ସମ୍ପାଦକ ଉପେନ୍ଦ୍ର ମହାନ୍ତି ଓ ସଭାପତି ପ୍ରିୟଦର୍ଶୀ ମିଶ୍ର ଅଭିନନ୍ଦନ ଜଣାଇଛନ୍ତି।

# ପ୍ରଥମ ୟୁଥ୍ ଟେଷ୍ଟରେ ଭାରତର ବିଶାଳ ସ୍କୋର

**ବେକେନହାମ୍, ୧୩।୭ (ଏଜେନ୍ସି):** ଘରୋଇ ଇଂଲଣ୍ଡ ବିପକ୍ଷରେ ଏଠାରେ ଚାଲିଥିବା ପ୍ରଥମ ୟୁଥ୍ (୧୯ ବର୍ଷରୁ କମ୍) ଟେଷ୍ଟରେ ଭାରତ ପ୍ରଥମ ପାଳିରେ ୫୪୦ ରନର ବିଶାଳ ସ୍କୋର କରିଛି। ପ୍ରଥମ ଦିନରେ ୭ ୱିକେଟ୍‌ରେ ୪୪୨ ରନ କରିଥିବା ଭାରତ ରବିବାର ଦ୍ୱିତୀୟ ଦିବସରେ ଆଉ ୯୮ ରନ ଯୋଡ଼ି ବଳକା ୩ ୱିକେଟ୍ ହରାଇଥିଲା। ଭ୍ରମଣକାରୀ ଭାରତ ପକ୍ଷରୁ ଅଧିନାୟକ ଆୟୁଷ ମହାତ୍ରେ ସର୍ବାଧିକ ୧୦୨ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆର୍‌ଏସ୍ ଆମ୍ବ୍ରିସ ୭୦, ଅଭିଜ୍ଞ କୁଣ୍ଡୁ ୯୦, ରାହୁଲ କୁମାର ୮୫, ହେନିଲ ପଟେଲ ୩୮ ରନ କରିଥିଲେ। ବୋଲିଂରେ ଘରୋଇ ଇଂଲଣ୍ଡ ୟୁଥ୍ ଦଳ ପକ୍ଷରୁ ଆଲେକ୍ସ ଗ୍ରୀନ ଓ ରାଲଫି ଆଲବର୍ଟ ୩ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଇଂଲଣ୍ଡ ଶେଷ ଖବର ସୁଦ୍ଧା ୬୦ ଓଭରରେ ୫ ୱିକେଟ୍ ହରାଇ ୨୩୦ ରନ କରିଛି। ହମ୍‌ଜା ଶେଖ ୮୪ ଓ ରକି ଫ୍ଲିଣ୍ଟଫ ୯୩ ରନ କରି ଆଉଟ୍ ହୋଇଛନ୍ତି। ହମ୍‌ଜା ଅର୍ଦ୍ଧଶତକୀୟ ପାଳିରେ ୧୦ ଚୌକା ଓ ଗୋଟିଏ ଛକା ସହାୟତାରେ ଭାରତକୁ ଲଢୁଆ ଜବାବ ଦେବାରେ ସମର୍ଥ ହୋଇଛନ୍ତି। ହେନିଲ ପଟେଲଙ୍କୁ ୨ଟି ୱିକେଟ୍ ମିଳିଛି।

**■ ସର୍ବଭାରତୀୟ ର୍‍ୟାଙ୍କିଙ୍ଗ ବ୍ୟାଡମିଣ୍ଟନ**

# କ୍ୱାର୍ଟରରେ ରଘୁ ଓ ମାନସୀ



**ଭୁବନେଶ୍ୱର,୧୩।୭ (ସମିସ):** ପୁରୁଷ ବିଭାଗ ଟପ୍ ସିଡ୍ କର୍ଣ୍ଣାଟକର ରଘୁ ଏମ୍ ଓ ମହିଳା ବିଭାଗରେ ଉତ୍ତରପ୍ରଦେଶର ଟପ୍ ସିଡ୍ ମାନସୀ ସିଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ବ୍ୟାଡମିଣ୍ଟନ ଆସୋସିଏସନର ମିଳିତ ସହଯୋଗରେ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ନ୍ୟାସନାଲ ସିନିୟର ର୍‍ୟାଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏମାନଙ୍କ ସହ ଅନ୍ୟ ସିଡେଡ୍ ଖେଳାଳି ମଧ୍ୟ ଶେଷ-୮ରେ ସ୍ଥାନ ସୁରକ୍ଷିତ କରିଛନ୍ତି। ପୁରୁଷ ବିଭାଗ ଏକକରେ ତୃତୀୟ ସିଡ୍ ମହାରାଷ୍ଟ୍ରର କୌଶଳ ଧର୍ମମେର, ହରିୟାଣାର ମନରାଜ ସିଂ, ପଞ୍ଜାବର ଅଭିନବ ଠାକୁର, ମଣିପୁରର ଅଣସିଡେଡ ଖେଳାଳି ମଇସ୍‌ନାମ ମେଇରବା, ୯ମ ସିଡ୍ ହରିୟାଣାର ରବି, ଦିଲ୍ଲୀର ଏସ୍ ଜିନପଲ ମଧ୍ୟ କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ପୁରୁଷ ବିଭାଗର ଦ୍ୱିତୀୟ ସିଡ୍ ହରିୟାଣାର ଗୌତମ ଅରୋରା, ୫ମ ସିଡ୍ କର୍ଣ୍ଣାଟକର ତୁଷାର ସଭୀର ପ୍ରି-କ୍ୱାର୍ଟରରେ ପରାଜିତ ହୋଇଛନ୍ତି। ମହିଳା ଏକକରେ ଟପ୍ ସିଡ୍ ମାନସୀ ସିଂଙ୍କ ସହ ଦ୍ୱିତୀୟ ସିଡ୍ ଗୁଜରାଟର ଶ୍ରେୟା ଲେଲେ, ୫ମ ସିଡ୍ ଆନ୍ଧ୍ରର ସୁର୍ଯ୍ୟା ଚାରିସ୍ମା ତାମିରି, ଗୁଜରାଟର ଆୟେଷା ଗାନ୍ଧି, ମହାରାଷ୍ଟ୍ରର ଦିଲ୍ଲୀର ଦିଆଙ୍କା ୱାଲଦିଆ, ରାଜସ୍ଥାନର ସାକ୍ଷୀ ଫୋଗତ, କର୍ଣ୍ଣାଟକର ଇଲିଶା ପଲ୍ ମଧ୍ୟ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଆସନ୍ତାକାଲି ସମସ୍ତ ବିଭାଗର ସେମିଫାଇନାଲ ଓ ୧୫ରେ ଫାଇନାଲ ମ୍ୟାଚ୍ ଖେଳାଯିବ।

# ଇଣ୍ଡିଆନ୍ ଓପନ୍ ଆଥ୍‌ଲେଟିକ୍ ମିଟ୍‌ରେ ଓଡ଼ିଆଙ୍କ ଚମକ




**ଭୁବନେଶ୍ୱର, ୧୩।୭ (ସମିସ):** ପୁନେର ସାବିତ୍ରୀବାଇ ଫୁଲେ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଏକଦିବସୀୟ ଇଣ୍ଡିଆନ୍ ଓପନ୍ ଆଥ୍‌ଲେଟିକ୍ସ ମିଟ୍‌ରେ ଓଡ଼ିଆ ପ୍ରତିଯୋଗୀଙ୍କ ଚମକ ଦେଖିବାକୁ ମିଳିଛି। ପୁରୁଷ ୧୦୦ ମିଟର ରେସ୍-ଏ'ରେ ଭେଟେରାନ ଅମୀୟ ମଲ୍ଲିକ ୧୦.୬୩ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ହାସଲ କରିଥିଲେ। ସେହିଭଳି ୧୦୦ ମିଟର ରେସ୍-ବି'ରେ ଅବିନାଶ ସାହୁ ୧୦.୭୭ ସେକେଣ୍ଡ ସମୟ ନେଇ ପୋଡିୟମର ୨ୟ ସ୍ଥାନରେ ରହିଥିଲେ। ମହିଳା ୮୦୦ ମିଟର ଲକ୍ଷ୍ମୀପ୍ରିୟା କିଶାନ ବାଜିମାତ୍ କରିନେଇଛନ୍ତି। ସେ ୨ ମିନିଟ୍ ୧୩.୭୧ ସେକେଣ୍ଡରେ ରେସ୍ ଶେଷ କରି ପୋଡିୟମର ପ୍ରଥମ ସ୍ଥାନ ହାସଲ କରିଥିଲେ। ମହିଳା ଲଙ୍ଗଜମ୍ପରେ ମଧ୍ୟ ପ୍ରଥମ ଦୁଇ ସ୍ଥାନରେ ଓଡ଼ିଆ ଖେଳାଳି ରହିଛନ୍ତି। ସେମାନେ ହେଲେ ମନୀଷା ମେରେଲ ଓ ଅନନ୍ୟା ସିଂ। ମନୀଷା ୫.୭୨ ମିଟର ଡେଇଁ ପ୍ରଥମ ଓ ଅନନ୍ୟା ୫.୧୨ ମିଟର ଡେଇଁ ୨ୟ ସ୍ଥାନରେ ରହିଥିଲେ। ସେହିଭଳି ପୁରୁଷ ହାଇଜମ୍ପରେ ସ୍ୱାଧୀନ କୁମାର ମାଝୀ (୨.୧୦ ମିଟର) ଓ ଲଙ୍ଗ ଜମ୍ପରେ ସରୂନ ପୟାସିଂହ (୭.୬୮ ମିଟର) ମଧ୍ୟ ପୋଡିୟମର ଦ୍ୱିତୀୟ ସ୍ଥାନରେ ରହି ରାଜ୍ୟ ପାଇଁ ସଫଳତା ଆଣିଛନ୍ତି।

# ସ୍କୁଲ ଓପନ ଚେସ୍: ବିନୀତ ଚାମ୍ପିଅନ



**ଭୁବନେଶ୍ୱର,୧୩।୭ (ସମିସ):** ଭୁବନେଶ୍ୱର ବିଜେଇଏମ୍ ସ୍କୁଲ-୧'ର ବିନୀତ ନାୟକ ତୃତୀୟ ରାଜ୍ୟସ୍ତରୀୟ ସ୍କୁଲ ଚେସ୍‌ରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ବିଜେଇଏମ୍ ସ୍କୁଲ ଓ ଓଡ଼ିଶା ରାଜ୍ୟ ଚେସ୍ ସଂଘ ଆନୁକୂଲ୍ୟରେ ଆୟୋଜିତ ୫ ରାଉଣ୍ଡ ବିଶିଷ୍ଟ ଖେଳରେ ବିନୀତ ୫ ରାଉଣ୍ଡରୁ ୫ ପଏଣ୍ଟ ସଂଗ୍ରହ କରିଥିଲେ। ତାଙ୍କ ପଛକୁ ଗୁରୁ ନାନକ ପବ୍ଲିକ୍ ସ୍କୁଲ୍‌ର ସତ୍ୟମ ସ୍ୱରୂପ ସାହୁ ରନର୍ସ ଅପ୍, ଏପିଜେ ସ୍କୁଲ୍‌ର ପ୍ରାଂଶୁ ଦାସ ତୃତୀୟ, ସାଇ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ଆଦ୍ୟା ଅଦ୍ୱୈତ ଦାସ ଚତୁର୍ଥ ଓ ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆରିଶ ନନ୍ଦ ଗୋସ୍ୱାମୀ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ଆୟୋଜକ ସ୍କୁଲ୍‌ର ଭାଇସ୍ ପ୍ରିନ୍ସିପାଲ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତା ଶେଷରେ ପ୍ରିନ୍ସିପାଲ ସନ୍ଧ୍ୟାରାଣୀ ଜେନା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ।

## ଏପ୍‌ସିଲନ୍ ଫାଉଣ୍ଡେସନ ପକ୍ଷରୁ କୋର୍ଟ ଓ ପିଚ୍ ଉଦ୍‌ଘାଟିତ



**ଭୁବନେଶ୍ୱର, ୧୩।୭ (ସମିସ):** ଏପସିଲନ କାର୍ବନ ପ୍ରାଇଭେଟ୍ ଲିମିଟେଡର ସିଏସ୍‌ଆର୍ ଶାଖା, ଏପ୍‌ସିଲନ ଫାଉଣ୍ଡେସନ ଝାରସୁଗୁଡ଼ାର ବେରୁଣପଦି ଅଞ୍ଚଳରେ ନବନିର୍ମିତ ସ୍ପୋର୍ଟ୍ସ କୋର୍ଟ ଓ କ୍ରିକେଟ୍ ପିଚ୍ ଉଦ୍‌ଘାଟନ କରିଛି। ଅବହେଳିତ ପିଲାମାନଙ୍କୁ ସେବା ଯୋଗାଉଥିବା ଏକ ଅଣଲାଭକାରୀ ଦାତବ୍ୟ ବିଦ୍ୟାଳୟ ଉତ୍କଳ ଗୌରବ ଇଣ୍ଟରନ୍ୟାସନାଲ ସ୍କୁଲରେ ଏହି କ୍ରୀଡ଼ା ଭିତ୍ତିଭୂମି ଉଦ୍‌ଘାଟିତ ହୋଇଛି। ଏହି କ୍ରୀଡ଼ା କମ୍ପ୍ଲେକ୍ସ ୩୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଉପକୃତ କରିବା ସହ କ୍ରିକେଟ୍, ହକି ତୀରନ୍ଦାଜ କ୍ରୀଡ଼ା କ୍ଷେତ୍ରରେ ଢାଞ୍ଚାଗତ ପ୍ରଶିକ୍ଷଣ ପାଇଁ ସୁବିଧା ପ୍ରଦାନ କରିବ। ଏହି ଉଦ୍‌ଘାଟନ ଅବସରରେ ଏପସିଲନ୍ ଫାଉଣ୍ଡେସନର ନିର୍ଦ୍ଦେଶକ ବିକ୍ରମ ହାଣ୍ଡା କହିଛନ୍ତି, 'ଗ୍ରାମାଞ୍ଚଳ କ୍ରୀଡ଼ା ଭିତ୍ତିଭୂମି କ୍ଷେତ୍ରରେ ନିବେଶ କରି ଆମେ ପିଲାମାନଙ୍କୁ ଜୀବନ କୌଶଳ, ନେତୃତ୍ୱ ଗୁଣବତା ଓ ଏକ ସୁସ୍ଥ ଭବିଷ୍ୟତ ପାଇଁ ମାର୍ଗ ପ୍ରଦାନ କରି ସଶକ୍ତ କରିବା ପାଇଁ ଲକ୍ଷ୍ୟ ରଖିଛୁ।' ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ, ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷୟତ୍ରୀ ପ୍ରମୁଖ ଉପସ୍ଥିତ ରହିଥିଲେ।

# ମେର୍ଟେନ୍ସ-କୁଦେରମେଟୋଭା ମହିଳା ଯୁଗଳ ଚାମ୍ପିଅନ

**ଲଣ୍ଡନ,୧୩।୭ (ଏଜେନ୍ସି)**

୮ମ ସିଡ୍ ବେଲଜିୟମର ଏଲିସେ ମେର୍ଟେନ୍ସ ଓ ଭେରୋନିକା କୁଦେରମେଟୋଭା ୱିମ୍ବଲଡନ ମହିଳା ଯୁଗଳ ଟାଇଟଲ ବିଜୟୀ ହୋଇଛନ୍ତି। ରବିବାର ଖେଳାଯାଇଥିବା ଫାଇନାଲ ମୁକାବିଲାରେ ମେର୍ଟେନ୍ସ ଓ କୁଦେରମେଟୋଭାଙ୍କ ଯୋଡି ଚତୁର୍ଥ ସିଡ୍ ଲାଟଭିଆର ସି ସୁ-ୱେଇ ଓ ଲାଟଭିଆର ଜେଲେନା ଓଷ୍ଟାପେଙ୍କୋଙ୍କୁ ୨-୧ ସେଟ୍‌ରେ ପରାସ୍ତ କରି ଏହି ଟାଇଟଲ ଜିତିଥିଲେ। ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ଏହି ମୁକାବିଲାରେ ଓଷ୍ଟାପେଙ୍କୋ-ସୁ-ୱେଇ ପ୍ରଥମ ସେଟ୍‌କୁ ୬-୩ରେ ଜିତିନେଇଥିଲେ। କିନ୍ତୁ ମେର୍ଟେନ୍ସ ଓ କୁଦେରମେଟୋଭାଙ୍କ ଯୋଡି ପରବର୍ତ୍ତୀ ଦୁଇଟି ସେଟ୍‌କୁ ୬-୨, ୬-୪ରେ ଜିତିବା ସହ ଟାଇଟଲ କବ୍‌ଜା କରିନେଇଥିଲେ।

ଆଜି ପୁରୁଷ ଏକକ ଫାଇନାଲ୍‌ରେ ଉଦୀୟମାନ ଯୁବ ଖେଳାଳି ତଥା ଗତ ଦୁଇଥରର ବିଜେତା ସ୍ପେନ୍‌ର କାର୍ଲୋସ ଆଲକାରାଜଙ୍କ ସହ ବିଶ୍ୱର ନଂ-୧ ଖେଳାଳି ଇଟାଲୀର ଜାନିକ ସିନ୍ନରଙ୍କ କଡ଼ା ମୁକାବିଲା ଚାଲିଛି। ଡିଫେଣ୍ଡିଂ ଚାମ୍ପିଅନ୍ ଆଲକାରାଜ ଏଠାରେ ଗତ ଦୁଇଥର ଜିତିଥିବାରୁ ଏଠାରେ ଢ଼େର ଅଭିଜ୍ଞତା ହାସଲ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଆଲକାରାଜ ୩-୦ ସେଟ୍‌ରେ ୫ମ ସିଡ୍ ଆମେରିକାର ଟେଲର ଫ୍ରିଜ୍‌କୁ ପରାସ୍ତ କରିଥିଲେ। ଦ୍ୱିତୀୟ ସେମିଫାଇନାଲରେ ସିନ୍ନର ୬-୩, ୬-୩, ୬-୪ ସିଧାସଳଖ ସେଟ୍‌ରେ ନୋଭାକ ଜୋକୋଭିଚ୍‌ଙ୍କୁ ହରାଇଥିଲେ। ଉଭୟ ଖେଳାଳିଙ୍କ ମଧ୍ୟରେ ଏହି ଫାଇନାଲ ମୁକାବିଲାକୁ ଦେଖିବା ଲାଗି ଟେନିସ କୋର୍ଟରେ ପ୍ରବଳ ଭିଡ ହୋଇଥିଲା।

ପୂର୍ବରୁ ଗତକାଲି ରାତିରେ ପୋଲାଣ୍ଡର ଇଗା ସ୍ୱିଆଟେକ୍ ଏକତରଫା ଭାବେ ମାତ୍ର ୫୭ ମିନିଟ୍‌ରେ ମହିଳା ଏକକ ଟାଇଟଲ ଜିତିନେଇଥିଲେ। ଶନିବାର ଅନୁଷ୍ଠିତ ଫାଇନାଲରେ ସେ ୧୩ଶ ସିଡ୍ ଆମେରିକାର ଆମାଣ୍ଡା ଆନିସିମୋଭାଙ୍କୁ ୬-୦, ୬-୦ ସିଧାସଳଖ ସେଟ୍‌ରେ ହରାଇଥିଲେ। ଏହା ଫଳରେ ୧୯୮୮ ଫ୍ରେଞ୍ଚ ଓପନ ଫାଇନାଲର ପୁନରାବୃତ୍ତି ହୋଇଥିଲେ।


କାର୍ଲୋସ ଆଲକାରାଜ


ଜାନିକ ସିନ୍ନର

**ୱିମ୍ବଲଡନ**

ନନ୍ଦିଘୋଷ

CAREER Opportunities

Nandighosha Network Pvt. Ltd., a leading & fast-growing Odia News Channel invites applications for its

IT Department.

Candidates having requisite qualifications and experience may send their CV.

| Name of the Post | Experience |
| --- | --- |
| IT Executive | 1. Diploma/Degree in Hardware & Networking / MCA from a recognized institute/University. 2. Key Responsibilities: • Manage and maintain all IT infrastructure including systems, networks, and broadcast equipment. • Provide technical support to newsroom, production, and editorial teams. • Ensure the smooth operation of broadcasting software, editing systems, and studio setups. • Troubleshoot hardware/software/network issues and ensure minimal downtime. 3. 3 to 5 years of experience in information technology. Priority will be given to electronic / digital media experience. |

Please apply along with your detailed CV with recent passport size photo via e-mail: hr@nandighoshatv.com by 15th July, 2025.
Only shortlisted candidates will be called for Personal Interview.

Contact No. 9437016499 HR Dept.

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS